
ସୁନ୍ଦରଙ୍କ ସୁନ୍ଦର ବୋଲିଂ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-20 • MONDAY • 14 JULY 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୩ • ସଂଖ୍ୟା-୨୦ • ସୋମବାର • ୧୪ ଜୁଲାଇ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ନିର୍ଯାତନା ନିଆଁ; ଜଳୁଛି ଓଡ଼ିଶା

## ଏଫ୍ଏମ୍ କଲେଜରେ କ୍ରାଇମ୍ବ୍ରାଞ୍ଚର ଖୋଳତାଡ଼

## ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲା ବିଜେଡି

■ ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି । ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି । ତାଙ୍କ ଶରୀରର ୯୦ ଭାଗରୁ ଉର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି । ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ହୋଇଥିଲେ ହେଁ ତାଙ୍କୁ ନ୍ୟାୟ ଦେବାରେ କଲେଜ କର୍ତ୍ତୃପକ୍ଷ ଓ ▶ପୃଷ୍ଠା-୭



## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ

### ଦିଲ୍ଲୀ ଏମ୍ସ ପରାମର୍ଶକ୍ରମେ ଡାଏଲିସିସ୍

### ଚିକିତ୍ସା ପାଇଁ ଏମ୍ସର ୧୦ ଜଣିଆ କମିଟି

■ ଭୁବନେଶ୍ୱର, ୧୩।୭ (ସମିସ): ଆତ୍ମାହୁତି ଉଦ୍ୟମ କରି ଏମ୍ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି । ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ଼୍ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି । ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି । ରକ୍ତରେ ପୋଟାସିୟମ୍ ▶ପୃଷ୍ଠା-୭

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ

## ୩ ଦିନରେ ରିପୋର୍ଟ ଦିଅ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି । ନିଜ ଆଡ୍ରୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି । ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି । କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି ।

## ନବୀନଙ୍କ ଉଦ୍‌ବେଗ: ଲୋଡ଼ିଲେ ରାଜ୍ୟପାଳଙ୍କ ହସ୍ତକ୍ଷେପ



### ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ କରିବାକୁ ଦାବି

### ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି । ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ଗଭୀର ବିଚଳିତ ଓ ମର୍ମାହତ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ▶ପୃଷ୍ଠା-୭

### ଭୋଟର ତାଲିକା ଯାଞ୍ଚ୍

## ସାରା ଦେଶରେ ବିହାର ଢାଞ୍ଚା

■ ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ୍ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି । ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ । ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ । ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନଙ୍କୁ ଆକ୍ଟିଭ କରିଛି ।

ଜୁଲାଇ ୧୦ରେ ବିହାରରେ ଏସ୍ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି । ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ । ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ । ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ । ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି । ଅବଶ୍ୟ ବିହାର ଏସ୍ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି । ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି । ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ବାଂଲାଦେଶ ଓ ମିଆଁମାରରୁ ଆସିଥିବା ଲୋକଙ୍କର ନାମ ରହିଥିବାର ଜାଣିବାକୁ ପାଇଛୁ ବୋଲି ଅଧିକାରୀମାନେ କହିଛନ୍ତି । ଅଗଷ୍ଟ ୧ରେ ବାହରୁ ଆସିଥିବା ଏହିଭଳି ଲୋକଙ୍କୁ ଯାଞ୍ଚ୍ କରାଯିବ । ସେପ୍ଟେମ୍ବର ୩୦ରେ ଅନ୍ତିମ ଭୋଟର ତାଲିକା ଜାରି କରାଯିବ ଓ ଏଥିରେ ଅବୈଧ ପ୍ରବାସୀଙ୍କ ନାମକୁ ସାମିଲ କରାଯିବ ନାହିଁ । ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ କରିବାକୁ ନିର୍ବାଚନ କମିଶନ ଏଭଳି ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଉଛି ।

## ନ୍ୟାୟ ଅପେକ୍ଷାରେ ନିର୍ଯାତିତା

### ୮ ମାସ ହେଲା ଖାଲି ପଡ଼ିଛି ମହିଳା କମିଶନ ଅଧ୍ୟକ୍ଷା ପଦ

■ ଭୁବନେଶ୍ୱର, ୧୩।୭ (ସମିସ): ରାଜ୍ୟରେ ୮ ମାସ ହେବ ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି । ଫଳରେ ବିଗତ ଦିନ ହେବ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଥିବା ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବା ରାଜ୍ୟ ପ୍ରଶାସନର ସ୍ଥାଣୁତା ଆଡ଼କୁ ଅଙ୍ଗୁଳି କରିଚି ।

ଦିନକୁ ଦିନ ରାଜ୍ୟରେ ବଢ଼ି ଚାଲିଛି ମହିଳା ହିଂସା । ନିକଟରେ ଗୋପାଳପୁର ବେଳାଭୂମିରେ ଘଟିଥିବା ଘଟଣା ମନରୁ ଲିଭିନଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜରେ ଘଟିଥିବା ଘଟଣା କେବଳ ଓଡ଼ିଶା ନୁହେଁ ସାରା ଭାରତବର୍ଷରେ ଚହଳ ପକାଇଛି । ନିଜର ସୁରକ୍ଷା କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନ ଏମିତିକି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟ୍ୱିଟ ଯୋଗେ ଅବଗତ କରିଥିଲେ ସୁଦ୍ଧା ଉକ୍ତ ଛାତ୍ରୀଙ୍କ ସମସ୍ୟା ଏବଂ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା । ଫଳସ୍ୱରୂପ ସେ ଆତ୍ମାହୁତି ଦେଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି । କାର୍ଯ୍ୟକ୍ଷେତ୍ର ହେଉ ଅବା ଶିକ୍ଷାନୁଷ୍ଠାନ ସବୁଠି ମହିଳାଙ୍କ ପ୍ରତି ହିଂସା ବଢ଼ୁଛି । ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସମାଧାନ କରାଯିବାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବି ପଦରୁ ହଟାଯାଇଛି । ନୂତନ ଅଧ୍ୟକ୍ଷା ଭାବେ ▶ପୃଷ୍ଠା-୭

## ପୁଣି ପ୍ରଜାକୋର୍ଟରେ ବଳଦ ଦଣ୍ଡ

### ପ୍ରେମ ବିବାହ କରିବାରୁ ଦମ୍ପତିଙ୍କୁ ସାମାଜିକ ଦଣ୍ଡ

### ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ ବୁଲାଇଲେ

■ ନାରାୟଣପାଟଣା, ୧୩।୭ (ସମିସ): ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ । ବିବାହ କରି ପରିବାର ଡରରେ ଗାଁ ଛାଡି ଆନ୍ଧ୍ରପ୍ରଦେଶ ପଳାଇଥିଲେ । କିଛି ଦିନ



ଗାଁକୁ ଫେରିବା ପରେ ବିବାହକୁ ସ୍ୱୀକୃତି ମିଳିନଥିଲା । ଏକ ବୈଠକ ଆୟୋଜନ କରି ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଡାକିଥିଲେ । କିନ୍ତୁ ଗାଁରେ ପହଞ୍ଚିବା ପରେ ଉଭୟଙ୍କ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ କରାଯାଇଥିଲା । ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରେମୀଯୁଗଳ ବଳଦ ସାଜି ହଳ କରିଥିଲେ । ଏହା ପରେ ତାଙ୍କୁ ଘରେ ରହିବାକୁ ସ୍ୱୀକୃତି ମିଳିଥିଲା । କିଛି ଦିନ ପୂର୍ବେ ରାୟଗଡ଼ା ଜିଲ୍ଲା ଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଆଜି ଅନୁରୂପ ଘଟଣା ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ନାରାୟପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ ପେଦାଇଟିକି ଗାଁର ଏହି ଘଟଣା ପୁଣି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସମୟରେ ପେଦାଇଟିକି ଗାଁର ନରେନ୍ଦ୍ର ପିଡିକା (୨୨) ଓ ପାଖ ନାରୀମିଟିଂ ଗ୍ରାମର ଜଣେ ଯୁବତୀ ଆଶ ପୀଡ଼ିକା ରଥଯାତ୍ରାରେ ଉଭୟ ପରସ୍ପରକୁ ଭଲ ପାଇ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ । କିଛିଦିନ ପରେ ଘରକୁ ଫେରିଥିଲେ । ପରିବାର ଲୋକମାନେ ଏମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇନଥିଲେ । ଦୁଇ ଗାଁର ଭଦ୍ରଲୋକ ଓ ପରିବାରର ▶ପୃଷ୍ଠା-୭

### ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି । କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା । ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା । ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ । ସେହିପରି ବିଜେବି କଲେଜର ଓଡ଼ିଆ ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି । ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି । ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ପୂର୍ବରୁ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି । ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତେଣୁ ଏଫ୍ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି ।

**ସମସ୍ତେ ଆତ୍ମାହୁତି ଉଦ୍ୟମ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବେ କି ସରକାର?**




## ଏଫ୍.ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଖୋଳତାଡ଼









ବାଲେଶ୍ୱର, ୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛିପଡୁଛି। ଏମ୍ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଙ୍କଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ

- ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିଙ୍କୁ ମାରାଥନ୍ ଜେରା
- କଟକ ସ୍ଥାନାନ୍ତର ହେଲେ ଉଦ୍ଧାରକାରୀ ଛାତ୍ର
- ପରେ ଡାକିବୁ କହି ପୀଡ଼ିତାଙ୍କ ଭାଇକୁ ଫେରାଇଦେଲେ
- ୬ ମାସ ଧରି ଭଉଣୀକୁ ନିର୍ଯାତନା ଦେଉଥିଲେ: ପୀଡ଼ିତାଙ୍କ ଭାଇ

ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କଲେ, ସେ ନିର୍ଯାତନାର ଶିକାର ହେବା ପରେ କଲେଜ କର୍ତ୍ତୃପକ୍ଷ କାହିଁକି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଆଦି ବିଭିନ୍ନ ଦିଗ ଉପରେ ଟିମ୍ ତଦନ୍ତ କରିଛି। ଏହାସହ ମହାବିଦ୍ୟାଳୟରେ ଗଠିତ ହୋଇଥିବା ଆଇସିସି ଟିମ୍‌କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍ ଦୀର୍ଘ ୪ ଘଣ୍ଟା ଧରି ତଦନ୍ତ କରିଥିବା ଜଣାଯାଇଛି। ତଦନ୍ତକାରୀ କମିଟି ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରାଥମିକ ତଦନ୍ତ ହୋଇଛି। ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିର ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ମାରାଥନ୍ ପଚରାଉଚରା କରାଯାଇଛି। ପୁନର୍ବାର ସମସ୍ତଙ୍କୁ ଡକାଯାଇ ତଦନ୍ତ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କୁ ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଟିମ୍‌ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

ପରେ ଅପରାହ୍ଣରେ କ୍ରାଇମବ୍ରାଞ୍ଚର ଏକ ୱିମେନ ୱିଙ୍ଗ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସ୍‌ପି ରହିଛନ୍ତି। ଏହି ଟିମ୍ ଅପରାହ୍ଣ ୫ଟା ପରେ ପହଞ୍ଚିବା ପରେ ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ କଲେଜରେ ତଦନ୍ତ ପାଇଁ ହୋଇଥିବା କମିଟି ଓ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ତଦନ୍ତରେ ସାମିଲ ହେବା ପାଇଁ ପୀଡ଼ିତାଙ୍କ ଭାଇ ସୌମ୍ୟରଞ୍ଜନ ଆଜି କଲେଜକୁ ଆସିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଡକାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସେ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ଗିରଫ କରାଯାଉ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ଭଉଣୀ ଦେହରେ ପେଟ୍ରୋଲି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଭାଗୀୟ ଏଚ୍‌ଓଡି ଏବଂ କଲେଜର ନିଲମ୍ବିତ ଅଧ୍ୟକ୍ଷ। ୬ମାସ ଧରି ସେମାନେ ମୋ' ଭଉଣୀକୁ ନିର୍ଯାତନା ଦେଉଥିଲେ। ଗତକାଲି ବି ଭଉଣୀ ନ୍ୟାୟ ଆଶାରେ କଲେଜକୁ ଯାଇଥିଲା। ସେଠାରେ ତାଙ୍କୁ ବନ୍ଦ କୋଠରିରେ କିଛି ଏଭଳି କୁହାଯାଇଥିଲା ଯାହାଦ୍ୱାରା ଏଭଳି ଚରମ ନିଷ୍ପତ୍ତି ନେବାକୁ ସେ ବାଧ ହୋଇଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି।

## ■ ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା

# ଆଭ୍ୟନ୍ତରୀଣ କମିଟିର ନିରପେକ୍ଷତା ଉପରେ ପ୍ରଶ୍ନ

ବାଲେଶ୍ୱର, ୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ଶିକ୍ଷା ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଉଦ୍ୟମ ଭଳି ଚରମ ନିଷ୍ପତ୍ତି ନେବା ଘଟଣା ପୂରା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତା ଛାତ୍ରୀ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଏବେ ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଛାତ୍ରୀଜଣଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ କିଏ ଦାୟୀ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନା କଲେଜ କର୍ତ୍ତୃପକ୍ଷ, ନା ଆଭ୍ୟନ୍ତରୀଣ କମିଟିର ସଦସ୍ୟ, ନା ଛାତ୍ରୀଜଣଙ୍କ ସଂଶ୍ଳିଷ୍ଟ ଛାତ୍ର ସଂଗଠନର ପ୍ରରୋଚନାର ଶିକାର ହେଲେ, ତାହା ଏବେ ସନ୍ଦେହ ଘେରରେ ରହିଛି। ଏହି ଘଟଣାକୁ ନେଇ



ଏବେ ସାରା ରାଜ୍ୟ ହୁଲୁସ୍ଥୁଲ ହେଉଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଶକ୍ତ ଧକ୍କା ଲାଗିଛି।

ଅଧ୍ୟାପକଙ୍କ କେଲେଙ୍କାରୀ ଉପରେ ଘଷ୍ଟ ଘୋଡ଼ାଇବାର ମସୁଧା ହେବାରୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେଣୁ, କଲେଜ କର୍ତ୍ତୃପକ୍ଷ ପକ୍ଷରୁ ଗଠିତ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟଦକ୍ଷତା ଓ ନିରପେକ୍ଷତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟିରେ ଥିବା ସଦସ୍ୟମାନେ ଛାତ୍ରୀଙ୍କ ସମ୍ବେଦନଶୀଳ ଅଭିଯୋଗକୁ ଉପରଠାଉରିଆ ଭାବେ ତଦନ୍ତ କରି ରିପୋର୍ଟ ଦେବା ପରେ ଛାତ୍ରୀଜଣଙ୍କ ନିରାଶ ହୋଇପଡ଼ିଥିଲେ। ନ୍ୟାୟ ପାଇବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ନିଜେ ସଂଶ୍ଳିଷ୍ଟ ଥିବା ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷା ବିଭାଗର ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏପରିକି, ସୌମ୍ୟାଶ୍ରୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ପରେ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗତକାଲି ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସପକ୍ଷରେ ଆସିବା ପରେ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ ହୋଇଥିଲା। ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାର ଧମକ ଦେଇ ବାରମ୍ବାର ଆପୋଷ ବୁଝାମଣା କରିନେବାକୁ କଲେଜ କର୍ତ୍ତୃପକ୍ଷ ଚାପ ପକାଇଥିଲେ। ଗତକାଲି ଶେଷଥର ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଭେଟି ସୌମ୍ୟାଶ୍ରୀ ଗୁହାରି କରିବା ପରେ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ।

ଅପରପକ୍ଷେ, ଅଧ୍ୟକ୍ଷଙ୍କ ଚାମ୍ବରରୁ ଫେରିବା ପରେ ସୌମ୍ୟାଶ୍ରୀ ନିଜ ଉପରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ ବଲବଲ କରି ଅନେଇଥିଲେ। କେହିକେହି ମୋବାଇଲ୍‌ରେ ଏହାର ଭିଡିଓ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଅଟକାଇନଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷ ମଧ୍ୟ ତାଙ୍କୁ ବାରଣ କରିନଥିଲେ।

### ଚରମ ନିଷ୍ପତ୍ତି ନେବାକୁ ଛାତ୍ରୀଙ୍କୁ ପ୍ରବର୍ତ୍ତାଇଲା କିଏ?

ଫଳରେ ଏପରି ଏକ ବଡ଼ ଅଘଟଣ ଘଟିଗଲା ବୋଲି କୁହାଯାଉଛି। ତେଣୁ ଏହା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ସୌମ୍ୟାଶ୍ରୀ ୪ବର୍ଷ ଧରି ଏବିଭିପିର କାର୍ଯ୍ୟକର୍ତ୍ତା ରହିଥିଲେ। ଏପରିକି ଛାତ୍ର ସଂଗଠନର ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗଠନ ତାଙ୍କ ପଛରେ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ। ହେଲେ ଛାତ୍ରୀଜଣଙ୍କ ସାଙ୍ଗରେ ପେଟ୍ରୋଲ ସହ ଦିଆସିଲି ଆଣି ନିଆଁ ଲଗାଇଥିବା ବେଳେ ଏହି ସଙ୍ଗଠନର ସହଯୋଗୀମାନେ କିପରି ଭାବେ ତାହା ଜାଣିପାରିଲେ ନାହିଁ? ତେଣୁ ସୌମ୍ୟାଶ୍ରୀଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ କିଏ ପ୍ରବର୍ତ୍ତାଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବିକଳ୍ପ ଆଇନଗତ ପଦକ୍ଷେପ ଓ ନ୍ୟାୟ ପ୍ରଦାନର ସୁନିଶ୍ଚିତତା କରାନଯିବାରୁ ଘଟଣା ଏଭଳି ଏକ ଚରମ ନିଷ୍ପତ୍ତି ଆଡ଼କୁ ମୁହାଁଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଲେଜରେ ବିଗତ କିଛିଦିନ ଧରି ଚାଲିଆସୁଥିବା କେଲେଙ୍କାରୀର ପର୍ଦ୍ଦାଫାସ ପାଇଁ ନିରପେକ୍ଷ ତଦନ୍ତ ହେଲେ ଆଗାମୀ ଦିନରେ ଫକୀରମୋହନ ମହାବିଦ୍ୟାଳୟର ବିଶ୍ୱସନୀୟତା ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ।

ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ନେଇ ଜୁଲାଇ ୧ ତାରିଖ ଦିନ ସାମାଜିକ ଗଣମାଧ୍ୟମ "ଏକ୍ସ' ରେ ମୁଖ୍ୟମନ୍ତ୍ରୀ , ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଶନିବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେଲେ। ତେଣୁ କେଉଁ ରହସ୍ୟମୟ କାରଣ ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଛାତ୍ରୀଙ୍କ ଅଭିଯୋଗକୁ କଲେ ତାହା ସନ୍ଦେହସୃଷ୍ଟି କରିଛି। ଘଟଣାକୁ ପୂର୍ବରୁ ଅବହେଳା କରିଥିବା ରାଜ୍ୟ ସରକାର ଏବେ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ବିଜେପି ଯୁବ କର୍ମୀମାନେ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି। ଦୁର୍ବ୍ୟବହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

# ତଦନ୍ତ କମିଟି ସଦସ୍ୟାଙ୍କୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୧୩।୭(ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ୩ ଜଣିଆ କମିଟି ଗଠନ କରିଛି। ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଝୁମକି ରଥ ଏହି କମିଟିରେ ସ୍ଥାନ ପାଇଛନ୍ତି। ମାତ୍ର ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଏହି କମିଟିରେ ସାମିଲ କରିବାକୁ ପ୍ରଶ୍ନ ଉଠାଇଛନ୍ତି ଅନେକ ଅଭିଭାବକ ଓ ଛାତ୍ର। ବିଜେବି କଲେଜ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯ୍ୟାତନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଆତ୍ମାହୁତି ଉଦ୍ୟମ ଘଟଣାରେ କି ପ୍ରକାର ତଦନ୍ତ କରିବେ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ଗତ ଡିସେମ୍ବର ମାସରେ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାନୁଆରୀ ୧୫ ତାରିଖରେ କଲେଜ ଅଧ୍ୟକ୍ଷାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦୁଇମାସ ପରେ ମଧ୍ୟ ତଦନ୍ତ ରିପୋର୍ଟ ଦାଖଲ ନ କରିବାରୁ ମାର୍ଚ୍ଚ ୧୯ ତାରିଖରେ ଆଉଥରେ ପୁନଃ ଚିଠି କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରାୟ ୪ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି କି ତଦନ୍ତ ସରିନାହିଁ। ଏହି ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶିକ୍ଷାଦାନର ବିରତ କରାଯାଇ ଉଚ୍ଚଶିକ୍ଷା ବିଭାଗରେ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କରାଯାଇ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ତଦନ୍ତ କମିଟି ସଦସ୍ୟା ତଥା ବିଜେବି ଅଧ୍ୟକ୍ଷା କି ପ୍ରକାର ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠିଛି।

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ଛାତ୍ର ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ଖୋଲିଦେଇଥିବା ନେଇ ଦଳ ଅଭିଯୋଗ କରିଛି। ଏଥିସହ ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଏହାସହିତ ଅଭଳି ଘଟଣା ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

ବିଧାୟକ ଡଃ ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ବାସଭବନ ଆଡ଼କୁ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତୃତ୍ୱମାନେ ଧସେଇ ଆସିବା ସହ ପୁଲିସ ସହିତ ଧସ୍ତାଧସ୍ତି ହୋଇଥିଲା। ଏଠାରେ ଦଳ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। ବର୍ଷ ଏକ ଉପଲକ୍ଷ ଅନେକର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ବିଇଡି ଶେଷବର୍ଷର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥୀତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫଏମ୍ କଲେଜରେ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ଦଳ ପ୍ରଶ୍ନ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି ବୋଲି ଯୁବ ଓ ଛାତ୍ର ବିଜେଡି ଅଭିଯୋଗ କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ




ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଥିବା ନେଇ ଛାତ୍ରୀଜଣକ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।

ଆହୁରିମଧ୍ୟ ଛାତ୍ରୀ ଜଣକ ବାରମ୍ବାର ସୋସିଆଲ ମିଡିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଭଳି ବଡ଼ ଘଟଣାକୁ ହାଲୁକା ଭାବେ ନେବା ଦ୍ୱାରା ଦୀର୍ଘ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଛାତ୍ରୀଜଣଙ୍କ ବାଧହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ବୋଲି ଦଳ ପ୍ରଶ୍ନ କରିଛି। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଘେରଉରେ ଅନ୍ୟମାନଙ୍କ ମଧ୍ୟରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟକେତନ ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୩।୭(ସମିସ): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଖବର ଆସୁଛି। ନାରୀ ନିର୍ଯାତନା ଓ ମହିଳା ବିରୋଧୀ ହିଂସା ସାଧାରଣ ଘଟଣା ପାଲଟିଛି। ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଘଟଣା ଏହାର ସଦ୍ୟତମ ଉଦାହରଣ ପାଲଟିଛି। ଏ ସମ୍ପର୍କରେ ବିଜୁ ମହିଳା ବିଜେଡି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ସମୟ ମାଗିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ପ୍ରମୁଖ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। ନ୍ୟାୟ ପାଇଁ ପୀଡିତା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟ ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ମିଳିଲା ନାହିଁ ଓ ଆତ୍ମାହୁତି ପରି ଚରମ ପଦକ୍ଷେପ ପାଇଁ ସେ ନିଷ୍ପତ୍ତି ନେଲେ। ବିଜେପିର ଛାତ୍ର ଶାଖା ଏବିଭିପିର ସଦସ୍ୟ ଥିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପ୍ରମିଳା କହିଛନ୍ତି।



ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କଲେଜ ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ ଅଭିଯୋଗ ପ୍ରତ୍ୟାହାର ସମ୍ପୃକ୍ତ ଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଚରମ ଲଜ୍ଜା ଓ କ୍ଷୋଭର ବିଷୟ। ଚିକିତ୍ସାଧୀନ ପୀଡିତା ଛାତ୍ରୀଙ୍କୁ ଏମ୍ସରେ ବିଜେପିର ଗୁଣ୍ଡାଶ୍ରେଣୀୟ ଯୁବକମାନେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟିବାରେ ରୋକୁଛନ୍ତି। ସେହିପରି ଟୁକୁନି ସାହୁ କହିଛନ୍ତି ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ଗୋଟିଏ ପରେ ଗୋଟିଏ ଲଜ୍ୟାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ। ତେଣୁ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ମହିଳା ସୁରକ୍ଷା ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା ନିମନ୍ତେ ଅନୁରୋଧ କରାଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

## ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେଡି

# ଆଜି କଲେଜ ଓ ଡିଆଇଜି ଅଫିସ୍ ଆଗରେ ବିକ୍ଷୋଭ




ବାଲେଶ୍ୱର,୧୩।୭(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣା ସାରା ଓଡ଼ିଶାର ପ୍ରତ୍ୟେକ କଲେଜ ଛାତ୍ରୀଙ୍କ ପାଇଁ ଅପମାନ। ନ୍ୟାୟ ନ ମିଳିବାରୁ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ଏବେ ମୃତ୍ୟୁ ସହ ଲଢୁଛନ୍ତି। ବିଜେପି ସରକାର ଆସିବା ପରଠୁ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। କେବଳ ଏହି ଘଟଣା ନୁହେଁ, ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରି ଅନେକ ଏବଂ ନିକଟରେ ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକଙ୍କ ଅପମାନଜନକ ମନ୍ତବ୍ୟ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ନାରୀଙ୍କୁ ଅପମାନ ଓ ବଢୁଥିବା ନାରୀ ବିରୋଧୀ ଅତ୍ୟାଚାରର ପ୍ରତିବାଦରେ ବିଜୁ ଜନତା ଦଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ଉପରେ ବର୍ଷିଛି। ଏଥିରେ ଯୋଗଦେଇ ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ନାରୀଙ୍କୁ ଅପମାନ ଏବଂ ନିର୍ଯାତନାକୁ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରିଛି ବିଜେଡି। ଆଗକୁ ମଧ୍ୟ ଏହି ଆନ୍ଦୋଳନ ମଜଭୁତ ହେବ। ଏହାର ପ୍ରତିବାଦରେ ଆସନ୍ତାକାଲି (ସୋମବାର) କଲେଜ ଏବଂ ଡିଆଇଜି ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସ୍ଥାନୀୟ ଉଦ୍ୟୋଗ ଭବନଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡ. ବ୍ୟୋମକେଶ ରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାର ଉପରେ ବର୍ଷିଥିଲେ। ଶେଷରେ ସିମନ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ, ତାପସ ପରିଡା, ଜୟରାମ ଦାସ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ।

# ଯୋଡ଼ା ଲଘୁଚାପ; ଆସୁଛି ବଡ଼ ବର୍ଷା

ଭୁବନେଶ୍ୱର,୧୩।୭ (ସମିସ): ଯୋଡ଼ା ଲଘୁଚାପ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷା। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଅନ୍ୟ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦୁଇଟି ପୃଥକ୍ ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟରେ ଦୁଇ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପ୍ରଭାବ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରହିବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି।

ଏହି ଲଘୁଚାପ ଯୋଗୁଁ ସୋମବାର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ନୟାଗଡ଼, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି , ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ,ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ପାଣିପାଗ ବିଭାଗ ୟେଲୋ ଆଲର୍ଟ ଜାରି କରିବା ସହ ପ୍ରବଳ ବର୍ଷା ଏବଂ ବିଜୁଳି, ଘଡ଼ଘଡିର ଚେତାବନୀ ଦେଇଛି।

ସେହିପରି ୧୫,୧୬,୧୭ ତାରିଖ ପାଇଁ ମଧ୍ୟ ରାଜ୍ୟର ଅନେକ ଜିଲ୍ଲାକୁ ୟେଲୋ ଆଲର୍ଟ ସହ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ଲଘୁଚାପ ଯୋଗୁଁ ସମୁଦ୍ର ଅଶାନ୍ତ ରହିବ ତେଣୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ଗତ ୨୪ଘଣ୍ଟାରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ କଳାହାଣ୍ଡିର ଥୁଆମୂଳ ରାମପୁର ଠାରେ ୬୫ମିମି ବର୍ଷା ରେକର୍ଡ ହୋଇଛି ଏବଂ କଟକ କଣ୍ଟାପଡ଼ାରେ ୬୨ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

# ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୭ (ସମିସ): ଏମ୍ସରେ ଚିକିତ୍ସିତ ହେଉଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦିଲ୍ଲୀରୁ ଫେରିବା ପରେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ ଏମ୍ସକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୀଡ଼ିତାଙ୍କ ଅବସ୍ଥା ବର୍ତ୍ତମାନ ଜଟିଳ ଅଛି। ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଉଛି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ପରି ଚିକିତ୍ସା ସେବା ଏଠାରେ ପ୍ରଦାନ କରାଯାଉଛି। ଆଗାମୀ ୨୪ ଘଣ୍ଟା ପୀଡ଼ିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ନଜରରେ ରଖାଯାଇ ଦିଲ୍ଲୀ ଏମ୍ସର ଏକ ଟିମ୍ ସହ ଭର୍ଚୁଆଲ ମିଟିଂ ହେବ। ସେମାନଙ୍କ ପରାମର୍ଶ ଆଧାରରେ ତାଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଆବଶ୍ୟକ ହେଲ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଦିଲ୍ଲୀ ଏମ୍ସ ନିଆଯିବ। ମାତ୍ର ଦିଲ୍ଲୀକୁ ନେବା ଭଳି ପରିସ୍ଥିତି ଏବେ ତାଙ୍କର ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପୀଡ଼ିତା ଆଣିଥିବା ଅଭିଯୋଗ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ରିପୋର୍ଟ ଅନୁସାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲେଶ୍ୱର ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି ବୋଲି ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନ ଘଟୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ଭାବେ ନେଇଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ କରି ଯେମିତି ଆଗୁଆ ପଦକ୍ଷେପ ନେଇ ହେବ, ତା'ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

**ହିନ୍ଦୋଳ ମଦ ମୃତ୍ୟୁ ଘଟଣା**

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦାବିକଲା ବିଜେଡି



- ଶବ ବ୍ୟବଚ୍ଛେଦ ନ ହେବା ଉପରେ ପ୍ରଶ୍ନ ଉଠାଇଲା ଦଳ
- ଅବକାରୀ ଓ ପୁଲିସ ସହଯୋଗରେ ରାଜ୍ୟରେ ବଢୁଛି ଚୋରା ମଦ କାରବାର

ଭୁବନେଶ୍ୱର,୧୩।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛି। ପୀଡିତା ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ଦଳ ଦାବି କରିଛି। ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି। ବିଷାକ୍ତ ମଦ ପିଇ ବମ୍ପା ଗ୍ରାମର ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡା ନିନ୍ଦା କରିଛି। ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୁଲମଖୋଲା ଚୋରା ମଦ କାରବାର ବିପୁଳ ପରିମାଣରେ ଚାଲୁଛି। ଯାହା ଫଳରେ ଅଞ୍ଚଳର ଯୁବକମାନେ ପଥଭ୍ରଷ୍ଟ ହେବା ଗରିବ ପରିବାରରେ ସାମାଜିକ କଳହ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଳନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

**ବିଜେପି କର୍ମୀଙ୍କ ଗୁଣ୍ଡାଗିରି**

# ମହିଳାଙ୍କ ଘର ଦଖଲ ଉଦ୍ୟମ

ବାରିପଦା,୧୩।୭ (ସମିସ): ସ୍ୱାମୀଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିବା ବେଳେ ଜଣେ ଅନ୍ତଃସତ୍ତ୍ୱା ମହିଳାଙ୍କ ଘରକୁ ବିଜେପି କର୍ମୀମାନେ ଜୋରଜବରଦସ୍ତ ଦଖଲ କରିବାକୁ ପ୍ରୟାସ କରିବା ଭଳି ଏକ ସଂଗିନ୍ ଅଭିଯୋଗ ବାରିପଦା ଟାଉନ୍ ଥାନାରେ ହୋଇଛି। ଅଭିଯୋଗକାରିଣୀ ମହିଳାଜଣଙ୍କ ହେଲେ, ସ୍ଥାନୀୟ ଗୋଲାପବାଗ ଅଞ୍ଚଳର ଶ୍ୱେତା ଶାହା। ଶ୍ୱେତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଅଭିଯୋଗରେ ଶ୍ୱେତା ଦର୍ଶାଇଛନ୍ତି ଯେ ସ୍ୱାମୀ ଅଭିନବ ଶାହଙ୍କ ସହ ସେ ସ୍ଥାନୀୟ ଗୋଲାପବାଗ ଅଞ୍ଚଳରେ ରହି ଆସୁଛନ୍ତି। କିଛି ଦିନ ତଳେ ସେ ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସା କରାଇବା ପାଇଁ ଭୁବନେଶ୍ୱର ଯାଇଥିଲେ। କିନ୍ତୁ ଏହି ସମୟରେ ବିଜେପି କର୍ମୀଙ୍କ ପ୍ରରୋଚନାରେ କିଛି ଗୁଣ୍ଡାଶ୍ରେଣୀୟ ଲୋକେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶିବା ସହ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଦେଢ଼ ଲକ୍ଷ ଟଙ୍କା ଓ ଜମି କାଗଜପତ୍ର ଆଦି ଲୁଟି ନେଇଛନ୍ତି। ଘରେ ଲାଗିଥିବା ସିସିଟିଭିକୁ ମଧ୍ୟ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଖାଲି ସେତିକି ନୁହେଁ, ଜୋରଜବରଦସ୍ତ ତାଙ୍କ ଘରେ ରହିବା ସହ ଘରକୁ ଦଖଲ ନେବାକୁ ପ୍ରୟାସ କରୁଛନ୍ତି। ସେ ବାରିପଦାକୁ ଫେରିବା ପରେ ଘଟଣା ସମ୍ପର୍କରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଆଧାରରେ ପୁଲିସ୍ ଅଙ୍କିତ ଶାହା, ଅପ୍ରତିମ ସାହା ଓ ସୁବ୍ରତ ରଣା ଏବଂ ବିଜେପିର କୁମାର ମଙ୍ଗଳମ, ପାଏଲ ରାୟ, ସୌମ୍ୟ ରଞ୍ଜନ ମିଶ୍ର, ସୁକୁଲ ମୁର୍ମୁ, ସୁରାଜ ଲୋହାର, ବଳିଆ, ଦୀପା ଓ ଏକ ଜିମ୍‌ର ଅନ୍ୟ ସଦସ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଥିବା ବେଳେ ବିଜେପି କର୍ମୀମାନେ କିପରି ଗୁଣ୍ଡାଗର୍ଦ୍ଦି କରୁଛନ୍ତି, ସେନେଇ ଶ୍ୱେତା ପ୍ରଶ୍ନ କରିଛନ୍ତି।

ଅପରପକ୍ଷେ, ଉପରୋକ୍ତ ଘଟଣାର ଅନ୍ୟତମ ଅଭିଯୁକ୍ତ ସୁବ୍ରତ କୁମାର ରଣା ମଧ୍ୟ ମହିଳାଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ଉକ୍ତ ଘରେ ତାଙ୍କର ଏକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଗତ ୫ବର୍ଷ ହେବ ରହିଛି।

- ତାଲା ଭାଙ୍ଗି ଘରୁ ଲୁଟିନେଲେ ୨୫ ଲକ୍ଷର ଅଳଙ୍କାର
- ଟାଉନ୍ ଥାନାରେ ମାମଲା ରୁଜୁ
- ମହିଳାଙ୍କ ବିରୋଧରେ ପାଲଟା ମାମଲା ରୁଜୁ

କିଛି ଦିନ ତଳେ ଅଭିନବ ଓ ତାଙ୍କ ପତ୍ନୀ ଶ୍ୱେତା ତାଙ୍କୁ ବାରମ୍ବାର ଧମକଚମକ ଦେଇଥିଲେ। ତାଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ତାଙ୍କର ସିସିଟିଭି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଭାଙ୍ଗି ଦେଇଥିଲେ। ଫଳରେ ତାଙ୍କର ୧୨,୮୭,୮୦୦ଟଙ୍କାର କମ୍ପ୍ୟୁଟର ଯନ୍ତ୍ରାଂଶ ନଷ୍ଟ ହୋଇଛି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅଭିନବ ଓ ଶ୍ୱେତାଙ୍କ ନାମରେ ମାମଲା ରୁଜୁ କରିଛି। ପୁଲିସ ପକ୍ଷରୁ ଉଭୟ ଅଭିଯୋଗକୁ ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଜାରିଥିବା ଥାନା ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ

ରେଢ଼ାଖୋଲ, ୧୩।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ସରାପାଲି ବିଟ୍ ଟିକିଲିପଡ଼ା ଗ୍ରାମ ଜଙ୍ଗଲ ଚାଷଜମି ନିକଟରେ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିଭାଗ କହିଛି।



ଘଟଣାସ୍ଥଳରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ. ଏଲାବରେସନ କେ, ଏସିଏଫ୍ ଗଜେନ୍ଦ୍ର ଅନ୍ଦାଜ, ମାଳତୀଲତା ହାଁସଦା, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର୍ ଅରୁଣ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଆସିଲେ ଶବ ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ୍ ହିଁ

- ବର୍ଷକରେ ମଲେଣି ୫ ହାତୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ଟିମ୍‌ର ତଦନ୍ତ ଜାରି

ପ୍ରମୁଖକରଣ ବୋଲି ସ୍ପଷ୍ଟ ହୋଇଥିବା ଓ ବାରମ୍ବାର ବିଦ୍ୟୁତ ଆଘାତରେ ହାତୀଙ୍କ ଜୀବନ ଯିବା ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଘଟଣାରେ ଆମ୍ବବଗିଚା ଚାଷ ଜମି ନିକଟର ଜଣକୁ ଅଟକ ରଖି ତଦନ୍ତ କରାଯାଉଛି। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ବି ବନବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରିକି, ଠିକ୍ ଭାବେ ପାଟ୍ରୋଲିଂ ହେଉନଥିବାରୁ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି।

# ମହାନଦୀରେ ଭାସି ଆସିଲେ ୮ ଟିକିଆ ହାତୀପଲ

ବୌଦ୍ଧ,୧୩।୭ (ସମିସ): ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଭରାନଦୀରେ ଏକ ୮ଟିକିଆ ହାତୀପଲ ପହଁରି ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩ଟି ହାତୀଛୁଆ ମଧ୍ୟ ରହିଛନ୍ତି। ଏହି ହାତୀପଲ ମଝି ନଦୀରେ ଥିବା କୁଲାରୀକୁଦ ଦୀପରେ ପହଞ୍ଚି ସେଠାରେ ଥିବା ମନ୍ଦିର ନିକଟରେ ବିଶ୍ରାମ ନେଇଛନ୍ତି। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ କୂଳରେ ପହଞ୍ଚିଛି। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ହାତୀମାନଙ୍କ ଗତିବିଧି ଉପରେ ସେମାନେ ନଜର ରଖିଛନ୍ତି। କୁଲାରିକୁଦ ଦ୍ୱୀପକୁ ଆସିଥିବା ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା, ୩ଟି ଛୁଆ ହାତୀ ଏବଂ ଅନ୍ୟ ୪ଟି ମାଈ ହାତୀ ଅଛନ୍ତି ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ (ଡିଏଫଓ) ଦେବପ୍ରିୟ କମ୍ପ କହିଛନ୍ତି।



ଏହି ହାତୀପଲ ଏବେ ବି ସେଠାରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଜଗିରହିଥିବା ବେଳେ ଅନ୍ୟମାନେ ବିଶ୍ରାମ ନେଉଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ଏବେ ବି ତୀକ୍ଷ୍ଣ ନଜର ରଖିଛି। ଏହି ହାତୀପଲ କେଉଁଆଡ଼େ ଯିବେ, ତାହା କହିହେବ ନାହିଁ। ପୁନଃ ଆଠମଲିକ ଅଭିମୁଖେ ଫେରିପାରନ୍ତି ଅବା ବୌଦ୍ଧ ଅଭିମୁଖେ ଆସିପାରନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ

**ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ**

ରଖି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆଖପାଖ ଅଞ୍ଚଳର ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଛି। ବୌଦ୍ଧ ଏସିଏଫ୍ ଆଶିଷ କହଁରଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ୍ନ ପ୍ରଧାନ, ବନକର୍ମଚାରୀ ପ୍ରଦ୍ୟୁମ୍ନ ବାଘ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବନ କର୍ମଚାରୀ ମର୍ଜାକୁଦ ଲାଞ୍ଚିରେ ଥିବା କୁଲାରୀକୁଦ ଇକୋ ଟୁରିଜମଠାରେ ରହି ଡ୍ରୋନ୍ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ବଜ୍ରପାତରେ ମହିଳା ମୃତ

ପାରଳାଖେମୁଣ୍ଡି, ୧୩।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ସହର ଉପକଣ୍ଠସ୍ଥ ତଥା ଗୁମ୍ମା ବ୍ଲକ ଝାମିଗାଁରେ ଜମିରେ କାମ କରୁଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଝାମିଗାଁ କାଲିସେଟୀ ଆପଲନାଇଡୁଙ୍କ ପତ୍ନୀ କାଲିସେଟୀ ବୃନ୍ଦାବତୀ (୩୨)। ଧାନ ରୋଇବାକୁ ଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରବର୍ଗ ଜମିକୁ ଯାଇ ବୃନ୍ଦାବତୀ ମରି ପଡ଼ିଥିବା ଦେଖିଥିଲେ। ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ନାଗକୁ ଧରି ହସ୍ପିଟାଲରେ ପହଞ୍ଚିଲେ ରୋଗୀ

ବାରିପଦା,୧୩।୭ (ସମିସ): ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ରବିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତିଙ୍କୁ ସାପ କାମୁଡ଼ିବାରୁ ସେ ସାପକୁ ଧରି ହସ୍ପିଟାଲରେ ପହଞ୍ଚିଛନ୍ତି। ବ୍ୟକ୍ତିଜଣଙ୍କ ହେଲେ, ବାରିପଦା ସଦର ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ରଘୁନାଥ ସିଂ (୪୫)।





ରଘୁନାଥ ରବିବାର ଅପରାହ୍ଣରେ ବିଲରେ ଚାଷ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କ ହାତକୁ କାମୁଡ଼ିଥିଲା। କିନ୍ତୁ ଏଥିରେ ସେ ବିଚଳିତ ନ ହୋଇ ନାଗକୁ କାବୁ କରି ଏକ ଅଖାବୁରାରେ ଭର୍ତ୍ତି କରି ଚିକିତ୍ସା ପାଇଁ ପ୍ରାୟ ୩ଟା ବେଳେ ପିଆରଏମ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ହସ୍ପିଟାଲରେ ରଘୁନାଥଙ୍କୁ ଏଭଳି ଅବସ୍ଥାରେ ଦେଖି ଡାକ୍ତର, ନର୍ସ, ରୋଗୀ ଓ ଉପସ୍ଥିତ ଲୋକମାନେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ସାପ ଉଦ୍ଧାରକାରୀ ଟିମକୁ ଡକାଯାଇ ସାପକୁ ଉଦ୍ଧାର କରାଯାଇଥିଲା। ଏହାସହ ରଘୁନାଥଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସା ପୂର୍ବରୁ କେଉଁ ସାପ ତାଙ୍କୁ ଦଂଶନ କରିଛି, ତାହା ଦର୍ଶାଇବା ପାଇଁ ରଘୁନାଥ ସାଥୀରେ ସାପକୁ ନେଇ ହସ୍ପିଟାଲକୁ ଆସିଥିଲେ ବୋଲି ସୂଚନା ଦେଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ୧୦ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର, ୧୩।୭ (ସମିସ): ହୀରାକୁଦ ଜଳଭଣ୍ଡାର ଆଜି ଆଉ ୧୦ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ସନ୍ଧ୍ୟା ସୁଦ୍ଧା ପର୍ଯ୍ୟାୟକ୍ରମେ ୧୦ଟି ଗେଟ୍ ବନ୍ଦ କରିଦିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଜଳସ୍ତର ୬୦୬.୬୦ ଫୁଟ୍ ଥିବା ବେଳେ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ସୂଚନାଯୋଗ୍ୟ, ହୀରାକୁଦର ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ଗତ ୬ ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିଛି। ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ଜୁଲାଇ ୩୧ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୬.୬୦ ଫୁଟ ରହିଛି। ନଦୀବନ୍ଧର ବାମ ପଟର ୩ଟି ଓ ଡାହାଣ

**ଜଳସ୍ତର ୬୦୬.୬୦ ଫୁଟ୍**

ପଟର ଗୋଟିଏ ଏହିଭଳି ମୋଟ୍ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୫୪,୪୧୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣରେ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୬,୬୭୨ ଘନଫୁଟ, ପାୱାର ଚେନାଲ ଦେଇ ୩୪୧୬୧ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୩୩୪୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୪୯୭୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଲଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୨୭୨୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩୩୧୯୬୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧.୦୪ମିମି ଏବଂ ତଳମୁଣ୍ଡରେ ୩.୯୫ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୧୩।୭ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ସୋମବାର) ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

- ବିମାନବନ୍ଦରରୁ କାରକେଡ୍ ରିହର୍ସାଲ କଲା ପୁଲିସ
- ଟ୍ୱିନ୍ ସିଟିରେ ୧୧୦ ପ୍ଲାଟୁନ ଫୋର୍ସ ମୁତୟନ
- ଏମ୍ସ ମେଡିକାଲ, ରେଭେନ୍ସାରେ ରହିଛି କାର୍ଯ୍ୟକ୍ରମ

ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନ ଏବଂ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଥିସହ ରାଷ୍ଟ୍ରପତି ଯିବାକୁ ଥିବା ରାସ୍ତାର ଉଭୟ ପଟରେ ପୁଲିସ ମୁତୟନ କରାଯାଇଛି। ସୁରକ୍ଷାରେ ତ୍ରୁଟି ଯେପରି ନଘଟେ, ସେଥିଲାଗି ଆଜି ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି।

ବିମାନବନ୍ଦରରୁ ପ୍ରଥମେ ରାଜ୍ୟପାଳ ଭବନ ଓ ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାରକେଡ୍ ଯାଇଥିଲା। ପରେ କଟକରେ ମଧ୍ୟ ରିହର୍ସାଲ କରାଯାଇଥିବା ଜଣାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଦ୍ୱୈତନଗରୀରେ ୧୧୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଏଥିରେ ୮ଜଣ ଡିସିପି ର୍‍ୟାଙ୍କ୍ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ରାଙ୍କ, ୪୪ ଇନ୍ସପେକ୍ଟର୍, ୧୮୦ଜଣ ସବ ଇନ୍ସପେକ୍ଟର୍ ରହିଛନ୍ତି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ



ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ୍ ନିୟୋଜିତ ରହିବେ। ଅପରପକ୍ଷେ, ଭୁବନେଶ୍ୱର ଏମ୍ସରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା।

ଶ୍ରୀମତୀ ମୁର୍ମୁ ଦୁଇଦିନିଆ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସ୍ମରଣୀୟ ଉତ୍ସବରେ ସେ ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବେ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ବନ୍ୟା ଲଗାଇଛି ପରିବା ବଜାରରେ ନିଆଁ

ବାଲିଆପାଳ, ୧୩।୭ (ସମିସ)





୨୦ଦିନ ଭିତରେ ଲଗାତାର ତିନିଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବନ୍ୟା ଛାଡି ଛାଡ଼ି ଯାଇଛି ସତ ହେଲେ ତା ସାଙ୍ଗରେ ଛାଡି ଦେଇଯାଉଛି ବନ୍ୟା ପ୍ରଭାବିତ ଅଞ୍ଚଳର ଚାଷୀ ସମେତ ସାଧାରଣ ଲୋକଙ୍କ ଆଖିରେ ଲୁହ। ଲଗାତାର ସୁବର୍ଣ୍ଣରେଖା ବନ୍ୟାର ଏହି ବିଭୀଷିକା ଭିତରେ ପେଶି ହୋଇଯାଇଛନ୍ତି ପନିପରିବା ଚାଷୀ। ସବୁଜ ପନିପରିବା କ୍ଷେତରେ ଖିଲି ଖିଲ ହସୁଥିବା ପରିବା ବାଡି ଏବେ ପାଲଟିଛି ମରୁଭୂମି। ପନିପରିବା ତ ଦୂରର କଥା ଗଛଟିଏ ମଧ ଦେଖିବାକୁ ମିଳୁନାହିଁ। ଯାହାକି ପରିବା ଚାଷରୁ ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାର କିପରି ଚଳାଇବେ, ଧାର କିପରି ପ୍ରତିଶୋଧ କରିବେ ସେହି ଚିନ୍ତାରେ ସେମାନଙ୍କ ଆଖିରେ ନିଦ ନାହିଁ। କେବଳ ଚାଷୀ ନୁହଁ ଏହାର ପ୍ରଭାବ ମଧ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ଦିନ କେଇଟା ପୂର୍ବରୁ ଯେଉଁ ପରିବା ୧୦ରୁ ୨୦ ଟଙ୍କା କେଜିରେ ବିକ୍ରି ହେଉଥିଲା ତାହା ପାଞ୍ଚଗୁଣା ବଢିଯାଇଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ନିଖିରା, ଅସ୍ତି, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତରେ ବ୍ୟାପକ ପରିବା ଚାଷ ହୋଇଥାଏ। ବାଲିଆପାଳ ବ୍ଲକର ଖାଉଟିଙ୍କ ଚାହିଦା ମେଣ୍ଟାଇବା ସହିତ ପଡୋଶୀ ବ୍ଲକ ଓ ରାଜ୍ୟର ବିଭିନ୍ନସ୍ଥାନକୁ ଏହିଠାରୁ ପରିବା ରପ୍ତାନି ହୋଇଥାଏ। ଚଳିତବର୍ଷ ବାଲିଆପାଳ ପଞ୍ଚାୟତର ସୁଙ୍ଗମୁହଁ, ତଳବାଲିଆପାଳ, କୁଦମାନସିଂ ଚଢ, ବିଷ୍ଣୁପୁର ପଞ୍ଚାୟତର ରାଉତୁରାପୁର, ଇକିଡିପାଳ, ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ, ନୟାବାଲି, ଇକଡପାଳ ମଧୁପୁରା ପଞ୍ଚାୟତର ଚୌଧୁରୀକୂଦ ଓ ଚରବସ୍ତ କାଳରୂଇ, ନିଖିରା ପଞ୍ଚାୟତର ନିଖିରା, ମଝିପଡା, ପାଳପଡା, ଚଡ ପଳପଡା, ପାଳବେଗୁନିଆ, ଚଡ ପାଳ ବେଗୁନିଆ, ଅସ୍ତି ପଞ୍ଚାୟତର ସୂର୍ଯ୍ୟାପୁର, ପାରଦୀପା, ପାଳଚମ୍ପେଇ ପ୍ରଭୃତି ଗ୍ରାମର ଚାଷୀମାନେ ୨୫୦ ହେକ୍ଟରରୁ ଅଧିକ ଜମିରେ କାକୁଡି, ବାଇଗଣ, ଭେଣ୍ଡି, କଞ୍ଚାଲଙ୍କା, ପୋଟଳ, ଜହ୍ନି, କୁନ୍ଦୁରୀ, ଭେଣ୍ଡି ଇତ୍ୟାଦି ପରିବା ଚାଷ କରିଥିଲେ। ଭଲ ଫସଲ ମଧ ହୋଇଥିଲା। ତେବେ ତିନି ତିନିଥର ବନ୍ୟା ସବୁକିଛି ଉଜାଡି ଦେଇଛି। ପନିପରିବା ଫସଲ ନଷ୍ଟ ହେବା ଫଳରେ ଏହାର ପ୍ରଭାବ ମଧ ଖାଉଟି ବଜାର ଉପରେ ପଡିଛି। ତିନି ସପ୍ତାହ ପୂର୍ବରୁ ସିମୁଳିଆ ବଜାରରେ କାକୁଡି କେଜି ପ୍ରତି ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ଏହା ୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବାଇଗଣ ଦର ପାଞ୍ଚଗୁଣା ବଢି ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ଜହ୍ନି ୮୦,ପୋଟଳ୮୦,କୁନ୍ଦୁରୀ୪୦ ,କଞ୍ଚାଲଙ୍କା ୧୨୦,କଲରା ୮୦, ବିଲାତି ୬୦ ଟଙ୍କାରେ ବିକ୍ରି ହେଉଛି। ସାଧାରଣ ଲୋକଙ୍କ ଉପରେ ଏହି ପରିବା ଦର ବୋଝ ସଦୃଶ ହୋଇଛି। ଚାରିରୁ ପାଞ୍ଚମାସ ପର୍ଯ୍ୟନ୍ତ ସ୍ଥାନୀୟ ଅଂଚଳର ପରିବା ସମସ୍ୟା ଏହିଭଳି ଲାଗିରହିବ ବୋଲି କିଛି ଚାଷୀ ମତ ଦେଇଛନ୍ତି। ଖାଉଟିଙ୍କୁ ବର୍ତ୍ତମାନ ବାହାର ପରିବା ଉପରେ ନିର୍ଭର କରିବାକୁ ପଡିବ। ବନ୍ୟା କେବଳ ଚାଷୀ ନୁହଁ ବରଂ ଖାଉଟିଙ୍କ ମୁଣ୍ଡରେ ଚଡକ ପକେଇ ଦେଇଗଲା ବୋଲି ଆଲୋଚନା ହେଉଛି।

**ବାଇଗଣ ୧୦୦କୁ କାକୁଡି ୫୦**

## ଦୁଇ ଦେବୀ ପୀଠରୁ ସିରିଜ୍ ଚୋରି





**ବସ୍ତା ବ୍ଲକ, ୧୩।୭ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ ମନ୍ଦିରର ତାଲା ଭାଙ୍ଗି ମାଆ ମଙ୍ଗଳା ଆଭୂଷିତ ହୋଇଥିବା ସୁନା ଓ ରୂପା ଅଳଙ୍କାରକୁ ଲୁଟି ଲୁଟେରା ଫେରାର ହୋଇ ଯାଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ମନ୍ଦିର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଟିକଟପଡା ଗ୍ରାମରେ ଚୁଲି ଜଳି ନ ଥିଲା। ସମସ୍ତଙ୍କ ଆଖିରେ ଲୁହ ଧାରା ବହି ଯାଇଥିଲା। ଦୁର୍ବୃତ୍ତମାନେ ଠାକୁରଙ୍କୁ ତାଡି ଖୋଳି ଅତି ଅମାନବୀୟ ଭାବେ ସବୁ ଲୁଟି ଫେରାର ହୋଇ ଯାଇଥିଲେ। ସେହିପରି ବସ୍ତା ମାଆ ବିଶ୍ୱେଶ୍ୱରୀ ମନ୍ଦିର ଭାଙ୍ଗି ମଧ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜଣା ପଡ଼ିଛି। ଏ ନେଇ ମନ୍ଦିର ଟ୍ରଷ୍ଟି ପକ୍ଷରୁ ଥାନାରେ ଅଭିଯୋଗ ପରେ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛି। ବସ୍ତା ଷ୍ଟେସନ ନିକଟରେ ଗତ କିଛି ଦିନ ଧରି ରହି ଆସୁଥିବା ଯାଯାବର ମାନଙ୍କ ଏଥିରେ ସଂପୃକ୍ତ ଥିବା ସନ୍ଦେହ ସୃଷ୍ଟି କରିଛି। କାରଣ ଯାଯାବର ମାନେ ବସ୍ତା ଛାଡ଼ି ପଳାଇଥିବା କୁହାଯାଉଛି। ଗତ ଦୁଇ ବର୍ଷ ପୂର୍ବରୁ ବସ୍ତା ଥାନା ବ୍ରାହ୍ମଣଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ ଭଗବତୀ ମନ୍ଦିରରୁ ଚୋରି ହୋଇଥିଲା। ସଂଗେ ସଂଗେ ଗ୍ରାମବାସୀ ଏକଜୁଟ ହୋଇ ବିଭିନ୍ନ ସ୍ଥାନରେ ଖୋଜିଥିଲେ। ରାଜଘାଟ ଷ୍ଟେସନରେ ଯାଯାବର ମାନେ ଟ୍ରେନ ଛାଡ଼ିବାକୁ ଉଦ୍ୟମ କରୁଥିବା ଦେଖି ତାଙ୍କ ହାତରେ ସିନ୍ଦୂର ଲାଗିଥିବା ଦେଖି ତାଙ୍କୁ ଅଟକ ରଖି ସେମାନଙ୍କଠାରୁ ସବୁ ଅଳଙ୍କାର ବାହାର କରାଯାଇଥିଲା। ଏହି ଭଳି ଚୋରି ଘଟଣା ବସ୍ତାରେ ଆଲୋଡନ ଖେଳାଇ ଦେଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋର, ୧୩।୭ (ସମିସ):** ସୋର ବ୍ଲକ ଅନନ୍ତପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଧାନ ଶିକ୍ଷକ ନକୁଳ ଚରଣ କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ କର ଅନନ୍ତପୁର ପଣ୍ଡାହରିପୁରସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ। ବିଦ୍ୟାଳୟରେ ଏକ ଶୋଭାଯାତ୍ରା ରେ ଆସି ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବିଦାୟ ସଭା ଆୟୋଜନ କରିଥିଲେ। ଏଥିରେ ଭରତ ଚନ୍ଦ୍ର ସେନାପତି, ବିପଦ ଭଞ୍ଜନ ପଣ୍ଡା, ଉର୍ମିଳା ଶିଅଳ, ଶତ୍ରୁଘ୍ନ ସେନାପତି, ପ୍ରମୋଦ ମହାରଣା, ନିତ୍ୟାନନ୍ଦ କର, ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର କର, ସୁଧାଂଶୁ ଶେଖର କର, ଭୀମ ଚରଣ କର,



ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିସଭ୍ୟ ପୁରାତନ ଛାତ୍ରଛାତ୍ରୀ ସ୍ଥାନୀୟ ଗ୍ରାମବାସୀ, ଅଧ୍ୟୟନରତ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଜଗନ୍ନାଥ ଶଙ୍ଖୁଆ ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପୁଅ ସରୋଜ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଲାମାନେ ଶିଖିଲେ ବଜ୍ରପାତରୁ ରକ୍ଷା ପାଇବାର କୌଶଳ





**ଜଳେଶ୍ୱର ବ୍ଲକ, ୧୩।୭ (ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ପିଲାମାନଙ୍କୁ ଦିଆଯାଇଛି। ଏହାକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଜେଆର୍‌ସି କାଉନସିଲର ନାରାୟଣ ପାଇକରାୟ ପିଲାମାନଙ୍କୁ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ନିଜେ କରିଦେଖାଇବା ସହ ପିଲାମାନେ ମଧ କରିଥିଲେ। ବର୍ତ୍ତମାନ ବର୍ଷାଦିନରେ ଅନେକ ସମୟରେ ବଜ୍ରପାତ ଜନିତ ମୃତ୍ୟୁ ହେବାର ନଜର ଆସିଥାଏ। ତେଣୁ ସଚେତନ ହିଁ ସୁରକ୍ଷା, ଏହାକୁ ଗୁରୁତ୍ୱ ଦେବା ଏବଂ ଅମୂଲ୍ୟ ଜୀବନ ବଞ୍ଚାଇବାର କୌଶଳ ଶିକ୍ଷା କରିବା। ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାର ତଥା ସମାଜରେ ଅନ୍ୟମାନଙ୍କ ପ୍ରତି ଏହା ଏକ ସହାୟକ ହେବ ବୋଲି ଆଶା କରାଯାଏ। ଏହି କୌଶଳ ଶିକ୍ଷା ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ମଧ ଆଗ୍ରହର ସହିତ ଜାଣି ଅଭ୍ୟାସ କରିଥିଲେ।

## ଦକ୍ଷିଣ ଭୋଗରାଇରେ ଗଜା ମରୁଡ଼ି ଆଶଙ୍କା

**ଭୋଗରାଇ, ୧୩।୭ (ସମିସ):** ଭୋଗରାଇ ବ୍ଲକର ଦକ୍ଷିଣାଞ୍ଚଳର ୩୨ ପଞ୍ଚାୟତରେ ପାଣି ଅଭାବରୁ ଗଜା ମରୁଡ଼ି ସମ୍ଭାବନା ଦେଖାଦେଇଛି। ଅନ୍ୟପକ୍ଷରେ ଉତ୍ତରାଞ୍ଚଳର ୧୮ଟି ପଞ୍ଚାୟତରେ ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣିରେ ଜମିରେ ପଡ଼ିଥିବା ଧାନତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଏଥର ଓଡିଶାକୁ କରାଯାଇଥିବା ପାଣି ଯୋଗୁଁ ଏହି ବ୍ଲକର ୧୦ ପଞ୍ଚାୟତର ୪୦ର ଉଠରଦ୍ଧ ଗାଁ ବନ୍ୟା ପାଣିରେ ଉବୁଟୁବୁ ହେଉଛି। ୧ମାସ ମଧରେ ୩ଥର ବନ୍ୟା ଆସିବା ଫଳରେ ଜମିରେ ଚାଷୀ ପକାଇଥିବା ଧାନ ତଳି ନଷ୍ଟ ହୋଇଯାଇଛି। ତା ଛଡ଼ା ଜମିରୁ ପାଣି ନିଷ୍କାସନ ହେଉ ନଥିବାରୁ ଆଉ ତଳି ମଧ ପଡ଼ି ପାରୁ ନାହିଁ। ସେହିପରି ଦକ୍ଷିଣ ଭୋଗରାଇ ଅଞ୍ଚଳରେ ଆଷାଢ଼



ସଅଳ ମୌସୁମୀ ବାୟୁ ପ୍ରବେଶ କରିଥିଲେ ମଧ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଆବଶ୍ୟକ ମୁତାବକ ବର୍ଷା ହୋଇନାହିଁ। ଅପରପକ୍ଷରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ବିଭିନ୍ନ ଜଳଭଣ୍ଡାର ରୁ ନଦୀକୁ ନିଷ୍କାସନ ମାସ ଶେଷ ହେବାକୁ ବସିଲାଣି ମାତ୍ର ବିଲରେ ଟୋପାଏ ପାଣି ନ ଥିବାରୁ ଚାଷୀ ଚାଷକାମ ଆଗେଇ ପାରୁନାହାନ୍ତି। ତୁରନ୍ତ କୃଷି ବିଭାଗ ପକ୍ଷରୁ ଚାଷୀ ମାନଙ୍କୁ ସଅଳ କିସମର ବିହନ ମାଗଣାରେ ଯୋଗାଇ ଦେବାକୁ ଦାବୀ ହେଉଛି।

## 'ଆପଣ ଏକା ନୁହଁନ୍ତି' ଟ୍ରଷ୍ଟ ପକ୍ଷରୁ ସହାୟତା

**ସୋର,୧୩।୭ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଇଟୁଆ ଗ୍ରାମର ବାବାଜୀ ନାୟକଙ୍କ ଏକମାତ୍ର ରୋଜଗାରିଆ ପୁଅ ସିଦ୍ଧାନ୍ତ ନାୟକ(୨୮) ବାହାର ରାଜ୍ୟରେ ରହି କାମ କରିବା ସହିତ ପରିବାର ପ୍ରତିପୋଷଣ କରୁଥିବା ବେଳେ ଗତ ୪ ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଶଯ୍ୟାଶାୟୀ ଅଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ପରିବାର ଲୋକେ ଚିକିତ୍ସା ପାଇଁ ଅସମର୍ଥ ପ୍ରକାଶ କରିଥିଲେ। ପରେ ସିଦ୍ଧାନ୍ତ ସିମୁଳିଆ ଅଞ୍ଚଳର ଯୁବ ସମାଜସେବୀ ଅଜୟ ମହାନ୍ତିଙ୍କୁ ସୋସିଆଲ ମିଡିଆ ଦ୍ୱାରା ନିଜର ଦୁଃଖ ଜଣାଇବାରୁ ସିମୁଳିଆର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ପକ୍ଷରୁ ଆଜି ତାଙ୍କ ଘରେ ପହଞ୍ଚି ଏକ ମାସର ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା,କୋଷାଧକ୍ଷ ଗୋପମଣି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ପାଢୀ, ଗଦାଧର ଜେନା, ମଧୁସ୍ମିତା ମିଶ୍ର ,ମଧୁସ୍ମିତା ବାରିକ, ବଳରାମ ସାହୁ, ଗୌତମ ଶିଅଳ, ରଞ୍ଜିତ ବେହେରା, ମାନସ କୁମାର ସାହୁ, ନିହାର ରଞ୍ଜନ ଶିଅଳ ଓ କାଳିପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ





**ନୀଳଗିରି, ୧୩।୭ (ସମିସ):** ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ଶୈବପୀଠସ୍ଥିତ ଗୁରୁକୃପା ହୋଟେଲ ସଭାଗୃହରେ ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଜିଲ୍ଲା ଶାଖା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସମ୍ମାନିତ ଅତିଥି ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଏବଂ ୨ନଂ ଜୋନ ର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣି ରାଉଳ, ସଙ୍ଘର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ମିଶ୍ର, ଜିଲ୍ଲା ସଭାପତି ଲୋକନାଥ ଦଳେଇ ମଞ୍ଚାସିନ ରହି ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ ଏବଂ ମିଡିଆ କୋର୍ଡିନେଟର ଜୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସଭାପତିଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ସର୍ବ ସମ୍ମତି କ୍ରମେ ଆଗାମୀ ୩ ବର୍ଷ ପାଇଁ ପୁଣି ଥରେ ଲୋକନାଥ ଦଳେଇଙ୍କୁ ସଭାପତି ଚୟନ କରାଯାଇଛି। ପରେ ନୀଳଗିରିର ଯୁବ ପ୍ରତିଭା ଚନ୍ଦ୍ରବିନ୍ଦୁ ଦାସ, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ଭଗବାନ ମହଲ, ଜଗନ୍ନାଥ ପାତ୍ର, ଅମିତ ବଳିଆରସିଂ, ବସ୍ତା ବ୍ଲକର ଯୁବ ସାମ୍ବାଦିକ ସ୍ୱର୍ଗତ ମନୋରଞ୍ଜନ ପ୍ରଧାନ ଙ୍କ ପତ୍ନୀ ମାଳତୀ ପ୍ରଧାନ ଏବଂ ସୁଶାନ୍ତ ବେହେରାଙ୍କ ମାତା ସୁକାନ୍ତି ବେହେରା ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି ଆସା ନନ୍ଦଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ଉପଦେଷ୍ଟା ସୁଧାଂଶୁ ଶେଖର ବାରିକ, ରାଜାରାମ ଦାସ, ଅମର କୁମାର ଆଚାର୍ଯ୍ୟ, କମଳ ଲୋଚନ ଆଚାର୍ଯ୍ୟ, ଗଗନ ସେଠି, ପ୍ରଶାନ୍ତ ବେହେରା, ରାଜକିଶୋର ମଲ୍ଲିକ, ଉପ ସଭାପତି ଜୀବନ କୃଷ୍ଣ ବାରିକ, ଆ।।ନନ୍ଦ ଦାସ, ସତ୍ୟବ୍ରତ ଦାସ, ସଂଗଠନ ସମ୍ପାଦକ ଭଗବାନ ଦାସ, ସହ ସମ୍ପାଦକ ଅର୍ଜୁନ ସିଂ, ପ୍ରଶାନ୍ତ ବେହେରା, ସଞ୍ଜୟ କୁମାର ସାମନ୍ତ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ସାମନ୍ତରାଏଙ୍କ ସମେତ୧୮୦ରୁ ଉର୍ଦ୍ଧ ସାମ୍ବାଦିକ ଜିଲ୍ଲାର ସମସ୍ତ ୧୨ ଟି ବ୍ଲକରୁ ଉପସ୍ଥିତ ଥିଲେ। ୨୦ ଜଣ ସ୍ଥାନୀୟ ଗରିବ ଆଦିବାସୀ ପରିବାର କୁ ସଙ୍ଘ ତରଫରୁ ମଶାରୀ ଓ କମ୍ବଳ ବଣ୍ଟନ କରାଯାଇଥିଲା।

## ସରକାରୀ ନିୟମ ମାନୁନାହାଁନ୍ତି ସରକାରୀ ବାବୁ

**ଜଳେଶ୍ୱର ବ୍ଲକ, ୧୩।୭ (ସମିସ) :** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଗଡସାହିଗ୍ରାମ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ବିବେକାନନ୍ଦ ବାରିକ୍ ସରକାରୀ ନିୟମକୁ ଉଲ୍ଲଂଘନ କରି ଚାଲିଛନ୍ତି। ପୂର୍ବରୁ ସେହି ଗ୍ରାମ ପଞ୍ଚାୟତର ବିକର୍ତନ ସେନାପତିଘରଠାରୁ ତ୍ରଲୋକ୍ୟ ସେନାପତିଙ୍କ ଘର ପର୍ଯ୍ୟନ୍ତ ଏକ ବ୍ୟକ୍ତିଗତ ରାସ୍ତା ସରକାରୀ ରେ ପିଏସ ସେୟାର ୨ ଲକ୍ଷରୁ ଅଧିକ ଟଙ୍କା ବିନିମୟରେ ରାସ୍ତା ନିର୍ମାଣ କରାଯାଇ ଥିଲା। ସେହିପରି ପଞ୍ଚାୟତ ଅର୍ଥରେ ଗ୍ରାମକୁ ଯାଇଥିବା କଂକ୍ରିଟ ରାସ୍ତା ଉପରେ ଭିତ୍ତିଭୂମି ସୁଦୃଢ କରିବା ପାଇଁ ୨ ଲକ୍ଷ ୧୬ ହଜାର ଟଙ୍କା ବିନିମୟ କରାଯାଇ ଥିବା କାର୍ଯ୍ୟ ଉପରେ ଆଜି ବିଧାୟକ ହାତ ପାଣ୍ଠି ପାଇଁ ସିସି ରୋଡ ପାଇଁ ଦିଆ ଯାଇଥିବା ୨ ଲକ୍ଷ ଟଙ୍କା ସି ସି ରୋଡ ବଦଳରେ ଏକ କଂକ୍ରିଡ ଖଳା ପ୍ରସ୍ତୁତି କରାଯାଉଛି। ଏହି କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ନେଇ ଗ୍ରାମର ରାଜୀବ ଗିରି, ଅନିରୁଦ୍ଧ ଜେନା, ସନ୍ତୋଷ ଜେନା, ପ୍ରତାପ ମାଝୀ ସମସ୍ତ ଉଚ୍ଚ ପଦସ୍ତ ଅଧକାରୀ ମାନଙ୍କୁ ଅବଗତି କରାଇଥିଲେ ମଧ ସରକାରୀ ବାବୁମାନେ ଚୁପ୍ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଜଳେଶ୍ୱର ଆସିଷ୍ଟାଣ୍ଟ ଇଞ୍ଜିନିୟର ସୌମ୍ୟ ରଞ୍ଜନ ସାହୁଙ୍କ ପ୍ରତିକ୍ରିୟା ମିଳିପାରିନି।

● ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିକଲା ରାଜ୍ୟ ସଂଯୁକ୍ତ ମୋର୍ଚ୍ଚା

**କାଳିପଦା, ୧୩।୭ (ସମିସ):** ବାଲିଆପାଳ ବ୍ଲକ ପର୍ଯ୍ୟଟନ କେନ୍ଦ୍ର ଡଗରା ବେଳାଭୂମି ଏବଂ ତାର ଆଖପାଖ ଅଞ୍ଚଳରେ ଏବେ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜଣେ ମହିଳା ପର୍ଯ୍ୟଟକଙ୍କ ସହିତ ଅନ୍ୟ ତିନି ଜଣ ବଙ୍ଗୀୟ ପର୍ଯ୍ୟଟକ ଡଗରା ବେଳାଭୂମିକୁ ବୁଲିବାକୁ ଆସିଥିଲେ। ଏହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର କେତେ ଜଣ ଅସାମାଜିକ ଲୋକ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମହିଳା ପର୍ଯ୍ୟଟକଙ୍କ ପ୍ରତି ଅଶ୍ଳୀଳ ବ୍ୟବହାର କରିଥିଲେ। ଗଣମାଧ୍ୟମ ଜରିଆରେ ଏହା ସାଧାରଣ ଲୋକଙ୍କ ଦୃଷ୍ଟିକୁ ଆସି ଥିଲା। ପରେ ଘଟଣାକୁ କେତେକ ସାମାଜିକ ସଂଗଠନ ତୀବ୍ର ବିରୋଧ ଓ ପ୍ରତିବାଦ କରିଥିଲେ। ପୁଲିସ ପର୍ଯ୍ୟଟକଙ୍କ ଏତଲା ମୂଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରିପାରି ନାହିଁ। ଅଲ ଇଣ୍ଡିଆ ଏସସି , ଏସ ଟି, ପଛୁଆ ବର୍ଗ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟର ସଂଯୁକ୍ତ ମୋର୍ଚ୍ଚା ଜାତୀୟ ସମ୍ପାଦକ ସୁଧୀର କୁମାର ଖଣ୍ଡା ଓ ଅନ୍ୟ କାର୍ଯ୍ୟକର୍ତ୍ତା ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଅନ୍ୟ ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଛନ୍ତି। ଶ୍ରୀ ଖଣ୍ଡା ଏ ନେଇ ଗତକାଲି ଓଡିଶା ସରକାରଙ୍କ ପୁଲିସ ମହା ନିର୍ଦ୍ଦେଶକ ଆଇପିଏସ. ୱାଇ ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଏଠାରେ ଏକ ପୁଲିସ ଫାଣ୍ଡି ଅଥବା ପୁଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ଆସନ୍ତା ସପ୍ତାହରେ ଶ୍ରୀ ଖଣ୍ଡାଙ୍କ ସହିତ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୁଲିସ ମହା ନିର୍ଦ୍ଦେଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ ରହିଛି ବୋଲି ଶ୍ରୀ ଖଣ୍ଡା ପ୍ରକାଶ କରିଛନ୍ତି। ଏହାର ଆନୁସଙ୍ଗିକ ବିକାଶ ଓ ସ୍ଥାୟୀ ସୁରକ୍ଷା ଜରୁରୀ ବୋଲି ଶ୍ରୀ ଖଣ୍ଡା ମଧ ପ୍ରେସକୁ ସୂଚନା ଦେଇଛନ୍ତି।

**ସୋର ନାଗରିକ ମଞ୍ଚର ସମୀକ୍ଷା ବୈଠକ**

# ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନାକୁ ଦୃଢ଼ ନିନ୍ଦା

ସୋର, ୧୩।୭ (ସମିସ)





ଆଜି ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସୋର ଅବସରପ୍ରାପ୍ତ କର୍ମଚାରୀ ଭବନରେ ମଞ୍ଚର ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଫକୀମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଧାପକଙ୍କ ନିର୍ଯ୍ୟାତନା ଓ ତାନାସାହି ଶାସନରେ ଅତିଷ୍ଠ ଇଣ୍ଟିଗ୍ରେଟେଡ଼ ବିଇଡି ଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣାକୁ ବୈଠକରେ ଦୃଢ ନିନ୍ଦା କରାଯିବା ସହ ପୀଡିତା ଛାତ୍ରୀଙ୍କୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ, ଘଟଣାରେ ସମ୍ପୃକ୍ତ ନିର୍ଯାତନାକାରୀ ମାନଙ୍କ ଦରମାରୁ କାଟି ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି। ସୋର ରେଳ ଷ୍ଟେସନକୁ ଦୀର୍ଘ ବର୍ଷ ଧରି ଅମୃତ ଭାରତ ଯୋଜନାରେ ସାମିଲ କରାଯାଇ ଥିଲେ ମଧ ଜଳେଶ୍ୱର ଷ୍ଟେସନ ତୁଳନାରେ ସୋର ଷ୍ଟେସନର ଉନ୍ନତି ଦିଗରେ ଖଡ଼ଗପୁର ଡିଭିଜନର ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଅବହେଳା ମଞ୍ଚ ଅନୁଭବ କରୁଛି। ସୋର ଷ୍ଟେସନରୁ ଦୈନିକ ଏକ ହଜାରରୁ ଅଧିକ ରେଳଯାତ୍ରୀ ଦୂରଦୂରାନ୍ତକୁ ଯାତାୟତ କରୁଥିବା ବେଳେ ରେଳ ବିଭାଗ ଲକ୍ଷାଧିକ ଟଙ୍କା ରାଜସ୍ୱ ସଂଗ୍ରହ କରୁଛନ୍ତି। ଦୀର୍ଘ ବର୍ଷରୁ ମଞ୍ଚ ଦାବି କରିଆସୁଛି ସୋର ଷ୍ଟେସନରେ ଅଧିକ ଦୂରଗାମୀ ଟ୍ରେନ ରହଣି, ଦ୍ୱିତୀୟ ପାଦଚଲା ବ୍ରିଜ, କୋଚ ଇଣ୍ଡିକେଟର, ରେଷ୍ଟସେଡ, ଯାତ୍ରୀଙ୍କ ବିଶ୍ରାମ କକ୍ଷ, ସୁଦ୍ଧ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ। ଏଥି ପ୍ରତି ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କର ଅଣଦେଖା, ସୋର ଷ୍ଟେସନ ଉପରେ ନିର୍ଭରଶିଳ ଯାତ୍ରୀ ମାନଙ୍କ ପ୍ରତି ସମ୍ପୂର୍ଣ୍ଣ ବୈମାତୃକ ନୀତି। ଏହା ବିରୁଦ୍ଧରେ ସମ୍ପୃକ୍ତ ଅଧିକାରୀଙ୍କୁ ଚରମ ପତ୍ର ସହ ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର ହୋଇଛି। ଠିକ ସେମିତି ସୋରରେ ନୂତନ ପି.ଡବ୍ଲ୍ୟୁ. ଡି ଅଫିସ ନିର୍ମାଣ ଓ ପୁରୁଣା ଅଫିସକୁ ଭାଙ୍ଗି ଯାତାୟାତ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଦୀର୍ଘ ଦିନ ଧରି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆ ଯାଇଥିଲେ ମଧ ବିଭାଗୀୟ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ନ ଦେବା ଯୋଗୁଁ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବା ସହ ସୋରର ଜନ ସାଧାରଣ ସହଯୋଗ ପ୍ରଦାନ ପାଇଁ ନିବେଦନ କରାଯାଇଛି। ଏହି ବୈଠକରେ ମଞ୍ଚର ସମ୍ପାଦକ ଡ. ନରହରି ନାୟକ ଗତ ବୈଠକର ବିବରଣୀ ଉପସ୍ଥାପନ କରିବା ପରେ ମାୟାଧର ନାୟକ, ନିତ୍ୟାନନ୍ଦ କର, ଗଙ୍ଗାଧର ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ, ମନୋଜ କୁମାର ରାୟ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ବାସୁକୃଷ୍ଣ ମହାପାତ୍ର, ଅନାମ ପ୍ରସାଦ ବାରିକ, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରସାଦ ବେହେରା, ରଜନୀକାନ୍ତ ପାଣିଗ୍ରାହୀ, ଶ୍ରୀଧର ପତ୍ରି, କଟଚନ୍ଦ୍ର ବେହେରା, ମହେଶ୍ୱର ପଣ୍ଡା, ଖଗେନ୍ଦ୍ର ପ୍ରଧାନ, ଦିବାକର ଦଳେଇ, ରବୀନ୍ଦ୍ର ନନ୍ଦ ପ୍ରଭୃତି ଯୋଗ ଦେଇଥିଲେ। ଶିକ୍ଷାବିତ ଚେମେଇ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

● ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏଆଇଏସ୍ଏଫ୍

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଅଖିଳ ଭାରତ ଛାତ୍ରସଂଘ, ଉତ୍କଳ ମହିଳା ସମିତି ପକ୍ଷରୁ ଇଂଟିଗ୍ରେଟେଡ ବିଇଡି



ଛାତ୍ରୀ ଆତ୍ମଦାହ ଘଟଣାକୁ ନିନ୍ଦା କରି ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହାଛଡା ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ସାଂସଦ, ମନ୍ତ୍ରୀ ଓ ପୁଲିସଙ୍କୁ ପୀଡ଼ିତା ଛାତ୍ରୀ ତାଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ସମ୍ବନ୍ଧରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଅଭ୍ୟନ୍ତରୀଣ କମିଟିର ତଦନ୍ତ ନାମରେ ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଛାତ୍ରୀଜଣକ ଅସହାୟ ହୋଇ ଏପରି ଚରମ ପଦକ୍ଷେପ ନେବା ସହ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସମ୍ପୃକ୍ତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ପାଇଁ ଛାତ୍ରସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସ୍ମୃତିରେଖା ସେନାପତି, କାହ୍ନୁଚରଣ ପରିଡ଼ା, ମନୋରଞ୍ଜନ ରାଉତ, ମିର୍ଜା ତୋହିଦ ବେଗ, କାଂଚନ ପରିଡ଼ା, ନମିତା ବାରିକ, ମାନସୀ ନାୟକ, ସୁଲୋଚନା ପାତ୍ର, ବନ୍ଦନା ପାତ୍ର, ଯତୀନ ପାତ୍ର, ଆଶୁତୋଷ ପରିଡ଼ା, ତପନ ସିଟ, ଭାଗବତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଏମ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଅଭିଯୋଗ

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ କଲେଜର ବିଇଡି ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ରାଜ୍ୟରେ ଏବେ ଡବଲ ଇଂଜିନ ସରକାରଙ୍କ ନାରୀ ମାନଙ୍କୁ ସୁରକ୍ଷା ଦେବା ଦିଗରେ ବିଫଳତାକୁ ପ୍ରତିଫଳିତ କରିଛି। କିଟ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା, ରାଜ୍ୟର ଅନେକ ସ୍ଥାନରେ ଧର୍ଷଣ ଓ ହତ୍ୟା ଭଳି ଘଟଣା ଏବେ ନିତିଦିନିଆ ହୋଇଗଲାଣି ବୋଲି ଏଠାରେ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଅଭିଯୋଗ ଅଣାଯାଇଛି। ଛାତ୍ରୀଟି କଲେଜ କର୍ତ୍ତୃପକ୍ଷ, ଆଭ୍ୟନ୍ତରୀଣ ଅନୁସନ୍ଧାନ କମିଟି ଏବଂ ପୁଲିସ ପ୍ରଶାସନ କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ବାଧ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି। ଏକ ସଭ୍ୟ ସମାଜରେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ତୁରନ୍ତ ଦୋଷୀକୁ କଠୋର ଦଣ୍ଡ ଦେବା ସହିତ ଏ ଘଟଣା କୁ ଚାପିଦେବା ପାଇଁ ଚେଷ୍ଟିତ ଥିବା କଲେଜ କର୍ତ୍ତୃପକ୍ଷକୁ ମଧ୍ୟ ଦଣ୍ଡ ବ୍ୟବସ୍ଥା କରିବାକୁ ହେବ। ସମ୍ପୃକ୍ତ ଛାତ୍ରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହିତ ରାଜ୍ୟରେ ବଢିଚାଲିଥିବା ନାରୀ ନିର୍ଯ୍ୟାତନା ବନ୍ଦ କରିବା ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଚେତାବନୀ ଦେଇଛନ୍ତି।

## ଛାତ୍ରୀ ଆତ୍ମହତ୍ୟା ଉଦ୍ୟମକୁ ନେଇ ସାମ୍ବାଦିକ ସମ୍ମିଳନୀ

# ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ବାଲେଶ୍ୱର,୧୩।୭ (ସମିସ)




ଶନିବାର ଫକୀରମୋହନ ମହାବିଦ୍ୟାଳୟ ପରିସରରେ ଜଣେ ବିଇଡି ଛାତ୍ରୀ ଉକ୍ତ ବିଭାଗର ଏଚଓଡିଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ନିଲମ୍ବିତ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ସବୁ ମହଲରେ ନିନ୍ଦା କରାଯାଉଥିବା ବେଳେ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀ କରାଯାଇଛି।

କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ, ଛାତ୍ରୀ ଜଣକ ୧୨ଦିନ ପୂର୍ବରୁ ପୁଲିସ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଧ୍ୟକ୍ଷ ୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ୫ ଦିନ ଯାଇ୧୨ଦିନ ହୋଇଥିଲେ ମଧ୍ୟ ପୁଲିସ ପ୍ରଶାସନ ରିପୋର୍ଟ ବାବଦରେ ଅଧ୍ୟକ୍ଷଙ୍କୁ ତାଗିଦ କ'ଣ ପାଇଁ କରି ନ ଥିଲା। ଏହାବ୍ୟତିତ ଛାତ୍ରୀ ଜଣକ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିବା ସହ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଙ୍ଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ। ଏହାଛଡା ଏହି ହୃଦୟ ବିଦାରକ ଘଟଣା ଘଟିବାରେ ସାଂସଦଙ୍କ କୌଣସି ନୈତିକ ଉତ୍ତର ଦାୟିତ୍ୱ ରହୁନି କି? ନା କେବଳ ଅଧ୍ୟକ୍ଷଙ୍କ ଉପରେ ସେ ଦୋଷାରୋପ କରି ନିଜର ଉତ୍ତର ଦାୟିତ୍ୱ କୁ ନିର୍ବାହ କରୁଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପ ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କେଉଁ କାରଣରୁ ସଂଜ୍ଞାନ ନେଲେ ନାହିଁ ଓ ଘଟଣାର ଉଚ୍ଚାସ୍ତରୀୟ ତଦନ୍ତ କଲେ ନାହିଁ ଏପରିକି ନିଜ ସରକାରର ଅପାରଗତା ଲୁଚାଇବାର ପ୍ରଚେଷ୍ଟା ଯୋଗୁଁ ଆଜି ଯେଉଁ ଘଟଣା ଘଟିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କୁହାଯାଇଛି। ବର୍ତ୍ତମାନ ସ୍ଥିତିରେ ନାରୀମାନେ ସୁରକ୍ଷିତ ନଥିବା ବେଳେ ଭଉଣୀ ମାନେ କଲେଜମାନଙ୍କରେ କେତେ ସୁରକ୍ଷିତ ରହିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜର ଅଧ୍ୟକ୍ଷ ଜଣକ ଘଟଣା ଘଟିବାର କେଇ ଘଣ୍ଟା ପୂର୍ବରୁ କେଉଁ ପରିସ୍ଥିତିରେ ପୀଡିତାଙ୍କ ସହ ଏକୁଟିଆ ଆଲୋଚନା କରୁଥିଲେ ତାହା ମଧ୍ୟ ପ୍ରଶ୍ନବାଚୀ? ବିଶେଷ କରି ତଦନ୍ତ ହୋଇଥିବା ରିପୋର୍ଟ ଅଧ୍ୟକ୍ଷଙ୍କ ଦ୍ୱାରା ସାର୍ବଜନୀନ ହେବା ପୂର୍ବରୁ କିପରି ଭାବେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ତେବେ ପ୍ରଶ୍ନ ଉଠୁଛି କିଏ ଏବଂ କାହିଁକି ରିପୋର୍ଟ ଲିକ କରିଲା? ଯେଉଁଥିପାଇଁ ପୀଡିତା ଅଧ୍ୟକ୍ଷଙ୍କୁ ଦେଖା କରିବାକୁ ଯିବା ସମୟରେ ତାଙ୍କର ଅନ୍ୟ ସହକର୍ମୀ ମାନେ ଧାରଣା ଦେବାକୁ ପ୍ରସ୍ତୁତି ଚଳାଇ ଥିଲେ। ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ଥିଲା କି ବୋଲି ପ୍ରଶ୍ନ କରିଛନ୍ତି। ପୀଡିତାଙ୍କ ମାନସିକ ସ୍ଥିତି ଠିକ ନଥିବା ଜାଣିବା ସତ୍ତ୍ୱେ ଅଧ୍ୟକ୍ଷ ନିଜ ଚ୍ୟାମ୍ବର ମଧ୍ୟରେ ବିନା କୌଣସି କମିଟି ମେମ୍ବର କିମ୍ବା ପୁଲିସର ଉପସ୍ଥିତିରେ ପୀଡିତାକୁ ରିପୋର୍ଟର ପୂର୍ବାଭାସ ଦେଇ ଆତ୍ମାହୁତି ଭଳି ଏକ ଛାତିଥରା ନିଷ୍ପତ୍ତି ନେବାକୁ ବାଧ କରିଥିଲେ କି? ଏହାଛଡା ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କ୍ୟାମ୍ପସ ଭିତରକୁ କିଏ ଏବଂ କେତେବେଳେ ପେଟ୍ରୋଲ ନେଇ ଆସିଲେ ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ନିଆଁ ଲଗେଇବା ସମୟରେ ଯେଉଁ ଛାତ୍ର ଜଣକ ଭିଡ଼ିଓ ରେକର୍ଡିଂ କରୁଥିଲେ ଏବଂ ପୀଡିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣ ଛାତ୍ରଙ୍କୁ ତଦନ ପରିସରଭୁକ୍ତ କରାଯାଉ। ଏହା କିଛି ଲୋକଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ନଥିଲା କି? ଯାହା ପରବର୍ତ୍ତୀ ସମୟରେ ଏକ ଦୁଃଖଦ ଦୁର୍ଘଟଣାରେ ପରିଣତ ହେଲା ବୋଲି ପ୍ରଶ୍ନ କରିଛନ୍ତି। ଗତକାଲି ରାତିରେ ଯେତେବେଳେ କଂଗ୍ରେସ ଦଳର ବିଧାୟିକା, ମହିଳା କଂଗ୍ରେସ ସଭାପତି ଓ ଛାତ୍ରନେତାମାନେ ଏମସକୁ ପୀଡିତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ ସେତେବେଳେ ଏବିଭିପି ଛାତ୍ର ସଙ୍ଗଠନର ଜଣେ ନାରୀ ନେତ୍ରୀ ଅଭଦ୍ରପୂର୍ଣ୍ଣ ଭାବରେ ରାସ୍ତା ଅବରୋଧ କରିଥିଲେ ଏବଂ ଯୁକ୍ତିତର୍କ କରୁଥିଲେ। ଝିଅଟିର ଜୀବନକୁ ବାଜିରେ ଲଗାଇ ଏସବୁ ଘଟଣାର ରାଜନୈତିକ ଫାଇଦା ଉଠେଇବାକୁ ପ୍ରଚେଷ୍ଟା କରୁଛନ୍ତି କି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜିଲ୍ଲା ସଭାପତି ସଂଜୀବ ଗିରି, ସୁଦର୍ଶନ ଜେନା, ପୂର୍ବତନ ବିଧାୟକ ସରୋଜ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ପିସିସି ମେମ୍ବର ଗୋପୀନାଥ ପାଢ଼ୀ, ଉପସଭାପତି ରଞ୍ଜନ ଦାସ, ଯୁବ ସଭାପତି ଗୌତମ ସାହୁ, ଛାତ୍ର ସଭାପତି ଜଗନ୍ନାଥ ମହାପାତ୍ର, ଛାତ୍ର ନେତା ଶ୍ରୀକାନ୍ତ ବୁଗୁଡାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ



ବସ୍ତା ବ୍ଲକ, ୧୩।୭ (ସମିସ): ବସ୍ତା ଥାନା ଅନ୍ତର୍ଗତ ମଛଦା ଗ୍ରାମର ଜନୈକା ଶିଶୁ କନ୍ୟା ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣା ପଡିଛି। ରବିବାର ଅପରାହ୍ନ ରେ ଏହି ଗ୍ରାମର ରାଜେଶ ମୈକାପଙ୍କ ୩ ବର୍ଷ ର ଝିଅ ପ୍ରତିଜ୍ଞା ପରିବାର ଲୋକଙ୍କ ଅଜାଣତରେ ନିକଟରେ ଥିବା ଗଡିଆକୁ ଯାଇ ବୁଡି ଯାଇଥିଲା। ଝିଅକୁ ପରିବାର ଲୋକେ ଖୋଜାଖୋଜି କରି ଗାଡିଆ ରୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ଆଣିଥିଲେ। ମାତ୍ର ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ।

# ଏଫ୍ଏମ୍ କଲେଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ

ବାଲେଶ୍ୱର,୧୩।୭ (ସମିସ)



ବାଲେଶ୍ୱର ପାଇଁ ଗର୍ବ ଓ ଗୌରବ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ। ମାତ୍ର ଗତ ଶନିବାର ଘଟିଥିବା ଘଟଣା କଲେଜକୁ କଳଙ୍କିତ କରିଛି। କଲେଜ ଇତିହାସରେ କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଗଲା। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆସୁଥିବା ଛାତ୍ରୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ ଆଲୋଡନ ସୃଷ୍ଟି କରିଛି।

ପୀଡିତା ଛାତ୍ରୀଙ୍କ ଶରୀରର ୯୦ ଭାଗ ଜଳିଯାଇଛି। ସେ ବର୍ତ୍ତମାନ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। କଲେଜ ଛାତ୍ରୀ ନ୍ୟାୟ ନପାଇ ନିଜକୁ ଜାଳିବାକୁ ଉଦ୍ୟମ କଲେ ଏବଂ କଲେଜ ପରିସରରେ ଏପରି ଘଟିବା ଘଟଣା ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀଙ୍କ ସୁରକ୍ଷା, କଲେଜର ପରିବେଶ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ଅଧିକ ତଦନ୍ତ ମଧ୍ୟ ଚାଲିଛି। ଏପରି ଏକ ଘଟଣା ନାରୀର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

## କ'ଣ କହୁଛନ୍ତି ଏମାନେ...



◆ଏହା ଏକ ନିନ୍ଦନୀୟ ଘଟଣା। କେବଳ ବାଲେଶ୍ୱର ଜିଲ୍ଲା ପାଇଁ ନୁହେଁ ବରଂ ସମଗ୍ର ଭାରତ ବର୍ଷ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଯେଉଁ ମାନସିକତା ରଖି ବାପାମାଆ ମାନେ ପିଲାଙ୍କୁ ପାଠ ପଢ଼ିବାକୁ ପଠାଉଛନ୍ତି ଏବଂ ନିଜକୁ ସୁରକ୍ଷା ଭାବେ ଗଢି ତୋଳିବେ ବୋଲି ଭାବୁଛନ୍ତି। କିନ୍ତୁ ଏପରି ଘଟଣା ପରେ ବର୍ତ୍ତମାନ ବାପାମାଆଙ୍କ ଆଶା ଆକାଂକ୍ଷା ଆଉ କ'ଣ ରହିବ। ବ୍ୟବସ୍ଥା ପୁରା ଫେଲ୍ ମାରିଛି। ଏଠି ପୁଲିସ ବିଭାଗ, ଶାସନ, କଲେଜ କର୍ତ୍ତୃପକ୍ଷ ତଥା କଲେଜ ଅଧ୍ୟକ୍ଷ, କୋର୍ କମିଟିରେ ଥିବା ଅଧ୍ୟାପକ, ଅଧ୍ୟାପିକା ସମସ୍ତେ ଦାୟୀ। ଏଥିସହିତ କୋର୍ କମିଟିରେ ଥିବା ନାରୀ ସଂଘ ସଭାପତି ନାରୀର ସ୍ୱରକୁ ଶାଣିତ କରିବା କଥା। ସେ କ'ଣ ରକ୍ଷା କବଚ ସାଜି ପାରିଲେନି। ସେହି କଲେଜର ଛାତ୍ରୀ ହିସାବରେ ମୋତେ ଆଜି ଲଜ୍ଜା ଲାଗୁଛି।

ପ୍ରଜ୍ଞା ପାରମିତା ମହାନ୍ତି, କଂଗ୍ରେସ ନେତ୍ରୀ



◆ବାଲେଶ୍ୱରର ଏଭଳି ଏକ ଘଟଣା ଝିଅମାନଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇବାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ କଲେଜରେ ଛାତ୍ରଙ୍କ ଭବିଷ୍ୟତ ଅଧ୍ୟାପକ ଉପରେ ନିର୍ଭର କରିଥାଏ। ଆଉ ଗୋଟେ ଝିଅ ଯଦି ନିଜ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ନାହିଁ ତାହେଲେ ଆଉ କେଉଁଠି ସିଏ ନିଜକୁ ସୁରକ୍ଷିତ ଭାବିବ। ମୁଁ ବି ଦିନେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଥିଲି। ଆଉ ଆଜି ସେହିପରି ନାମୀଦାମୀ କଲେଜରେ ଆଜି ଏହି ସବୁ ଘଟଣା ଘଟୁଥିବା ବିଷୟରେ ଶୁଣିବାକୁ ମିଳୁଛି। ଯାହା ଅତ୍ୟନ୍ତ ନିନ୍ଦନୀୟ। କଲେଜ ସମେତ ବାଲେଶ୍ୱରର ନାମ ମଧ୍ୟ ଖରାପ ହେବାରେ ଲାଗିଛି। ଗୋଟେ ଛାତ୍ରୀ ପ୍ରତି ଅଧ୍ୟାପକଙ୍କ ଏଭଳି ବ୍ୟବହାର କେବେ ବି ଗ୍ରହଣୀୟ ନୁହେଁ। ପ୍ରତି କଲେଜରେ ଛାତ୍ରୀଙ୍କ ସୁରକ୍ଷା ଦିଗରେ କଲେଜ କର୍ତ୍ତୃପକ୍ଷ ଚିନ୍ତା କରିବା ଦରକାର। ଏପରି ଘଟଣା ଯେପରି ପୁର୍ନବାର ନଘଟୁ ସେଦିଗରେ ସମସ୍ତେ ପଦକ୍ଷେପ ଗ୍ରହଣ କରିବା ଉଚିତ୍।

ଶୁଭଲଗ୍ନା ପାଣିଗ୍ରାହୀ, ଗୃହିଣୀ/ଇନଫ୍ଲୁଏନ୍ସର୍



◆ହାଇସ୍କୁଲଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉ। ଯୌନ ନିର୍ଯ୍ୟାତନା ପାଇଥିବା ଝିଅମାନେ ଆଭ୍ୟନ୍ତରୀଣ କମିଟିକୁ ଜଣାନ୍ତୁ। ଏହି କମିଟିର ଚେୟାରମ୍ୟାନ ହେଉଛନ୍ତି କଲେଜର ଅଧ୍ୟକ୍ଷ। କଲେଜ ଅଧ୍ୟକ୍ଷ ତୁରନ୍ତ ଘଟଣାର ତଦନ୍ତ କରି ଝିଅମାନଙ୍କୁ ନ୍ୟାୟ ଦେବା ଦରକାର। ଏହି ଘଟଣାର ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ। ଦଣ୍ଡ ଦିଆନଗଲେ ଏପରି ଘଟଣାକୁ ରୋକି ହେବ ନାହିଁ। ଏହାବ୍ୟତୀତ କଲେଜର ଆଭ୍ୟନ୍ତରୀଣ କମିଟି ଯଦି ସେମାନଙ୍କ କଥା ଠିକ୍ ଭାବେ ନବୁଝେ ତେବେ ଜିଲ୍ଲାରେ ଲୋକାଲ୍ ଅଭିଯୋଗ କମିଟି ଜଣାଇବାକୁ ନେଇ ଝିଅମାନଙ୍କୁ ସଚେତନ କରାଯାଉ୍। ପୀଡିତାକୁ କାଉନସେଲିଂ କରାଯାଉ। ଏହାବାଦ ମଧ୍ୟ ଫାଷ୍ଟ ଟ୍ରାକ କୋର୍ଟର ସହଯୋଗ ନେଇପାରିବେ। ଝିଅଟି ଯେତେବେଳେ ସବୁଆଡେ ଅସହାୟ ହୋଇଯାଏ ସେତେବେଳେ ନିଜ ଉପରେ ଚରମ ନିଷ୍ପତ୍ତି ନିଏ। ଏପରି ଚରମ ପଦକ୍ଷେପ ଏଡ଼ାଇବା ପାଇଁ ପ୍ରଥମରୁ ତଦନ୍ତ ଠିକ୍ ଭାବେ କରାଯାଉ।

ସ୍ନେହଲତା ଦାସ, ଆଇନଜୀବୀ ତଥା ଲୋକାଲ୍ ଅଭିଯୋଗ କମିଟିର ସଦସ୍ୟା



◆ଯାହା ଘଟିଛି ତାହା ନିହାତି ଦୁର୍ଭାଗ୍ୟଜନକ। ଏଦିଗରେ ପିଲାମାନଙ୍କୁ ଠିକ୍ ଭାବରେ ବୁଝିବା କଲେଜର ସମସ୍ତ କର୍ମଚାରୀଙ୍କ ଦାୟିତ୍ୱ ରହିଛି। କାରଣ ଏହି ବୟସରେ ପିଲାମାନଙ୍କୁ ଠିକ୍ ଭାବେ ବୁଝିବା ଦରକାର। ଆମେ ମନ ଇଚ୍ଛା ଯାହା ପିଲାମାନଙ୍କୁ କହିଦେବା ତାହା ଠିକ୍ ନୁହେଁ। ପ୍ରଥମ ଅଧ୍ୟାପକ, ଅଧ୍ୟାପିକା ହିସାବରେ ପ୍ରଥମ ପିଲାମାନଙ୍କର ମନସ୍ତତ୍ତ୍ୱକୁ ବୁଝିବା ଦରକାର। କିନ୍ତୁ ନ୍ୟାୟ ପାଇଁ ଏମିତି ବାଟ ଆପଣେଇବା ଜମା ଠିକ୍ ନୁହେଁ। ଧୈର୍ଯ୍ୟ ବି ରହିବା ଦରକାର। ଏଠି ସମସ୍ତେ ସଫାସୁତୁରା ନୁହନ୍ତି। କାହାର ନା କାହାର ଦୋଷ ଅଛି। ପରିସ୍ଥିତିକୁ ଠିକ୍ ଭାବେ ସମ୍ଭଳା ଯାଇନି। ଫଳରେ ଛାତ୍ରୀ ଜଣକ ଏପରି ନିଷ୍ପତ୍ତି ନେଇଛନ୍ତି। ଏପରି ଘଟଣାରେ ଛାତ୍ରୀଙ୍କୁ କାଉନସେଲିଂ କରିବାର କଥା। ନ୍ୟାୟ ନମିଳିବାରୁ ଅତିଷ୍ଠ ହୋଇ ଏପରି କରିଛନ୍ତି।

ଝାନସୀ ଜେନା, ଅଧ୍ୟକ୍ଷା, କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ



◆ସରକାରୀ କଲେଜଗୁଡିକରେ ଯେତେବେଳେ ଶାରୀରିକ ହେଉ ଅବା ମାନସିକ ନିର୍ଯ୍ୟାତନାର ଅଭିଯୋଗ ଆସୁଛି ସେତେବେଳେ ଏହାକୁ ଗୁରୁତର ସହ ନିଆଯାଇ ଦୋଷୀକୁ ଦଣ୍ଡ ଦିଆଯାଉ। ଏହାବ୍ୟତୀତ କଲେଜ କମିଟିରେ କଲେଜ ସଂଗଠନ ବା ଛାତ୍ରଛାତ୍ରୀ ରହିବା ଦରକାର ଯେଉଁମାନଙ୍କର ପ୍ରମାଣ ଓ ବୟାନକୁ ବି ଦୃଷ୍ଟିକୁ ନିଆଯିବା ଜରୁରୀ। କାରଣ ମୁଁ ପ୍ରାଇଭେଟ୍ କଲେଜରେ ଆର୍କିଟେକଚର୍ ପଢିଛି। ପ୍ରାଇଭେଟ୍ କଲେଜରେ ଯେତେବେଳେ ସମାନ ଘଟଣା ଘଟିଥିଲା ସେତେବେଳେ କେବଳ ଦୁଇ ଜଣ ପିଲାଙ୍କୁ ବୟାନରେ ସେଇ ଶିକ୍ଷକଙ୍କୁ ତୁରନ୍ତ ବାହାର କରିଦିଆଯାଇଥିଲା ଏବଂ କଡା ପଦକ୍ଷେପ ନିଆଯାଇଥିଲା। ଫଳରେ ସେ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି କଲେଜରେ ଚାକିରି କରିପାରିଲେ ନାହିଁ। ତେଣୁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ପରି ସରକାରୀ କଲେଜରେ କାହିଁକି କଠୋର ପଦକ୍ଷେପ ନେଉନାହାନ୍ତି। ସବୁବେଳେ ପିଲାମାନଙ୍କୁ ଡୋମିନେଟ୍ କରିବା ଏବଂ ଶିକ୍ଷକଙ୍କୁ ସୁରକ୍ଷା ଦେବା ଅଭିନବ ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ଏହାବ୍ୟତୀତ କଲେଜରେ ଯଦି ଅଗ୍ନି ନିର୍ବାପକ ଯନ୍ତ୍ର ଥାଆନ୍ତା ତାହେଲେ ଝିଅଟି ସୁରକ୍ଷିତ ଥାଆନ୍ତେ। କଲେଜଗୁଡିକ ଏସବୁ ନିୟମ ଅବମାନନା କାହିଁକି କରୁଛନ୍ତି ତଦନ୍ତ କରିବା ଆବଶ୍ୟକ।

ପ୍ରତ୍ୟାଶା ପାତ୍ର, ଆର୍କିଟେକ୍ଟ

◆ଝିଅଟି ଏବିଭିପିର ଷ୍ଟୁଡେଣ୍ଟ ଲିଡର୍। ସେ ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କଠୁ ଆରମ୍ଭ କରି ସାଂସଦ, ବିଧାୟକ, ମୁଖ୍ୟମନ୍ତ୍ରୀ ଏବଂ କମିଶନର୍ଙ୍କୁ ଜଣାଇଥିଲେ। ସେ ଝିଅ ଜଣକ ଶାସକ ଦଳର ୟୁନିୟନର କର୍ମକର୍ତ୍ତା ହୋଇ ମଧ୍ୟ ସୁରକ୍ଷିତ ହୋଇପାରୁ ନାହାନ୍ତି ତାହେଲେ ସାଧାରଣ ଝିଅଟି କ'ଣ କରିବ। ଏହାବ୍ୟତୀତ ଫକୀରମୋହନଙ୍କ ନାମରେ ନାମିତ କଲେଜକୁ ନେଇ ଆମେ ଯେଉଁ ଗର୍ବ କରୁ ସେଇ କଲେଜରେ ଏପରି ଘଟଣା ଘଟିବା ପଛରେ ନିଶ୍ଚୟ ଅନ୍ୟ କିଛି କାରଣ ରହିଛି। କଲେଜର ଅଧ୍ୟକ୍ଷଙ୍କ ସମେତ ସାଂସଦ ଓ ବିଧାୟକ ମଧ୍ୟ ସମାନ ଭାବେ ଦାୟୀ। ସେମାନେ ସବୁ ଜାଣି ମଧ୍ୟ ଝିଅକୁ ସୁରକ୍ଷା ଦେଇପାରିଲେ ନାହିଁ। ଏବିଭିପିର ପିଲା ଯେଉଁମାନେ ସେ ଝିଅ ସହ ଥିଲେ ସେମାନେ ମଧ୍ୟ ସୁରକ୍ଷା ଦେଇପାରିଲେ ନାହିଁ। ଏହି ଡବଲ୍ ଇଞ୍ଜିନ ସରକାରରେ ନାରୀ, ଶିଶୁ, ଛାତ୍ରୀ କେହି ସୁରକ୍ଷିତ ନୁହନ୍ତି। ଆମେ ପ୍ରତିଦିନ ଦେଖୁଛୁ ମହିଳା ମାନେ ନିର୍ଯାତିତ ହେଉଛନ୍ତି। ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।



ଅର୍ଚ୍ଚନା ନନ୍ଦୀ, ପିସିସି ସଦସ୍ୟ



◆ଫକୀରମୋହନ କଲେଜର ଛାତ୍ରୀ ଆଜି ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ସେ ନ୍ୟାୟ ପାଇଁ ପୁଲିସଠୁ ଆରମ୍ଭ କରି କଲେଜ ଅଧ୍ୟକ୍ଷ, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ ସମସ୍ତେ ନୀରବ ରହିଲେ। ଫଳରେ କଲେଜ ପରିସରରେ ଏହିପରି ଏକ ଘଟଣା ଘଟିଲା। ସରକାର 'ବେଟି ପଢାଓ, ବେଟି ବଚାଓ' ନାରା ଦେଉଛନ୍ତି ହେଲେ ଆଜି ଛାତ୍ରୀମାନଙ୍କର ସୁରକ୍ଷା ନାହିଁ। ନିକଟରେ ଗୋପାଳପୁରରେ ଏକ ଘଟଣା ଘଟିଛି। ଯାହା ନାରୀ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ତେଣୁ କଲେଜ ଘଟଣା ପଛରେ ଯେଉଁ ମାନେ ସାମିଲ ଅଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ।

ସଂଯୁକ୍ତା ସାହୁ, ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟା

# ମନହର ଲାଲ୍ ପାଲା ତରଫରୁ ରକ୍ତଦାନ ଶିବିର





ବାଲେଶ୍ୱର,୧୩।୭ (ସମିସ): ମନହର ଲାଲ୍ ପାଲା କେବଳ ନାରୀମାନଙ୍କର ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ନାହିଁ ବରଂ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ ବୋଲି ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ମନହର ଲାଲ୍ ପାଲାର ଯୁଗ୍ମ ମୁଖ୍ୟ ପରିଚାଳକ କମଲେଶ ପାଲା ଓ ରାକେଶ ପାଲା ଗତ କାଲି ମୁଖ୍ୟ ଚିକିତ୍ସାଳୟରେ ରେଡ କ୍ରସ ସହ ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ଏକ ରକ୍ତଦାନ ଶିବିର ଆୟୋଜିତ କରିଥିଲେ। ଏହି ଶିବିରକୁ ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଉଦଘାଟନ କରିଥିବା ବେଳେ ବାଲେଶ୍ୱର ରୋଟରୀ କ୍ଲବର ଅନ ସି ସଭାପତି ମୁକ୍ତାର ଅହମଦ, ବାଲେଶ୍ୱର ଲାୟନ୍ସ କ୍ଲବର ଜେଡ଼ ସି ଆନନ୍ଦ ମହାଞ୍ଚା, ଗୁଜୁରାଟି ସମାଜରୁ ସତୀଶ ଜଟାନିଆ, ମିତେଶ ମେହେତା ଏବଂ ରାଜୀବ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ରକ୍ତ ଅଭାବ ଦ୍ୱାରା ନାହିଁ ନଥିବା ଅସୁବିଧା ସମ୍ବନ୍ଧରେ ରକ୍ତଦାତାମାନଙ୍କୁ ସୂଚାଇଥିଲେ। ରକ୍ତ ଦାନ କରିବା ଦ୍ୱାରା ନିଜେ ଆରୋଗ୍ୟ ରହିବା ସହ ଅନ୍ୟର ଜୀବନକୁ ବଞ୍ଚାଇବାରେ ଆମେ ସହାୟ ହୋଇ ପାରିବା ବୋଲି ଆଲୋକପାତ କରିଥିଲେ। ଏଥି ସହିତ ନିଜେ ମଧ୍ୟ ରକ୍ତଦାତା ହେବାର ସୌଭାଗ୍ୟକୁ ହାତ ଛଡା କରିବା ଉଚିତ ନୁହଁ ବୋଲି କହି ନିଜେ ମଧ୍ୟ ଅତିଥିମାନେ ରକ୍ତଦାନ କରିଥିଲେ। ଏହା ପ୍ରତି ବର୍ଷ କିପରି ସୁଚାରୁ ରୂପେ ଆୟୋଜନ ହୋଇପାରିବ ଏବଂ ଅଧିକରୁ ଅଧିକ ରକ୍ତ ଦାତା ଏଥିରେ ସାମିଲ ହୋଇ ପାରିବେ ସଂସ୍ଥାର ମୁଖ୍ୟ ଆଶା ପ୍ରକାଶ କରିଥିଲେ। ପ୍ରଥମ ବର୍ଷ ଆୟୋଜନ କରି ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତା ଏବଂ ରକ୍ତଦାତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୧୩।୭ (ସମିସ): ମାନବ ରକ୍ତର ବିକଳ୍ପ ନାହିଁ। ଜଣେ ରକ୍ତଦାତା ହିଁ ରକ୍ତଦାନ କରି ଅନ୍ୟଜଣଙ୍କର ଜୀବନରକ୍ଷା କରିପାରିବ। ତେଣୁ ରକ୍ତଦାନ ହିଁ ହେଉଛି ମହତଦାନ। ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ୧୫ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଅତିଥି ଓ ବକ୍ତାମାନେ ଏହିମତ ପ୍ରଦାନ କରିଛନ୍ତି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ସମ୍ମାନିତ ଅତିଥି ଓ ବକ୍ତାଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡ ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ସଙ୍ଗଠନର ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗତବର୍ଷରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜକ, ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ବ୍ୟକ୍ତି ଓ ସଙ୍ଗଠନମାନଙ୍କୁ ସଂଘ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୃଷ୍ଠପୋଷକ ସଦସ୍ୟ ଭାବେ ଜିଲ୍ଲା ରକ୍ତଦାତା ସଂଘକୁ ୫୦ହଜାର ଟଙ୍କା ଦାନ କରିଥିବାରୁ ସମାଜସେବୀ ପଦ୍ମଲୋଚନ ଦତଙ୍କୁ ଉପାୟନ ପ୍ରଦାନ କରାଯାଇଥିଲା। ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ଅଧିବେଶନରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ପୁରୀ ଜିଲ୍ଲା ଚନ୍ଦନପୁରର 'ଉତ୍କଳ ଡ୍ୟାନ୍ସ ଗ୍ରୁପ'ର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଯଶୋଦାନନ୍ଦନ ଆସ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ଜନତ ହୁସେନ, ଶ୍ୟାମସୁନ୍ଦର ଜେନା ଓ ଦେବାଶିଷ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ସାମ୍ବାଦିକ ରବି ରାଉତ ନିର୍ବାଚନ ପରିଚାଳନା କରିଥିଲେ। ବିଜୟ ପାତ୍ର ଏହି ଅଧିବେଶନରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

ସକାଳ
THE SAKALA

## ପାଇଲଟ୍‌ଙ୍କ ତ୍ରୁଟି?

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ୍ ବିମାନବନ୍ଦରରେ ଘଟିଥିବା ଲୋମହର୍ଷଣକାରୀ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ(ଏଏଆଇବି)'ର ପ୍ରାଥମିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇଛି। ରିପୋର୍ଟର ନିଷ୍କର୍ଷ ଅନୁଯାୟୀ ବିମାନରେ ଯାନ୍ତ୍ରିକ ତ୍ରୁଟି ନଥିଲା, ହୁଏତ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟି ଥାଇପାରେ। କିନ୍ତୁ ବିଶେଷଜ୍ଞଙ୍କ ଦ୍ୱାରା ଏହି ରିପୋର୍ଟ ଗ୍ରହଣଯୋଗ୍ୟ ହୋଇପାରିନାହିଁ। ରିପୋର୍ଟକୁ ତର୍ଜମା କଲା ବେଳେ ଯେଉଁ କେତେକ ଯୁକ୍ତି ସାମ୍ନାକୁ ଆସୁଛି ସେଥିରୁ ରିପୋର୍ଟ ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ଆମେରିକୀୟ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ'ରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ବିମାନଟି ଉଠିବାର କିଛି ସେକେଣ୍ଡ ପରେ ଇନ୍ଧନ ନିୟନ୍ତ୍ରଣକାରୀ ଗୁରୁତ୍ୱପୂର୍ଣ୍ଣ ସ୍ୱିଚ୍ ସକ୍ରିୟ(ରନ ମୋଡ୍)ରେ ରହିବା ବଦଳରେ ନିଷ୍କ୍ରିୟ(କଟ୍‌ଅଫ୍) ସ୍ଥିତିରେ ଥିଲା। ଜଣେ ପାଇଲଟ୍ ଅନ୍ୟଜଣଙ୍କୁ 'କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଛ' ବୋଲି ପଚାରିଥିଲେ ଏବଂ ଦ୍ୱିତୀୟ ପାଇଲଟ୍ ଉତ୍ତର ଦେଇଥିଲେ ଯେ 'ମୁଁ ସ୍ୱିଚ୍ ବନ୍ଦ କରିନାହିଁ।' କକ୍‌ପିଟ୍ ଭଏସ୍ ରେକର୍ଡିଂ ବ୍ୟବସ୍ଥାରେ ରେକର୍ଡ ହୋଇଥିବା ଏତିକିମାତ୍ର ବାର୍ତ୍ତାଳାପକୁ ତର୍ଜମା କରି ଏଏଆଇବି ଏହି ନିଷ୍କର୍ଷରେ ପହଞ୍ଚି ଯାଇଛି ଯେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ଥିବାରୁ ଇଞ୍ଜିନ୍‌କୁ ଆବଶ୍ୟକ ପରିମାଣର ଇନ୍ଧନ ଯାଇପାରିଲା ନାହିଁ। ଯେତେବେଳେ ପୁଣି ସ୍ୱିଚ୍‌କୁ 'ରନ୍' କରାଗଲା ସେତେବେଳକୁ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା ଏବଂ ବିମାନ ଦୁର୍ଘଟଣା ଘଟିଲା। ଏପରିକି ୨୦୨୩ ପରଠାରୁ ସ୍ୱିଚ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ କିମ୍ବା ଅଭିଯୋଗ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ଅର୍ଥ କୌଣସି ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ବିମାନ ଦୁର୍ଘଟଣା ପଛରେ କେବଳ ପାଇଲଟ୍‌ମାନଙ୍କର ତ୍ରୁଟି ହିଁ ଦାୟୀ ବୋଲି ରିପୋର୍ଟ ସ୍ପଷ୍ଟ କରିଛି।

ବିଶେଷଜ୍ଞଙ୍କ ମତାନୁଯାୟୀ, ୪୦୦ ଫୁଟ୍ ଉଚ୍ଚତାକୁ ବିମାନ ଉଠିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା। ଯଦିବା ସ୍ୱିଚ୍ ସ୍ଥିତିରେ ବ୍ୟତିକ୍ରମ ଥିଲା ତାହା କେଉଁ ପାଇଲଟ୍ କାହାକୁ କହିଥିଲେ ତାହାର କୌଣସି ସ୍ପଷ୍ଟ ସୂଚନା ଏଏଆଇବି ରିପୋର୍ଟରେ ନାହିଁ। ଏହାଛଡ଼ା ବିମାନର ଦୁଇଟି ଇଞ୍ଜିନ୍ ପାଇଁ ଦୁଇଟି ପୃଥକ୍ ଇନ୍ଧନ ସ୍ୱିଚ୍ ରହିଥାଏ। ସେଦୁଇଟି ଏଭଳି ଢାଙ୍କୁଣି ଦ୍ୱାରା ସୁରକ୍ଷିତ ଥାଏ ଯେ ଅନ୍ୟମନସ୍କ ଭାବେ ହାତବାଜିଲେ ମଧ୍ୟ ଏତେସହଜରେ 'ରନ୍' କିମ୍ବା 'କଟ୍‌ଅଫ୍' ସ୍ଥିତିକୁ ଆସିପାରିବ ନାହିଁ। ସ୍ୱିଚ୍‌ର ସ୍ଥିତି ବଦଳାଇବା ପାଇଁ ପାଇଲଟ୍‌ଙ୍କୁ ରୀତିମତ କସରତ କରିବାକୁ ପଡ଼େ। ସ୍ୱିଚ୍ 'ରନ୍' ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ପାଇଁ ଇଞ୍ଜିନ୍ ଷ୍ଟାର୍ଟ(ଚାଲୁ) ହେବ ନାହିଁ। ବିମାନଟି ପୁଣି ଅବତରଣ କରିବା ପରେ ହିଁ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। କୌଣସି ବିଶେଷ ବା ଜରୁରିକାଳୀନ ପରିସ୍ଥିତିରେ ମଧ୍ୟାକାଶରେ ବିମାନ ଉଡ଼ୁଥିବା ବେଳେ ଯଦି ପାଇଲଟ୍ ଅନୁଭବ କରନ୍ତି ଯେ ବିମାନର କୌଣସି ଇଞ୍ଜିନ୍ କାମ କରିବା ବନ୍ଦ କରିଦେଇଛି ସେକ୍ଷେତ୍ରରେ କେବଳ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। ତେଣୁ ବିମାନଟି ପୃଥିବୀପୃଷ୍ଠରୁ ଆକାଶକୁ ଉଠିବା ମାତ୍ରେ ହିଁ ଦୁଇଟି ଯାକ ସ୍ୱିଚ୍ ସ୍ଥିତିରେ ଯେ ବ୍ୟତିକ୍ରମ ଘଟିଥିବ ବା କଟ୍‌ଅଫ୍ ସ୍ଥିତିକୁ ଅଣାଯାଇଥିବ, ତାହା କୌଣସି ସୁସ୍ଥ ମସ୍ତିଷ୍କଧାରୀ ପାଇଲଟ୍‌ଙ୍କ ପକ୍ଷେ ସମ୍ଭବ ନୁହେଁ। ଦୁର୍ଘଟଣା ପରେ ପରେ ଏୟାର ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜୁନ୍ ୧୨ ତାରିଖ ଦିନ ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ମୁଖ୍ୟ ପାଇଲଟ୍ ସୁମୀତ୍ ସବରୱାଲ୍ ଓ ସାଥୀ ପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କ ଅଭିଜ୍ଞତା ଓ ଦକ୍ଷତା ପ୍ରଶ୍ନାତୀତ। ଉଡ଼ାଣ ପୂର୍ବରୁ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନେଇ ପରବର୍ତ୍ତୀ ଉଡ଼ାଣ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣପତ୍ର ଦିଆଯାଇଥିଲା। ତେଣୁ ଏଭଳି ଆତ୍ମଘାତୀ କାର୍ଯ୍ୟକଳାପ ଜିହାଦିଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ। ତେବେ ଏଏଆଇବି କ'ଣ ପ୍ରମାଣ କରିବାକୁ ଚାହୁଁଛି?

ରିପୋର୍ଟର ପରିପକ୍ୱତା ଉପରେ ପ୍ରଶ୍ନ ଉଠାଇଥିବା ବିଶେଷଜ୍ଞମାନେ ଆହୁରି ମଧ୍ୟ କହିଛନ୍ତି ଯେ 'ୟୁଏସ୍ ଫେଡେରାଲ୍ ଆଡମିନିଷ୍ଟ୍ରେସନ୍' ଦ୍ୱାରା ୨୦୧୮ରେ 'ସ୍ପେଶାଲ୍ ଏୟାରଓର୍ଥିନେସ୍ ଇନ୍‌ଫର୍ମେସନ୍ ବୁଲେଟିନ୍'ରେ ଜାରି ମାର୍ଗଦର୍ଶିକା ଅନୁଯାୟୀ ଇନ୍ଧନ ସ୍ୱିଚ୍ ସୁରକ୍ଷା ଯାଞ୍ଚ ନିୟମିତ ବ୍ୟବଧାନରେ ହେବା ଆବଶ୍ୟକ। କିନ୍ତୁ ଡ୍ରିମ୍‌ଲାଇନର ୭୮୭-୮ ପ୍ରସ୍ତୁତକାରୀ ସଂସ୍ଥା ସେଭଳି କରିଥିବା ଉଚିତ୍ ମନେ କରି ନଥିଲା। ଏଏଆଇବି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଇନ୍ଧନ ଅଭାବ କାରଣରୁ ଇଞ୍ଜିନ ବନ୍ଦ ହୋଇଯିବା ପରେ ଲ୍ୟାଣ୍ଡିଂଗିୟର ପଛ ପାଖରେ ଥିବା ପବନଚାଳିତ ବିକଳ୍ପ ଶକ୍ତି ଉତ୍ସ ରାମ୍‌ଏୟାର ଟର୍ବାଇନ୍(ରାଟ୍) ତତ୍କାଳ ଚାଲୁ କରାଯାଇଥିଲା ଏବଂ ସ୍ୱିଚ୍‌କୁ 'ରନ୍' କରିବା ପରେ 'ଅକ୍ସୁଲାରୀ ପାୱାର ୟୁନିଟ୍ ବା ଏପିୟୁ ସ୍ୱୟଂକ୍ରିୟ ଭାବେ ଚାଲୁ ହୋଇଯାଇଥିଲା। ବିଶେଷଜ୍ଞଙ୍କ ମତାନୁଯାୟୀ ଦୁଇଟିଯାକ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ପରେ ହିଁ ଏହି ଦୁଇ ବିକଳ୍ପ ବ୍ୟବସ୍ଥା ଆପେ ଆପେ କାର୍ଯ୍ୟକ୍ଷମ ହେବ। ତେଣୁ ଆପାତତଃ ଇଞ୍ଜିନ୍ ଅକାମୀ ହୋଇଥିବା ଏଥିରୁ ପ୍ରମାଣିତ ହେଉଛି। ତଥାପି ଇଞ୍ଜିନ ତ୍ରୁଟି ଜନିତ କାରଣ ରିପୋର୍ଟରେ ଦର୍ଶାଯାଇନାହିଁ କି ସେ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ସୁପାରିସ ମଧ୍ୟ କରାଯାଇନାହିଁ।

ବ୍ଲାକ୍‌ବକ୍ସ ତଦନ୍ତ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ଆସିବାକୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ସମୟ ଲାଗିପାରେ। ତେଣୁ ୟା' ଭିତରେ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରଲୋଭିତ କରି ଏଭଳି ଏକ ଉଦ୍ଦେଶ୍ୟମୂଳକ ରିପୋର୍ଟ ପ୍ରସ୍ତୁତ କରାଇନେବା ଆଶ୍ଚର୍ଯ୍ୟଜନକ ନୁହେଁ। ସ୍ୱିଚ୍ କଟ୍‌ଅଫ୍ ବିଷୟରେ କେଉଁ ପାଲଇଟ୍ କାହାକୁ କେଉଁ ପରିସ୍ଥିତିରେ କ'ଣ କହିଥିଲେ ତାହା କେବଳ ସେମାନେ ହିଁ ସ୍ପଷ୍ଟ କରିପାରିଥା'ନ୍ତେ। କିନ୍ତୁ ସେମାନେ ଜୀବିତ ନଥିବାରୁ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ। ଘଟଣାର ସାକ୍ଷୀ ବା ପ୍ରମାଣ ଦେବାକୁ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି। ଏହି ପୃଷ୍ଠଭୂମିରେ 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଦୁଇ ପାଇଲଟ୍‌ଙ୍କ ଅବର୍ତ୍ତମାନରେ ସେମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇ ଡ୍ରିମ୍‌ଲାଇନର ସଂସ୍ଥା ନିଜର ଭାବମୂର୍ତ୍ତି ସଜାଡ଼ିବାର ଭରପୂର ପ୍ରୟାସ କରିଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ନିୟମ ଅନୁଯାୟୀ କୌଣସି ଦୁର୍ଘଟଣା ଘଟିବାର ମାସକ ମଧ୍ୟରେ ଏଏଆଇବି ପ୍ରାଥମିକ ରିପୋର୍ଟ ଦେବାକୁ ପଡ଼ିବ। ତେଣୁ ତରବରିଆ ଭାବେ ପ୍ରସ୍ତୁତ ରିପୋର୍ଟର ତଦନ୍ତ ଆଧାର ଓ ନିଷ୍କର୍ଷ ଅପରିପକ୍ୱ ହୋଇପାରେ। ଏଭଳି ଏକ ସନ୍ଦେହବିଜଡ଼ିତ ପରିସ୍ଥିତିରେ ରିପୋର୍ଟକୁ ନେଇ କୌଣସି ଉପସଂହାରରେ ନ ପହଞ୍ଚିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିମାନ ଦୁର୍ଘଟଣା ଘଟିବା ପରେ ଏ ପର୍ଯ୍ୟନ୍ତ ଅନେକ ମତ ଓ ମନ୍ତବ୍ୟ ପ୍ରକାଶ ପାଇଛି। କିନ୍ତୁ ତାହା କେବଳ ଅନୁଭୂତି ଆଧାରିତ ଓ ଆନୁମାନିକ। ବ୍ଲାକ୍‌ବକ୍ସ ପରୀକ୍ଷା ଆଧାରରେ ପୂର୍ଣ୍ଣାଙ୍ଗ ରିପୋର୍ଟ ନ ଆସିବା ଯାଏଁ କୌଣସିଟିକୁ ସମ୍ପୂର୍ଣ୍ଣ ବିଶ୍ୱାସକୁ ନେବା ଠିକ୍ ହେବ ନାହିଁ। ସେହିଭଳି ରିପୋର୍ଟ ଯଦି ଉଦ୍ଦେଶ୍ୟମୂଳକ ହୁଏ ତେବେ ଏଏଆଇବି ଭଳି ଆନ୍ତର୍ଜାତିକ ସଂସ୍ଥା ବିଶ୍ୱସନୀୟତା ହରାଇବା ସାର ହେବ। ●

## ନିଦଭରା ଶିକ୍ଷା କାହା ହିତରେ?

ଡ.ଅନ୍ତର୍ଜିତା ନାୟକ

ପୂର୍ବରୁ କୁହାଯାଉଥିଲା ଶୀଘ୍ର ଶୁଅ, ଶୀଘ୍ର ଉଠ, ସ୍ୱାସ୍ଥ୍ୟବାନ, ଧନବାନ ଓ ଜ୍ଞାନୀ ହୁଅ। କିନ୍ତୁ ଅତ୍ୟାଧୁନିକ ଯୁଗରେ ତାହା ବଦଳି ଯାଇ ହୋଇଗଲାଣି- ଡେରିରେ ଶୁଅ, ଶୀଘ୍ର ଉଠ, କେବଳ ଧନୀ ହୁଅ। ଆଜିକାଲି କାଳେ ଧନ ଥିଲେ ସ୍ୱାସ୍ଥ୍ୟ ଓ ଜ୍ଞାନ କିଣି ହେଉଛି। ସେଥିଲାଗି ଧନ ଉପାର୍ଜନର ବାଟକୁ ବଢ଼ାଇବା ହେଲା ଆମର ପ୍ରମୁଖ ଲକ୍ଷ୍ୟ। କିନ୍ତୁ ଆମେ ଭୁଲି ଯାଉଛନ୍ତି ଯେ ବିଳମ୍ବିତ ରାତିରେ ଶୋଇବା ଓ ରାତି ନ ପାହୁଣୁ ଉଠିବା ଆମକୁ କେବଳ ରୋଗ କିଣିବାରେ ହିଁ ସହାୟତା କରିପାରିବ। ଆଜି ଆମ ଚାରିପାଖରେ ମାନସିକ, ଶାରୀରିକ ଓ ସାମାଜିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଉ ଆମେ ଆମ ଘରେ ଏଇ ରୋଗୀ ତିଆରି କାରଖାନା ଖୋଲିଛନ୍ତି।

ଆଗରୁ ସିନା ଟି.ଭି., ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ହ୍ୱାଟ୍‌ସଆପ୍, ଫେସବୁକ୍, ହୋମୱାର୍କ, ପ୍ରୋଜେକ୍ଟ, ଏସାଇନମେଣ୍ଟ, ଟ୍ୟୁସନ୍ ନଥିଲା ଯେ ସମସ୍ତେ ଶୀଘ୍ର ଖାଇପିଇ ରାତି ୯ଟା ସୁଦ୍ଧା ଶୋଇପଡୁଥିଲେ। ହେଲେ ଏବେ ରାତି ୧୨ଟା-୧ଟେ ଆଗରୁ ଘରର ଲାଇଟ୍ ବନ୍ଦ ହେଉ ନାହିଁ। ରାସ୍ତାରେ ଟ୍ରାଫିକ୍ ଏତେ ବଢ଼ିଯାଇଛି ଯେ କାର୍ଯ୍ୟାଳୟରୁ ଘରକୁ ଫେରିଲା ବେଳକୁ ଅଧେ ରାତି ସରିଯାଉଛି। ଖାଇ-ପିଇ ଶୋଇଲାବେଳକୁ ଉଠିବା ସମୟ ହୋଇଯାଉଛି। ଠିକ୍ ନିଦ ଆସୁଥିବ, ଆଖି ଜୋରରେ ଲାଗି ଯାଉଥିବ, ସେତେବେଳକୁ ପିଲାଙ୍କର ସ୍କୁଲ୍ ଯିବା ସମୟ ହୋଇଯାଉଥିବ। ସକାଳ ୭.୨୦ରେ ସ୍କୁଲ୍ ଆରମ୍ଭ। ୭ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବାକୁ ହେବ। ସକାଳ ୫.୪୫ରେ ସ୍କୁଲ୍ ବସ୍ ଆସିଯିବ। ଭୋର ୪.୩୦ ରୁ ୪.୪୫ ଭିତରେ ଉଠିବାକୁ ହେବ। ଶୋଇଲାବେଳକୁ ରାତି ୧୨ଟା ଏବଂ ଉଠିଲାବେଳକୁ ସକାଳ ୪.୪୫। ସମୁଦାୟ ୫ଘଣ୍ଟାର ନିଦ୍ରା। କିନ୍ତୁ ଆମ ପିଲା ଶୋଇବା କଥା ୮ ରୁ ୧୦ଘଣ୍ଟା। ଏହା ସ୍ପଷ୍ଟ କରିଦେଉଛି ଯେ, ଆମେ ଆମ ଘରେ ଗୋଟେ ଗୋଟେ ରୋଗୀ ତିଆରି କରୁଛନ୍ତି, ଯାହାଙ୍କର ନିଦ ଆମେ ଏବେ ଖରାପ କରୁଛନ୍ତି। ପରେ ସେମାନେ ଆମ ନିଦ ହଜାଇବେ।

ଛୁଆଟି ଯେତେବେଳେ ଠିକ୍ ଭାବରେ ଶୋଇପାରେ ନାହିଁ ବା ଅଳ୍ପ ସମୟ ଲାଗି ଶୋଇଲାପରେ ତାକୁ ଜୋର୍ ଜବରଦସ୍ତ ଉଠିବାକୁ ବାଧ କରିଦିଆଯାଏ, ସିଏ ସେତେବେଳେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଏ, ଯାହା ତା'ର ଧ୍ୟାନ, ଏକାଗ୍ରତା ଓ ସ୍ମରଣଶକ୍ତିକୁ ବ୍ୟାଘାତ କରିଥାଏ ଏବଂ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ନିଦ୍ରାଭାବ ହେତୁ ଧ୍ୟାନାଭାବ ଓ ଅତିସକ୍ରିୟତା ବିକାର ଦେଖାଦେଇଥାଏ, ଯାହାଫଳରେ ପିଲାଟି ଶ୍ରେଣୀଗୃହରେ ପଢ଼ା ଯାଉଥିବା ପାଠ ଠିକ୍‌ରେ ଶୁଣିପାରେ ନାହିଁ କି ବୁଝିପାରେ ନାହିଁ। ଶ୍ରେଣୀରେ ତା'ର ପ୍ରଦର୍ଶନ ଅତି ନୈରାଶ୍ୟଜନକ ହୋଇଯାଏ। ବାଲ୍ୟକାଳରୁ ଅନିଦ୍ରା ବା ଉପଯୁକ୍ତ ନିଦ୍ରାଭାବ, ପ୍ରତିରକ୍ଷା ପ୍ରଣାଳୀରେ ସମସ୍ୟା, ଉଦାସୀନତା, ଆଲର୍ଜି ଜନିତ ନାସାପ୍ରଦାହ ଆଦି ସମସ୍ୟା ସହିତ ଭବିଷ୍ୟତରେ ମେଦବହୁଳତା, ମଧୁମେହ, ଉଚ୍ଚରକ୍ତଚାପ ଜରିଆରେ ହୃଦ୍‌ରୋଗ ବିପଦ ଆଣିପାରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି।

ସଅଳ ସ୍କୁଲ୍ ସମୟ ଛୋଟ ପିଲା ଓ ପ୍ରାଥମିକ ଶିକ୍ଷା ଉପରେ ଯେପରି କୁପ୍ରଭାବ ପକାଇ ଥାଏ, ଠିକ୍ ସେହିପରି କିଶୋରାବସ୍ଥାର ପିଲା ଓ ସେମାନଙ୍କର ଶିକ୍ଷାରେ ମଧ୍ୟ କୁପ୍ରଭାବ ପକାଇ ଥାଏ। କିଶୋରାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ଯୋଗୁଁ ପିଲାମାନଙ୍କୁ ବିଳମ୍ବିତ ରାତି ଯାଏଁ ନିଦ ଆସେ ନାହିଁ। ବିଳମ୍ବିତ ସକାଳ ଯାଏଁ ନିଦ ଭାଙ୍ଗେ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ନିଦ ଅଭାବ ସାଙ୍ଗକୁ ଶରୀରରେ ବିଭିନ୍ନ ଜୈବ ରାସାୟନିକ (ହର୍ମୋନ) ପରିବର୍ତ୍ତନ, କିଶୋରାବସ୍ଥାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ, ଯାହା ମଧ୍ୟରୁ ମେଦବହୁଳତା ଖୁବ୍ ବେଶୀ। ଶରୀରରେ ହେଉଥିବା ଜୈବ ପରିବର୍ତ୍ତନ ସାଙ୍ଗକୁ ସ୍କୁଲ୍‌ର ସଅଳ ସମୟ, ବୋଝ ଉପରେ ନଳିତା ବିଡ଼ା, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅଳ୍ପ ନିଦ୍ରା ବା ଅଧା ନିଦ୍ରାରୁ ଉଠି ଶୀଘ୍ର ସ୍କୁଲ୍ ଯିବା ସାମାନ୍ୟ ଲାଗିପାରେ, କିନ୍ତୁ ଏହି ବାଧ୍ୟତାମୂଳକ ଅଭ୍ୟାସ କିଶୋରମାନଙ୍କ ମଧ୍ୟରେ ନିଶା ସେବନ, ଉଦାସୀନତା, ଆତ୍ମହତ୍ୟା ପ୍ରବଣତା, ଧୂମପାନ, ଅସୁରକ୍ଷିତ ଯୌନ ସମ୍ପର୍କ, ସଡ଼କ ଦୁର୍ଘଟଣା, ବଳାତ୍କାର ଭଳି ସମସ୍ୟାମାନଙ୍କୁ ଟାଣି ଆଣୁଛି, ଯାହାକୁ ଆମେ ବହୁ ସମୟରେ ଅଣଦେଖା କରନ୍ତି। ସମସ୍ୟାର ତର୍ଜମା କରନ୍ତି ନାହିଁ।

ସକାଳ ୭ଟାରୁ ସ୍କୁଲ୍ ଆରମ୍ଭ କରି ଦ୍ୱିପ୍ରହର୨ଟାରେ ସାରିବା କାହିଁକି ଏତେ ଜରୁରୀ? ସ୍କୁଲ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଚାଲିଲେ ଅସୁବିଧା କ'ଣ? ପିଲା କେତେସୁନ୍ଦର ସକାଳୁ ଉଠି ପାରିବେ, ନିତ୍ୟକର୍ମ ଠିକ୍‌ରେ ସାରିପାରିବେ, ଭଲରେ ଖାଇ-ପିଇ ସ୍କୁଲ୍ ଯାଇ ମନଦେଇ ପାଠ ପଢ଼ିପାରିବେ। ସ୍କୁଲ୍‌ରୁ ଫେରି ଖେଳିବାକୁ ଯାଇପାରିବେ। ସନ୍ଧ୍ୟା ସମୟରେ ପାଠପଢ଼ି ବସିପାରିବେ। ସବୁ କେତେ ବ୍ୟବସ୍ଥିତ ହୋଇପାରିବ! କେବଳ ସରକାରୀ ସ୍କୁଲ୍‌କୁ ଛାଡ଼ିଦେଲେ ଘରୋଇ ସ୍କୁଲ୍ ସବୁ ଶୀଘ୍ର ଆରମ୍ଭ କରି ଶୀଘ୍ର ଶେଷ କରିବାରେ ବ୍ୟସ୍ତ। କିନ୍ତୁ କାହିଁକି? ଏହାର କାରଣ ଯଦି ଖୋଜିବା, ତେବେ ଅସଲ ଦୋଷୀ ହେଲା ଟ୍ୟୁସନ୍। ଆଜିକାଲିକାର ଧାରଣା ଯେ ପିଲା ଯେତେ ଟ୍ୟୁସନ୍ ଯିବେ, ଯେତେ ଅଧିକ ସମୟ ପାଠପଢ଼ିବେ, ସେତେ ଅଧିକ ନମ୍ବର ପରୀକ୍ଷାରେ ରଖିବେ। ସେତେ ଅଧିକ ନାଁ ହେବ। ଗୋଟେ ଗୋଟେ ବିଷୟ ଲାଗି ଦୁଇ ଦୁଇଟା ଟ୍ୟୁସନ୍! ସ୍କୁଲ ଶେଷକରି ସିଧା ଟ୍ୟୁସନ୍ ଯାଉଛନ୍ତି, ଲଗାତାର ଟ୍ୟୁସନ୍ ସାରି ଘରକୁ ଫେରୁଛନ୍ତି। ବେଳେବେଳେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ରାତି ୧୦ଟା ଯାଏଁ ଟ୍ୟୁସନ୍ ଚାଲୁଛି। ପିଲାମାନେ ସ୍କୁଲ୍ ୟୁନିଫର୍ମ ବଦଳାଇବାକୁ ସମୟ ପାଉନାହାନ୍ତି।

ଶୀଘ୍ର ସ୍କୁଲ୍ ଯିବା ଲାଗି ରାତିର ନିଦ ସକାଳୁ ପୂର୍ଣ୍ଣ ହୋଇନଥିବ। ଖରାବେଳେ ଲଗାତାର ଟ୍ୟୁସନ୍ ଲାଗି ପିଲାଟି ଶୋଇପାରିବ ନାହିଁ। ପରୀକ୍ଷାରେ ଅଧିକ ନମ୍ବର ଲାଗି ପିଲାଙ୍କ ନିଦ ବଳି ପଡ଼ିଗଲେ ସେଥିରେ କାହାରି କିଛି ଯାଏ ଆସେ ନାହିଁ। ଆମ ପିଲାଙ୍କ ସାଙ୍ଗରେ ଆମେ ଏ କ'ଣ କରୁଛନ୍ତି? ବହୁତ ଭଲ ସ୍କୁଲ୍‌ରେ ପଢ଼ିବା ଲାଗି ରାତିର ନିଦକୁ ଅଧାରେ ଭାଙ୍ଗିବ, ତା'ବାଦ ପୁଣି ଟ୍ୟୁସନ୍ ଯିବ ବୋଲି ବଳକା ନିଦକୁ ତ୍ୟାଗ କରିବ। ସ୍କୁଲ୍‌ରେ ଯଦି ଏତେ ଭଲ ପାଠପଢ଼ା ହେଉଛି, ତେବେ ଟ୍ୟୁସନ୍ କ'ଣ ଜରୁରୀ? ଆମେ ବୋଧେ ଭୁଲି ଯାଉଛନ୍ତି ଯେ ନିଦ ଭରା ଆଖିରେ ଉଚ୍ଚ ସ୍ୱପ୍ନ ଦେଖିବାକୁ କୌଣସି ଜାଗା ରହେ ନାହିଁ। ସରକାର, ପ୍ରଶାସନ ଓ ଅଭିଭାବକମାନଙ୍କୁ କ'ଣ ଏହା ଜଣା ପଡୁନାହିଁ? ସରକାର କହିଲେ ପିଲାଙ୍କର କଲ୍ୟାଣ ଲାଗି ସେମାନଙ୍କୁ ପାଠର ଚାପ କମ ଦିଆଯିବ, ପରୀକ୍ଷା ଉଠାଇ ଦିଆଯିବ, ଶାରୀରିକ ଦଣ୍ଡ ଦିଆଯିବ ନାହିଁ, ସ୍କୁଲ୍ ବ୍ୟାଗର ଓଜନ କମେଇଦିଆଯିବ, ଏମିତି କେତେ ପ୍ରକାରର କଥା। କିନ୍ତୁ ପିଲାଙ୍କର ବାସ୍ତବ ଯନ୍ତ୍ରଣାକୁ ଦେଖିଲେ ଲାଗେ ସବୁ ନିୟମ ତା' ଜାଗାରେ ଏବଂ ପିଲାଙ୍କ ବେଦନା ପିଲାଙ୍କ ପାଖରେ। ସ୍କୁଲ ଗଲା ବେଳକୁ ପିଲା ଯଦି ଆଖିରେ ଆଖିଏ ନିଦ, କାନ୍ଧରେ ଭାରି ବୋଝ ଓ ପେଟରେ ଭୋକ ନେଇ ଯିବ, ତେବେ ପାଠ ମୁଣ୍ଡରେ ପଶିବାକୁ ଆଉ ବାଟ ରହିବ ତ? ସେଥିରେ ଆମେ ଶିଶୁ ଅଧିକାର ବିଷୟରେ କହିବା। ପ୍ରକୃତ ଶିଶୁ ଅଧିକାର କ'ଣ, ଶିଶୁ କଲ୍ୟାଣ କ'ଣ, ଆମକୁ ବୁଝିବାକୁ ହେବ। ଜୋର୍ ନିଦ ଲାଗୁଥିବ ପିଲାଟି ଶୋଇପାରିବ ନାହିଁ, କଥା ଠିକ୍‌ରେ କହି ଶିଖି ନଥିବ ପାଠପଢ଼ା ଆରମ୍ଭ ହୋଇଯିବଣି, କାନ୍ଧ କାଟୁଥିବ ହେଲେ ବହିବସ୍ତାନି ନନେଇ ସ୍କୁଲ୍ ଯାଇପାରିବନି, ଏସବୁ କ'ଣ ଶିଶୁ ଅଧିକାରର ଉଲଂଘନ ନୁହେଁ କି?

ପାଠପଢ଼ାକୁ ଆମେ ଗୋଟେ ଦଣ୍ଡ ଭଳିଆ କରିସାରିଲୁଣି, ଯାହାକୁ ପିଲା ଡରିକି ବାଧରେ କରୁଛନ୍ତି। ଯଥେଷ୍ଟ ଓ ସମ୍ପୂର୍ଣ୍ଣ ନିଦ ସମସ୍ତଙ୍କର ଅଧିକାର। ପିଲାମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ବିକାଶ, କଲ୍ୟାଣ ଓ ସ୍ଥିରତା ନିମନ୍ତେ ସମ୍ପୂର୍ଣ୍ଣ ନିଦ ଜରୁରୀ। ଆମ ବ୍ୟବସ୍ଥା ଯୋଗୁଁ ଆମେ ଯେମିତି ଆମ ପିଲାଙ୍କର ନିଦ ହଜାଉଛନ୍ତି, ସେମିତି ସେହି ବ୍ୟବସ୍ଥା ଆମ ପିଲାଙ୍କୁ ଆଗକୁ ଯାଇ ଏତେ ଅବ୍ୟବସ୍ଥିତ ନକରିଦେବ ଯେ ସେମାନେ ଆମ ନିଦ ହଜାଇବେ। ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଆମେ ନିଜେ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ନାରୀ ସମାଜ: ଆମ ମାନସିକତା ଓ ବ୍ୟବସ୍ଥା

କୃଷ୍ଣଚନ୍ଦ୍ର ସୁଆଁସିଆ



ସମ୍ପ୍ରତି ମହିଳା ସଶକ୍ତୀକରଣ ଏବଂ ସଶକ୍ତ ମହିଳା ସମାଜ ଗଠନର ନାରା ଦିଆଯାଉଛି। କିନ୍ତୁ ଆମ ସମାଜରେ ନାରୀମାନେ କ'ଣ ପ୍ରକୃତରେ ସଶକ୍ତ? ପ୍ରତିଦିନ ଆମେ ଗଣମାଧ୍ୟମରେ ନାରୀ ନିର୍ଯାତନା ସମ୍ବନ୍ଧିତ ସମ୍ବେଦନଶୀଳ ଘଟଣାମାନ ବଢ଼ି ଚାଲିଥିବାର ପଢ଼ୁଛେ, ଦେଖୁଛେ, ଶୁଣୁଛେ। ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବା ସହ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସୁଛି। ଘଟଣା ଘଟିବା ପରେ ପ୍ରତିକ୍ରିୟାମାନ ମଧ୍ୟ ପ୍ରକାଶ ପାଉଛି। କିନ୍ତୁ ପ୍ରତିକ୍ରିୟାଶୀଳତା କେବଳ ସୀମିତ ସମୟ ଓ ସ୍ୱାର୍ଥ ନିହିତରେ ଆବଦ୍ଧ ହୋଇ ରହି ଯାଉଛି। ପୀଡ଼ିତାକୁ ନେଇ ରାଜନୀତିର ପଶାପାଲି ଆରମ୍ଭ ହୋଇଯାଉଛି। 'ନାରୀ ଦୁର୍ବଳା ନୁହେଁ ସବଳା' ନାରା ଦେଇ ରାଜନୈତିକ ଦଳର ବ୍ୟକ୍ତି ରାଜଧାନୀରେ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା କରନ୍ତି। ହୋହାଲ୍ଲା ଏତିକିରେ ସୀମିତ ରୁହେ। ପରେ ପ୍ରସଙ୍ଗ ଥଣ୍ଡା ପଡ଼ିଯାଏ। ବିଶେଷରେ ପୀଡ଼ିତା କିମ୍ବା ତା'ର ପରିବାର ନ୍ୟାୟ ପାଇବା ଦୂରର କଥା, ବଦନାମ ହେବା ଦେଖିବାକୁ ମିଳୁଛି।

ସମାଜ ଯେତିକି ବିକଶିତ ହେଉଛି ନାରୀମାନଙ୍କ କାର୍ଯ୍ୟଶୈଳୀରେ ସେତିକି ବିକାଶ ପରିଲକ୍ଷିତ ହେଉଛି। କିନ୍ତୁ ଶିକ୍ଷିତ ସମାଜରେ ନାରୀମାନଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ନ ହେବା ଚିନ୍ତାର ବିଷୟ ପାଲଟିଛି। ଏପରିକି ଜଣେ ନାରୀ ସମସ୍ୟା ପ୍ରତି ସମାଜ ପ୍ରତିକ୍ରିୟାଶୀଳ ହେବା ଦୂରର କଥା ନାରୀ ସମାଜ ହିଁ ନୀରବଦ୍ରଷ୍ଟା ପାଲଟିବା ନାରୀ ସୁରକ୍ଷା ପ୍ରତି କୁଠାରଘାତ ହେଉଛି। କେଉଁଠି ରାଜନୈତିକ ଚାପ ପଡ଼ୁଛି ତ କେଉଁଠି ଅନ୍ୟ କିଛି କାରଣ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖସି ଯାଉଛି। ଆଶ୍ଚର୍ଯ୍ୟର କଥା ସମାଜସେବା ଓ ରାଜନୀତିରେ ନୂଆ ନୂଆ ମହିଳାଙ୍କ ଚେହେରା ସାମ୍ନାକୁ ଆସୁଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଆଗକୁ ଆସୁନାହାନ୍ତି। ଦଳ କିମ୍ବା ସଂଗଠନକୁ ସୁହାଇଲା ଭଳି ସ୍ୱର ଉତ୍ତୋଳନ କରିବା କେଉଁଠି ନା କେଉଁଠି ନାରୀ ପାଇଁ ନାରୀମାନଙ୍କ ଆନ୍ତରିକତାରେ ପ୍ରଶ୍ନବାଚୀ ଲାଗିଯାଉଛି।

ନାରୀମାନେ ସଂଗଠିତ ହୋଇ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସକ୍ରିୟ ହେଲେ ହିଁ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧ ହ୍ରାସ ପାଇପାରିବ। ନାରୀକୁ ଉଚିତ ସମ୍ମାନ ମିଳିବ। ନାରୀ ଶକ୍ତି ଯେତେବେଳେ ସଂଗଠିତ ହୋଇ ଏକସ୍ୱର ଉଠାଇବେ ସେତେବେଳେ ଯାଇ ରକ୍ଷକ ଭକ୍ଷକ ସାଜିବାକୁ ସାହସ କରିବ ନାହିଁ। ପୁରାଣ, ଇତିହାସକୁ ପଢ଼ିବା କିମ୍ବା ଶୁଣିବାରେ ସୀମିତ ନରହି ନାରୀ ସମାଜ ସଂଘଟିତ ହେବା ଜରୁରୀ। ନଚେତ ଏମିତି ଗୋଟେ ପରେ ଗୋଟେ ଅଭାବନୀୟ ଘଟଣାମାନ ସାମ୍ନାକୁ ଆସୁଥିବ। ଆଉ ଏସବୁକୁ ଢାଲ କରି ରାଜନୀତି ତା'ର ଫାଇଦା ଉଠାଇ ଚାଲିଥିବ।

ଏସବୁକୁ ପ୍ରତିହତ କରି ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଜୀବନଜୀବିକା ଅତିବାହିତ କରିବା ଲାଗି ଉତ୍କୃଷ୍ଟ ସମାଜ ଗଢ଼ିବାରେ ଉଭୟ ଶାସକ ଓ ବିରୋଧୀଦଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ କିଛିଦିନ କ୍ୟାଣ୍ଡେଲ ଶୋଭାଯାତ୍ରା, ଟିଭିରେ ଦୋଷାରୋପର ପ୍ରହସନ ସହ 'ପୀଡ଼ିତାଙ୍କୁ ନ୍ୟାୟ' ଦେବାର ଅଭିନୟରେ ନାରୀ ସୁରକ୍ଷା ସୀମିତ ରହିଯାଉଛି। କଥାରେ ଅଛି ପିଲା ନକାନ୍ଦିବା ଯାଏଁ ଯେମିତି ମାଆ ପିଲାର ଭୋକ ଜାଣିପାରି ନଥାଏ ସେଭଳି ସମସ୍ୟାକୁ ଗୁରୁତର ସହ ନାରୀ ସମାଜ ଯେପର୍ଯ୍ୟନ୍ତ ଶାଣିତ ଓ ପ୍ରତିକ୍ରିୟାଶୀଳ ଭାବେ ଉପସ୍ଥାପନ ନ କରିଛି, ନାରୀମାନେ ସଂଗଠିତ ନ ହୋଇଛନ୍ତି ସେତେବେଳେ ଯାଏଁ ଏଭଳି ଘଟଣା ଘଟିଚାଲିଥିବ।

ଏଭଳି ଘଟଣାଗୁଡ଼ିକ ଦେଖି ମନେ ପଡ଼େ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ରଚନା - 'ଜନ୍ମ ଆମର ମଣିଷ କୋଳରେ ନାହିଁ ଇଜ୍ଜତ ମାନ, ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।'

ସମାଜରେ ଉଭୟ ପୁରୁଷ ଓ ନାରୀ ସମାନ। କିନ୍ତୁ ସଭ୍ୟ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅନୀତି, ଅପରାଧକୁ ଦେଖି ସମାଜ ନିରବଦ୍ରଷ୍ଟା ପାଲଟିବା ଅନୁଚିତ। ବ୍ୟକ୍ତିଟି ଯେଉଁ ବିଚାର ସହ ସଂଶ୍ଳିଷ୍ଟ ଥାଉ ପଛେ ନାରୀ ସୁରକ୍ଷା ପାଇଁ ସମସ୍ତଙ୍କ ସ୍ୱର ଏକ ହେବାର ଆବଶ୍ୟକ ରହିଛି। ପୀଡ଼ିତା ଶବ ଉପରେ ସ୍ୱାର୍ଥସାଧନ ପ୍ରତି ଗୁରୁତ୍ୱ ନଦେଇ ବରଂ ପୀଡ଼ିତା ପରିବାରବର୍ଗ କିଭଳି ନ୍ୟାୟ ପାଇପାରିବେ ଏବଂ ଦୋଷୀ କଠୋର ଦଣ୍ଡ ପାଇବା ଦରକାର ସେ ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବାର ମାନସିକତା ରଖିବା ଆବଶ୍ୟକ। ଫଳରେ ଏଭଳି ଜଘନ୍ୟ ଅପରାଧ କରିବା ପୂର୍ବରୁ ଦୋଷୀ ବାରବାର ଅନୁଭବ କରିବାକୁ ବାଧ୍ୟ ହେବ। ଏପରିକି ନିଜ ପରିବାରରେ ଥିବା ମାଆ, ଝିଅ, ବୋହୂଙ୍କ ସହ ଅନ୍ୟ ନାରୀମାନଙ୍କୁ ମଧ୍ୟ ସମାନ ନଜର ଦେବାକୁ ବାଧ୍ୟ ହେବ। ସେଭଳି ବ୍ୟବସ୍ଥାରେ କଠୋର ଦଣ୍ଡ ବିଧାନ ଦ୍ୱାରା ଅପରାଧୀ ଓ ଅପରାଧ ପ୍ରତି ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ପଡ଼ିବ। ଏହାଦ୍ୱାରା ସଭ୍ୟ ସମାଜରେ ନାରୀ ପୁରୁଷ ସାଥିରେ ନିର୍ଭୟରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ। ●

ଶେରଗଡ଼(ଗଞ୍ଜାମ), ମୋ: ୬୩୭୦୯୧୨୪୦୨

## ଆମ ବୃକ୍ଷଲତା ଆମ ଜୀବନ

### ଇନ୍ଦ୍ରମହି

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମହି ବା 'ମହି' ହେଉଛି ଏକ ଉଷ୍ମମଣ୍ଡଳୀୟ ଶୁଷ୍କ ପର୍ଣ୍ଣମୋଚୀ ବୃକ୍ଷ, ଯାହା ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଦେଖାଯାଏ। ଭାରତରେ ଏହା ପ୍ରାୟ ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜରେ ବଢ଼ିଥାଏ। ପ୍ରାକୃତିକ ଉତ୍ପତ୍ତି ଆବାସ ସ୍ଥାନ ଅନୁସାରେ ମହି ଗଛ ୧୦ ରୁ ୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଗଣ୍ଡି କଠିନ, ଘନ, ଧୂସର-ବାଦାମୀ ରଙ୍ଗର। ବକଳ ବା ଛାଲି ପୃଷ୍ଠ ଧୂସରରୁ ଗାଢ଼ ବାଦାମୀ, ରୁକ୍ଷ, ଖଣ୍ଡ ଖଣ୍ଡ ହୋଇ ଉଠିଆସେ, ତନ୍ତୁମୟ; ଅଠାଳିଆ ରସ ନିର୍ଗତ ହୁଏ, ଲାଲ କଅଁଳିଆ ଶାଖା ଏବଂ ପ୍ରଶାଖାଗୁଡ଼ିକ ସୂକ୍ଷ୍ମ କେଶ ଦ୍ୱାରା ଆଚ୍ଛାଦିତ। ପତ୍ରଗୁଡ଼ିକ ସାଧାରଣତଃ ୫ ରୁ ୧୧ ଅଂଶବିଶିଷ୍ଟ, ଅଗ୍ର ଭାଗରେ ଗୋଟିଏ ପତ୍ରଅଂଶ ସହିତ ଶେଷ ହୁଏ, କଅଁଳିଆ ସମୟରେ ଘନ ମଖମଲ-ଲୋମଯୁକ୍ତ ଥାଏ। ଫୁଲଗୁଡ଼ିକ ଛୋଟ ଓ ସବୁଜ-ହଳଦିଆ। ପ୍ରତି ଫୁଲରେ ସେପାଲ୍ ବା ବହିରାବରଣ ବୃନ୍ତାଧାର ୪ଟି ଓ ପାଖୁଡ଼ା ୪ଟି ଥାଏ। ଫୁକେଶରଗୁଡ଼ିକ ବହୁତ ଛୋଟ ଏବଂ ଡିମ୍ବାଶୟ ଉପରିସ୍ଥ। ବେରି ଭଳି ଦେଖାଯାଉଥିବା ଫଳଗୁଡ଼ିକ ପାଚିଲେ ଲାଲ କିମ୍ବା ବାଇଗଣୀ ରଙ୍ଗଧାରଣ କରେ। ପେଣ୍ଟାରେ ଆକାରରେ ପତ୍ରହୀନ ଶାଖାର ଅଗ୍ର ବା ଶେଷରେ ଫଳଗୁଡ଼ିକ ଥାଏ। ଫଳ ୧ ରୁ ୨ ସେମି ଲମ୍ବା, ଲାଲ, ସଙ୍କୁଚିତ, ଚେପଟା, ବୃକକ୍ ଆକାରର ଓ ଏକକ ବିହନଯୁକ୍ତ।

ଇନ୍ଦ୍ରମହୀ ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟର ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ। ଏହାକୁ ସମଗ୍ର ଭାରତରେ ଆଦିବାସୀ ଜନଜାତିମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁଳ ବ୍ୟବହାର କରୁଥିବା ଜଣାଯାଏ। ଏହା ପ୍ରଦାହ-ବିରୋଧୀ, ଆଣ୍ଟିମାଇକ୍ରୋବାୟଲ୍, ଆଫ୍ରୋଡିସିଆକ୍ ବା କାମଉଦ୍ଦୀପକ। ଏହା ଏକ ଜଣାଶୁଣା ପାରମ୍ପରିକ ଔଷଧୀୟ ଗଛ, ଯାହା କ୍ଷତ, ଝାଡ଼ା, ହୃଦରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ନିଶାଦ୍ରବ୍ୟ ଦ୍ୱାରା ହେଉଥିବା କୋମାରେ ପ୍ରତିଷେଧକ, ଶୁକ୍ରାଣୁ କ୍ଷୟଜନିତ ଦୁର୍ବଳତା, ଦାନ୍ତ ଯନ୍ତ୍ରଣା, କାଶ ଓ ଗଳା ଯନ୍ତ୍ରଣା, ହାଡ଼ଭଙ୍ଗା ଅପସ୍ମାର, କ୍ଷତକୁ ସୁସ୍ଥ କରିବା, ଅଳସର, କାନ୍ଧ ଓ ବେକ ଯନ୍ତ୍ରଣା, କୁଷ୍ଠ ଇତ୍ୟାଦି ଚିକିତ୍ସାରେ ବହୁଳ ବ୍ୟବହୃତ ହୁଏ। ପରଜା ଏବଂ ଗଡ଼ବା ଜନଜାତି ଚର୍ମ ରୋଗର ଚିକିତ୍ସା ପାଇଁ ଛାଲି ଏବଂ ପେଟ ଯନ୍ତ୍ରଣା ପାଇଁ କୋମଳ ପତ୍ର ବ୍ୟବହାର କରନ୍ତି। ଏହି ଉଦ୍ଭିଦରେ କାର୍ବୋହାଇଡ୍ରେଟ୍, ପଲିସାକାରାଇଡ୍, ଅଠା, ପ୍ରୋଟିନ୍, ଆମିନୋ ଏସିଡ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟର୍ପେନଏଡ୍, ପଲିଫେନୋଲ୍, ଟାନିନ୍ ଭଳି ବିଭିନ୍ନ ଯୌଗିକ ଜୈବ ରସାୟନିକ ଉପାଦାନ ରହିଥିବା ଜଣାଯାଏ।

ଆଧ୍ୟାତ୍ମିକ ଭାବରେ ଏହାକୁ ଦୁଷ୍ଟ ଆତ୍ମାଙ୍କଠାରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ। କଅଁଳ ପତ୍ର ଏବଂ ଗଜାକୁ ପନିପରିବା ଭାବରେ ଖିଆଯାଏ। ଗଣ୍ଡିରୁ ମିଳୁଥିବା ଅଠା ପ୍ରାୟତଃ ମିଠା ତିଆରିରେ ଏବଂ ଛାଲି ଗୁଣ୍ଡକୁ ଏକ ସୁସ୍ୱାଦ ଉପାଦାନ ଭାବରେ ବ୍ୟବହାର କରାଯାଏ। ଗଛ ଲାଖ କୀଟ ପାଇଁ ଏକ ଆବାହକ ଭାବରେ ବ୍ୟବହୃତ ହୁଏ, ଯାହା ଲାଖ ଉତ୍ପାଦନ କରେ। ଏହାର ଉତ୍କୃଷ୍ଟ ଉଇ ପ୍ରତିରୋଧୀ ଗୁଣ ପାଇଁ ଏହା ପ୍ଲାଏ-କାଠ, ଘର ନିର୍ମାଣ, ଫର୍ଣ୍ଣିଚର, ଚାଉଳ ପାଉଡର, କାରୁକାର୍ଯ୍ୟ ଏବଂ ଟର୍ନରୀ ଇତ୍ୟାଦିରେ ବ୍ୟବହୃତ ହୁଏ। ଡ୍ରମ୍ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରି କରିବାରେ ଏହି ଗଛର କାଠ ବ୍ୟବହୃତ ହୁଏ। କାଣ୍ଡରୁ ଝିଂଗମ ଗମ୍ ନାମକ ଏକ ରେଜିନ୍ ମିଳିଥାଏ ଏବଂ ଏହାକୁ କାଲିକୋ ମୁଦ୍ରଣ ପାଇଁ ବ୍ୟବହୃତ ହୁଏ। ଆଖୁ ରସକୁ ସ୍ୱଚ୍ଛ କରିବା ପାଇଁ ଏକ ଫ୍ଲୋକୁଲେଟିଂ ଏଜେଣ୍ଟ ଭାବରେ ମଧ୍ୟ ବ୍ୟବହୃତ ହୁଏ। ଏହାର ଛାଲିରେ ଟାନିନ୍ ଥାଏ ତେଣୁ ଏହାକୁ ଟ୍ୟାନିଂ, ରଙ୍ଗ ଭାବରେ ଏବଂ ମାଛ ଧରିବା ଜାଲ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ।

ଏହା ଏକ ଲାଭଦାୟକ ଉଦ୍ଭିଦ ଏବଂ ତେଣୁ ଏହାର ଚାଷକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହାକୁ ପ୍ରାୟତଃ କୃଷି ବନୀକରଣ ପ୍ରଣାଳୀରେ ଲଗାଯାଏ, କାରଣ ଏହା ଛାଇ ପ୍ରଦାନ କରେ ଏବଂ ମାଟିର ଉର୍ବରତାକୁ ଉନ୍ନତ କରେ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଆସୁଛନ୍ତି ରାଷ୍ଟ୍ରପତି**

# ଗସ୍ତ ପାଇଁ ଗଛ ଓପାଡ଼ିଦେଲେ

**ଭୁବନେଶ୍ୱର,୧୩।୭ (ସମିସ):** ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଗଛ ଓପାଡ଼ିଦେଲେ। ଗୋଟିଏ କିମ୍ବା ଦୁଇଟି ନୁହେଁ, ଏକ କିଲୋମିଟର ବ୍ୟାପି ଲାଗିଥିବା ପ୍ରାୟ ଶହେ ଗଛ ଉପରେ ପ୍ରଶାସନ ବୁଲଡୋଜର୍ ଚଲାଇଦେଲା। ଗଛଗୁଡ଼ିକୁ ମୂଳରୁ ଓପାଡି ଫୋପାଡ଼ି ସେହି ସ୍ଥାନରେ କବର ଦେଇଦେଲା। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ଷକ ତଳେ ଲଗାଇଥିବା ଏହି ଗଛଗୁଡ଼ିକ ରାଷ୍ଟ୍ରପତିଙ୍କ ଗସ୍ତର



## ଏମ୍ସ ପାର୍ଶ୍ୱବର୍ତ୍ତୀ ସବୁଜିମାକୁ ଚ୍ୟାଲେଞ୍ଜ

## ସୁରକ୍ଷା ବାହାନାରେ ଜବରଦଖଲ ସୁଯୋଗ

ସୁରକ୍ଷା ନିଶ୍ଚିତ କରିବାକୁ ଉପୁଡ଼ା ଯାଇଥିବା କୁହାଯାଉଥିବାବେଳେ ଏହା ଏମ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସବୁଜିମାକୁ କିଭଳି ଚ୍ୟାଲେଞ୍ଜ ସୃଷ୍ଟି କରୁଛି ତାହା ସ୍ପଷ୍ଟ ପ୍ରତୀୟମାନ। ଅନ୍ୟପକ୍ଷରେ ସୁରକ୍ଷା ଏବଂ ସଫେଇ ଆଳରେ ପ୍ରଶାସନର ପରିବେଶ ବିରୋଧୀ କାର୍ଯ୍ୟକଳାପ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେହିପରି ସୁରକ୍ଷା ବାହାନାରେ ଗଛ ଉପଡ଼ାଯାଇଥିବା ସ୍ଥାନରେ ଜବରଦଖଲ ପାଇଁ କିଭଳି ସୁଯୋଗ ସୃଷ୍ଟି କରାଗଲା ତାହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସୋମବାର ଏମ୍ସ ଗସ୍ତରେ ରହିବେ। ଏଥିପାଇଁ ଏମ୍ସ ଅଣ୍ଡରପାସ୍‌ରୁ ଏମ୍ସ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସଫେଇକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଏବଂ ସଫେଇ ଆଳରେ ୧କିଲୋମିଟର ରାସ୍ତାରେ ବୁଲଡୋଜର୍ ଚଲାଇ ଦିଆଗଲା। ଶହେରୁ ଊର୍ଦ୍ଧ୍ୱ ଗଛକୁ ଓପାଡ଼ି ଦିଆଗଲା। ପ୍ରଶାସନ ପକ୍ଷରୁ ବର୍ଷେ ତଳେ ବର୍ଷା ଋତୁରେ ଏହି ଗଛଗୁଡ଼ିକୁ ପୋତି ଫଟୋ ଉଠାଯାଇଥିଲା। ସବୁଜିମା ସୃଷ୍ଟି ଲାଗି ସରକାରଙ୍କ ଏହି ପଦକ୍ଷେପକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବର୍ଷେ ଭିତରେ ଗଛଗୁଡ଼ିକର ଉଚ୍ଚତା ୬ରୁ ୮ ଫୁଟ୍ ହୋଇଯାଇଥିଲା। ଗଛ ଗୁଡ଼ିକର ସୁରକ୍ଷା ପାଇଁ ବିଏମ୍‌ସି ପ୍ଲାଷ୍ଟିକ୍ ବ୍ୟାରିକେଡିଂ କରିଥିଲା। ଏହି ବ୍ୟାରିକେଡ୍‌ରେ ସବୁଜ ଭୁବନେଶ୍ୱର, ଆହ୍ୱାନ ବୃକ୍ଷରୋପଣର ବୋଲି ପୋଷ୍ଟର ବି ଲାଗିଥିଲା। ହେଲେ ବିଏମ୍‌ସିର 'ଆହ୍ୱାନ ବୃକ୍ଷରୋପଣର' ନାରା ଏବଂ ପରିଶ୍ରମ ଗୋଟିଏ ବର୍ଷ ମଧ୍ୟରେ ଫସରଫାଟିଗଲା। ଚଳିତବର୍ଷ ଠିକ୍ ବର୍ଷା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେହି ଗଛକୁ ପ୍ରଶାସନ ଓପାଡ଼ି ଦେଲା।

ମିଳିଥିବା ସୂଚନା ମୁତାବକ, ବିଏମ୍‌ସିର ପରିବେଶ ବିଭାଗ ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ପାଇଁ ୯ହଜାର ଟଙ୍କା ଖର୍ଚ୍ଚ କରୁଛି। ଏହି ଗଛଗୁଡ଼ିକ ପାଇଁ ବିଏମ୍‌ସି ଏ ପର୍ଯ୍ୟନ୍ତ ପ୍ରାୟ ୯ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲାଣି। ରାଷ୍ଟ୍ରପତିଙ୍କ ସୁରକ୍ଷା ଏବଂ ସଫେଇ ଆଳରେ ୯ଲକ୍ଷ ଏବେ ସ୍ୱାହା ହୋଇଗଲା। ଏପରିକି ଗଛ କ'ଣ ପାଇଁ ଉପୁଡ଼ାଗଲା ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ବି ନାହିଁ। ଏ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି କେଉଁ କାରଣ ପାଇଁ ଗଛ ଓପଡ଼ା ଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ରାସ୍ତା କଡ଼ ବୃକ୍ଷରୋପଣ ଦ୍ୱାରା ରାଜଧାନୀରେ ସବୁଜ ବଳୟ ସୃଷ୍ଟି ହେବା ସହ ସରକାରୀ ଜମି ଜବରଦଖଲମୁକ୍ତ ରହୁଛି। ଏହି ରାସ୍ତାରେ ଗଛ ଲାଗିବା ଦ୍ୱାରା ସରକାରୀ ଜମି ଜବରଦଖଲ ହୋଇପାରୁ ନ ଥିଲା। ଏବେ କିନ୍ତୁ ଏହି ସ୍ଥାନଗୁଡ଼ିକରୁ ଗଛ ମୁକ୍ତ ହେବା ଯୋଗୁଁ ଏଠାରେ ଜବରଦଖଲ ଆରମ୍ଭ ହୋଇଯିବ। ସୁରକ୍ଷା ଏବଂ ସଫେଇ ବାହାନାରେ ସରକାରୀ ଜମି ଜବରଦଖଲର ସୁଯୋଗ ସୃଷ୍ଟି କରାଗଲା ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

# ଓଡ଼ିଶାରେ ଆରମ୍ଭ ହେଲା 'ଅରଫାନ୍ ସର୍ଭେ'

## 'ଆମରି ଶିଶୁ' ପୋର୍ଟାଲରେ ରହିବ ପ୍ରତ୍ୟେକ ଶିଶୁଙ୍କ ତଥ୍ୟ

**ଭୁବନେଶ୍ୱର,୧୨।୭ (ସମିସ):** ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ୍ ସର୍ଭେ-୨୦୨୫। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଚଳିତ ଜୁଲାଇ ମାସ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ଏଥିରେ ଉଭୟ ପିତାମାତାଙ୍କୁ ହରାଇ ଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବାର ଲକ୍ଷ୍ୟ ରହିଛି। ୨୦୨୫ ମସିହା ଜୁନ୍ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି ଅଭିଯାନରେ ଚିହ୍ନଟ କରାଯିବ। ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ।



ଯଶୋଦା ଯୋଜନାରେ ପ୍ରତି ୪ ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାମାନଙ୍କ ପାଇଁ ଅରଫାନ୍ ସର୍ଭେ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିପାଇଁ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହେବା ସହିତ ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ତାଲିମ ଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ତାଲିମଦାତାମାନେ ଅଙ୍ଗନବାଡି କର୍ମୀଙ୍କୁ ସର୍ଭେ ସମ୍ବନ୍ଧୀୟ ତାଲିମମଧ ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ 'ଆମରି ଶିଶୁ' ପୋର୍ଟାଲରେ ଦାଖଲ କରାଯିବ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିର୍ଯାତନା ନିଆଁ...

ସରକାର ବିଫଳ ହେଲେ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଛାତ୍ରୀଜଣକ ସରକାରଙ୍କୁ ଗତ ୧ ତାରିଖରେ ଅବଗତ କରିଥିଲେ, ସ୍ଥାନୀୟ ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ହେଁ କାହିଁକି ଓ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ପରିଣତିସ୍ୱରୂପ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଗଲା ତାହା ସାଧାରଣ ଲୋକଙ୍କୁ ବି ବିଚଳିତ କରିଛି । ପ୍ରଥମରୁ ଦାୟିତ୍ୱରେ ଅବହେଳା କରିଥିବା ଉଚ୍ଚଶିକ୍ଷା ବିଭାଗ ତଦନ୍ତ ପାଇଁ ଏକ କମିଟି ଗଢ଼ିଛି । ଏହି କମିଟି ବାଲେଶ୍ୱରରେ ତଦନ୍ତ ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝି ଏମ୍ସରେ ପୀଡ଼ିତା ଛାତ୍ରୀଙ୍କୁ ଭେଟିଛନ୍ତି, ତାଙ୍କୁ ଦିଲ୍ଲୀ ଏମ୍ସକୁ ଚିକିତ୍ସା ନିମନ୍ତେ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ନିଶାଣ କରିଛନ୍ତି । ରାଜ୍ୟରେ ମହିଳା ବିରୋଧୀ ହିଂସା ଚରମସ୍ଥିତିରେ ପହଞ୍ଚିଛି, ତେଣୁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ନିମନ୍ତେ ବିଜେଡି ଦାବି କରିଛି ଓ ଆସନ୍ତାକାଲି ତାଙ୍କୁ ଭେଟିବାକୁ ସମୟ ମାଗିଛି । ଅନ୍ୟପକ୍ଷରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ ବାସଭବନ ଘେରାଉ କରିଛି । ସେହିପରି ପିସିସି ସଭାପତି ମଧ ଏହି ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାଜ୍ୟରେ ମହିଳା ହିଂସାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

ସ୍ତର କମି ଯାଇଥିବାରୁ କିଡ୍‌ନୀ କାମ କରୁନାହିଁ। ପରିସ୍ରା ହେଉ ନଥିବାରୁ କିଡ୍‌ନୀକୁ କ୍ରିୟାଶୀଳ କରିବା ଲାଗି ସାଲାଇନ ଓ ଅନ୍ୟାନ୍ୟ ଚିକିତ୍ସା କରାଯାଉଛି। ନିଆଁ ଯୋଗୁଁ ରକ୍ତରେ ଏସିଡ୍ ଅଂଶ ବ୍ୟାପି ଯାଇଥିବା ଟିଏଲ୍‌ସି ପରୀକ୍ଷାରୁ ସୂଚନା ମିଳିଛି। ପୀଡ଼ିତା ୫ ଗୁଣ ଅଧିକ ସଂକ୍ରମଣର ଶିକାର ହୋଇଛନ୍ତି। ରକ୍ତଚାପ, ପଲ୍‌ସ, ରେସ୍ପିରେଟର ରେଟ୍ ଆଦି ନିୟନ୍ତ୍ରଣ କରିବା ପାଇଁ ହେମୋଡାଇନାମିକ୍ ମନିଟରିଂ କରାଯାଉଛି। ଇଞ୍ଜେକ୍ସନ ମଧ ଦିଆଯାଉଛି; ସୁଗାର ଲେବଲ୍ ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଭିଟାମିନ ସି, ଡି, ଏ, ଜିଙ୍କ୍ ସପ୍ଲିମେଣ୍ଟ ଦିଆଯାଉଛି। ହାର୍ଟ ବିଟ୍ ରେଟ୍ ୧୮୦ ବିପିଏମ୍ ରହିଥିବା ବେଳେ ଅମ୍ଳଜାନ ସ୍ତର ୯୮ ପ୍ରତିଶତ ରହିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଗିରି କହିଛନ୍ତି।

ସୌମ୍ୟାଶ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ୧୦ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ନିଶ୍ଚେତକ ବିଭାଗର ପ୍ରଫେସର ଜୟନ୍ତ ମିତ୍ର, ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍‌ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରି, ସହକାରୀ ପ୍ରଫେସର ଡାକ୍ତର ଶାନ୍ତନୁ ସୁବା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡାକ୍ତର ସନ୍ଦୀପ ପଣ୍ଡା, ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧୀକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧୀକ୍ଷକ ପ୍ରିୟଦର୍ଶିନୀ ସାହୁଙ୍କୁ ନେଇ କମିଟି ଗଠନ ହୋଇଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶେଷଜ୍ଞ ଡାକ୍ତର କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ସୌମାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଭୁବନେଶ୍ୱର ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ସୌମ୍ୟାଶ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଙ୍ଗରେ ମଧ ଆଘାତ ଲାଗିଛି। ଏମିତିକି ତାଙ୍କ କିଡ୍‌ନୀ ଓ ଫୁସ୍‌ଫୁସ୍ ମଧ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ତାଙ୍କ ପାଇଁ ଆସନ୍ତା ୨୪ରୁ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

## ଲୋଡ଼ିଲେ ରାଜ୍ୟପାଳଙ୍କ...

ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ଛାତ୍ରୀଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ଯୌନ ନିର୍ଯାତନା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ସେ ଏହା ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଉଲ୍ଲେଖ କରିଛନ୍ତି। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ତାରିଖରେ ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। ମାତ୍ର ଏହି ଘଟଣାକୁ କେହି ଶୁଣିଲେ ନାହିଁ କିମ୍ବା ସାହାଯ୍ୟ କଲେ ନାହିଁ। ଏଭଳି ସ୍ପର୍ଶକାତର ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ, ସେ ଦୁଃଖଦ ଭାବରେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ନିଜକୁ ନିଆଁ ଲଗାଇ ଦେଲେ। ଏପରି ମର୍ମନ୍ତୁଦ ଘଟଣା ଅପ୍ରିୟ ବାସ୍ତବତାକୁ ଦର୍ଶାଉଛି ଯେ, କିପରି ସେ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ମଧ ନ୍ୟାୟ ପାଇପାରିଲେ ନାହିଁ।

ସେ ପୁଣି କହିଛନ୍ତି ଯେ ଆମର ଉଚ୍ଚଶିକ୍ଷା ଢାଞ୍ଚାରେ ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ଏଣୁ ନ୍ୟାୟ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ଯେପରି ନ୍ୟାୟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ଘଟଣାରେ ରାଜ୍ୟପାଳଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ା ବୋଲି ନବୀନ କହିଛନ୍ତି।

## ନ୍ୟାୟ ଅପେକ୍ଷାରେ...

କାହାରିକୁ ନିଯୁକ୍ତ କରାଯାଇ ନାହିଁ ଓ ବିଭାଗୀୟ ସଚିବ ଏବେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି। ମାତ୍ର ନିୟମିତ ବହୁ ସଂଖ୍ୟାରେ ମହିଳାମାନେ ତାଙ୍କୁ ଭେଟି ନ ପାରି ଫେରିଯାଉଥିବା ମଧ ଅଭିଯୋଗ ହୋଇଛି ।

ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଭଳି କୌଣସି ଘଟଣାର ସଠିକ୍ ତଦନ୍ତ ହେଉଛି କି ନାହିଁ ତାହାକୁ ତଦାରଖ କରିବା ଦାୟିତ୍ୱ ମହିଳା କମିଶନଙ୍କର। ଆଇନଗତ ବ୍ୟବସ୍ଥା ଅନୁସାରେ ଘଟଣାର ଅଭିଯୋଗ ରିପୋର୍ଟ ଠାରୁ ଆରମ୍ଭ କରି ଆବଶ୍ୟକୀୟ ସମସ୍ତ ହସ୍ତାବିଜ୍ ସଂଗ୍ରହ କରିବା ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ମଧ ତଦାରଖ କରିବା ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀଙ୍କୁ ମଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏପରି କ୍ଷେତ୍ରରେ ମହିଳା କମିଶନଙ୍କ ନିଯୁକ୍ତି କରା ନ ଯିବା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ଆତ୍ମଦାହ ଉଦ୍ୟମ କରିଥିବା ଛାତ୍ରୀ ଦେଇଥିବା ଅଭିଯୋଗ ପରେ ଶିକ୍ଷାନୁଷ୍ଠାନର ଆଇସି କମିଟି ପକ୍ଷରୁ କ'ଣ ତଦନ୍ତ କରାଯାଇଛି, ଏହାର ରିପୋର୍ଟ କଲେଜର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ସହ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ବି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଣି ପ୍ରଜାକୋର୍ଟରେ...

ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା ଆଦିବାସୀ ପ୍ରଥା ପରମ୍ପରା ଅନୁସାରେ, ଧରଣୀ ପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ହଳ-ଲଙ୍ଗଳ ମଗା ଯାଇଥିଲା। ପରେ ଉଭୟ ପ୍ରେମିକ-ପ୍ରେମିକାଙ୍କ ବେକରେ ରଶି ଓ ହଳ-ଲଙ୍ଗଳ ଲଗାଇ ସାତ ଘେରା ବୁଲାଇଥିଲେ। ପରେ ଯୁବକଜଣଙ୍କ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଆସି ଆଶ୍ରୟ ନେଇଛନ୍ତି। ତେବେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ସ୍ଥାନୀୟ ପୁଲିସ ଗାଁକୁ ଯାଇ ଲୋକଙ୍କୁ ଏନେଇ ପଚରାଉଚରା କରିଛନ୍ତି। ପ୍ରେମୀଯୁଗଳଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ଭିନ୍ନ ଏକ ଆଦିବାସୀ ପରମ୍ପରା ରହିଛି। ଯଦି ଗୋଟିଏ ବଂଶ, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କରନ୍ତି, ଗ୍ରାମର ବିଭିନ୍ନ କ୍ଷତି ହୋଇଥାଏ। ଫସଲ ନଷ୍ଟ ହୁଏ, ଚାଷ ଉଜୁଡ଼ି ଯାଏ ଏବଂ ବର୍ଷା ହୁଏ ନାହିଁ। ତେଣୁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟ ଏବଂ ଦମ୍ପତିଙ୍କ ଭଲ ପାଇଁ ଗାଁ ମୁଣ୍ଡରେ ଆଦିବାସୀ ରୀତିନୀତିରେ ପୁଅ-ଝିଅଙ୍କୁ ବଳଦ ସଜାଇ ଦାଣ୍ଡରେ ଜୁଆଳି ପକାଇ ଗାଁ ମୁଣ୍ଡରେ ୭ଘେରା ବୁଲାଯାଏ।

## ନ୍ୟାୟିକ ତଦନ୍ତ ଦାବିକଲା ଏବିଭିପି

**ଭୁବନେଶ୍ୱର, ୧୩।୭ (ସମିସ):** ଏଫ୍‌ଏମ୍ କଲେଜ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ବହୁ ପୂର୍ବରୁ ଛାତ୍ରୀଙ୍କ ସମର୍ଥନରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ ଅଧ୍ୟକ୍ଷ ଅବହେଳା କରିଥିଲେ। ଏପରିକି ଆଇସିସି କମଟି ଘଟଣା ଚାପିବାକୁ ଉଦ୍ୟମ କରିଥିବା ରବିବାର ଏକ ସାମ୍ବାଦିକ ସମ୍ମଳନୀରେ କୁହାଯାଇଛି। ଏବିଭିପି ପକ୍ଷରୁ ୪ଟି ପ୍ରମୁଖ ଦାବି କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ସହ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଇସିସିର କାର୍ଯ୍ୟକାରୀ ହେଉଛି ନା ନାହିଁ ତାର ତଦନ୍ତ କରିବାକୁ ଏବିଭିପି ଦାବି କରିଛି।

## ଆଜି ବାଲେଶ୍ୱର ଗସ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନ କମିଟି

**ଭୁବନେଶ୍ୱର,୧୩।୭ (ସମିସ):** ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତି ମିଶ୍ର, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ରହିଛନ୍ତି। ଉକ୍ତ କମିଟି ସୋମବାର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

■ ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ମହିଳା କଂଗ୍ରେସ

**ଭୁବନେଶ୍ୱର,୧୩।୭ (ସମିସ):** ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ। ରବିବାର ଏହି ପ୍ରସଙ୍ଗରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପୀଡ଼ିତା ଏବେ ଗୁରୁତର ହୋଇ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା ପ୍ରମାଣ କରୁଛି। ତେଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେବା ସହ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଗିରଫ ଓ ଜଣେ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ମାମଲାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଶ୍ରୀମତୀ ବାହିନିପତି ଦାବି କରିଛନ୍ତି।

ଏହାସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ମହିଳା କଂଗ୍ରେସ ତରଫରୁ ଯାଇଥିବା ପ୍ରତିନିଧି ଦଳକୁ ଏବିଭିପିର ଜଣେ ରାଜ୍ୟ ସଦସ୍ୟା ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଭିତରକୁ ଯିବା ପାଇଁ ଦେଉନଥିଲେ। ଏହା କ'ଣ ଏବିଭିପିର ଶିଷ୍ଟାଚାର ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଜଣଙ୍କ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ ଏବଂ ପୁଲିସକୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ କାହିଁକି ନେଲେ ନାହିଁ ବୋଲି ନାରୀ ନ୍ୟାୟ ବାହିନୀ ଅବାହାକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦବେଗ ପ୍ରକାଶ କରିଛନ୍ତି। ଏହାସହ ସିଏମଓ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ମହିଳା କମିଶନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ସେମାନେ ମଧ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି ତେଣୁ କଂଗ୍ରେସ ଦଳ ଏହାକୁ ଦୃଢ଼ ନିନ୍ଦା କରୁଛି ବୋଲି ପିସିସି ମୁଖପାତ୍ର ସୋନାଲି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ପାଇଁ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମୁଖପାତ୍ର ଡଃ ମନୀଷା ଦାଶପଟ୍ଟନାୟକ କହିଛନ୍ତି।

**ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା**

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ ଓ ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୧୩।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ। ପୁଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା।



ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ, ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦେବା ଦରକାର।

ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧୀ ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏହି ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ସରକାରଙ୍କର ସମସ୍ତ ସିଷ୍ଟମ ନିଷ୍କ୍ରିୟ ଓ ବଫଳ ବୋଲି ପ୍ରମାଣିତ। ସୁତରାଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

# ଜିଏସ୍‌ଟିର ୧୮% ସ୍ଲାବ୍ ୧୨%କୁ ଖସିପାରେ

**ନୂଆଦିଲ୍ଲୀ,୧୩।୭ (ଏଜେନ୍ସି):** ମହଙ୍ଗା ମାଡ଼ରେ କଲବଲ ହେଉଥିବା ସାଧାରଣ ଲୋକଙ୍କ ପାଇଁ ଆଶ୍ୱସ୍ତିକର ଖବର। ଆଗାମୀ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ପରିଷଦ ବୈଠକରେ ଘରୋଇ ଭାବେ ବ୍ୟବହାର କରାଯାଉଥିବା ଅନେକ ସାମଗ୍ରୀର ଟିକସ ହାର ହ୍ରାସ ପ୍ରସ୍ତାବ ଚର୍ଚ୍ଚାରେ ରହିଛି। ଯଦି ଏହି ପ୍ରସ୍ତାବ ଗୃହୀତ ହୋଇଯାଏ ଏହାର ସିଧା ଲାଭ ମଧ୍ୟମ ବର୍ଗ ଓ ନିମ୍ନ ଆୟକାରୀ ବର୍ଗର ଲୋକଙ୍କୁ ମିଳିବ। ବର୍ତ୍ତମାନ ସରକାର ୮ ବର୍ଷ ପୁରୁଣା ଜିଏସ୍ଟି ଢାଞ୍ଚାର ସମୀକ୍ଷା କରୁଛନ୍ତି, ଯେଉଁଥିରେ ଖାସ କରି ୧୨% ଟ୍ୟାକ୍ସ ସ୍ଲାବ ବସ୍ତୁ ଗୁଡିକୁ ରିହାତି ଦେବା ପାଇଁ ବିଚାର ହେଉଛି।

୧୨% ସ୍ଲାବରେ ଏପରି ସବୁ ଦ୍ରବ୍ୟ ଆସୁଛି ଯେଉଁଗୁଡିକ ଦୈନନ୍ଦିନ ଜୀବନରେ ଆବଶ୍ୟକତାରେ ଆସୁଛି। ଯେପରି କି ଆଚାର, ଘିଅ, ଜାମ, ଚଟଣୀ, ଫ୍ରୁଟ ଜୁସ୍, ପଇଡ ପାଣି, ଟୁଥପେଷ୍ଟ, ସାଇକେଲ, ଛତା,ମୋବାଇଲ ଫୋନ,ପ୍ରକ୍ରିୟାକୃତ ଖାଦ୍ୟ, ଜୋତା ଓ ପୋଷାକ ଆଦି। ସରକାର ଭାବୁଛନ୍ତି ଏହି ସବୁ ଉତ୍ପାଦ ଉପରେ ଶୁଳ୍କ ହ୍ରାସ ହେଲେ ଲୋକଙ୍କ ପକେଟ ଉପରୁ ବୋଝ କମିବ ଓ ଏପରି ଜିନିଷର ଚାହିଦା ବଢ଼ିବ। ଯାହାଫଳରେ ଅର୍ଥ ବ୍ୟବସ୍ଥାକୁ ନୂଆ ବଳ ମିଳିବ।

ବର୍ତ୍ତମାନ ପ୍ୟୋର ଟର୍ମ ଇନସ୍ୟୁରାନ୍ସ ପ୍ଲାନ ଉପରେ ୧୮% ଜିଏସ୍ଟି ଲାଗୁଛି। ତେବେ ସରକାର ଏହାକୁ ୧୨%କୁ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାସହିତ ସ୍ୱାସ୍ଥ୍ୟ ବୀମା ଉପରେ ଟିକସ ରିଆତି ମଧ ମିଳିପାରେ। ଏଣୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆପଣେଇବା ସାଧାରଣ ଲୋକଙ୍କ ଲାଗି ଏବେ ସହଜ ହେବ। ଜନୈକ ବରିଷ୍ଠ ଅଧିକାରୀଙ୍କ ଅନୁସାରେ ଜିଏସଟି ହାର ହ୍ରାସ ଯୋଗୁ ନା କେବଳ ଗ୍ରାହକଙ୍କୁ ଲାଭ ମିଳିବ ବରଂ ବଜାରରେ ବିକ୍ରି ବଢ଼ିବ। ଏହା ଦ୍ୱାରା ସରକାର ଦୀର୍ଘ ଅବଧିରେ ଅଧିକ ରାଜସ୍ୱ ଆୟ କରିବେ। ତେବେ ଏହି ପ୍ରସ୍ତାବ ସବୁ ଲାଗୁ କରିବାରେ ରାଜ୍ୟଙ୍କ ସହମତି ଜରୁରୀ। ଅନେକ ରାଜ୍ୟ ପୂର୍ବରୁ ଟିକସ ହ୍ରାସକୁ ବିରୋଧ କରିଛନ୍ତି। କାରଣ ଏହା ଦ୍ୱାରା ରାଜ୍ୟ ରାଜସ୍ୱ ହ୍ରାସର ଆଶଙ୍କା ରହୁଛି।


**AFFIDAVIT**

By virtue of an affidavit sworn before The Notary Public, Sunabeda No. 275 dated 11/07/2025 I, Sri Sarat Talab, S/o - Ratnakar Talab, Village - Bahiripada, PO.- Nandapur, PS.- Nandapur, District-Koraput declare that, I have changed my son's name from **Udit Kumar Talab** to **Udaya Kumar Talab**. Henceforth, my son shall be known as **Udaya Kumar Talab** for all purposes.

Sd/- **Sarat Talab**

**AFFIDAVIT**

By virtue of an affidavit sworn before Executive Magistrate, PURI , dated 04/03/2025. I, RAMACHANDRA JENA , Address VTC - APITHI, P.S. - BHAMAGIRI, PURI declare that I have changed my name from SHRIRAM JENA to RAMACHANDRA JENA Henceforth, I shall be known as RAMACHANDRA JENA for all purposes.

**RAMACHANDRA JENA**

**PUBLIC NOTICE**

Notice is hereby given to the general public that the Partnership Firm under the name and style of "NALANDA PUBLICATION" having its principal place of business at Sukadev Bhawan, Holding No.348/8,Ward No.13, Masjid Lane, Nimchori, PO:-Chandini Chouk, Cuttack,PIN:-753002 has been dissolved as per the Dissolution Deed dated 24/05/ 2025 mutually executed by all the partners.

Sd/-
1.Smt.Arati Sahoo.
2.Smt.Rasmita Sahu.
3.Sri Subhashish Sahu.
4.Sri Soumya Prakash Sahoo

# ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ, ୫ ଗୁରୁତର

ଜଳେଶ୍ୱରଭୋଗରାଇ,୧୩।୭ (ସମିସ)



ଯାତ୍ରୀବାହୀ ବସ୍‌କୁ ପଛପଟୁ ଧକ୍କା ଦେଲା ଟ୍ରକ। ଭାରସାମ୍ୟ ହରାଇ ଓଲଟି ପଡିଲା ଯାତ୍ରାବାହୀ ବସ। ଗୀତାଞ୍ଜଳି ନାମକ ଘରୋଇ ବସ୍ ଆଜି ସକାଳ ସମୟରେ ଚନ୍ଦନେଶ୍ୱରରୁ ଭାୟା ଜଳେଶ୍ୱର ଦେଇ ବାରିପଦା ଯିବା ସମୟରେ ୬୦ ନମ୍ବର ଜାତୀୟ ରାଜପଥ ପଥ ଚାଲନ୍ତି ଛକ ନିକଟରେ ୟୁ ଟର୍ନ ମାରିବା ସମୟରେ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ବସଟି ଓଲଟି ପଡିଥିଲା। ବସ୍‌ରେ ୪୦ ରୁ ଉର୍ଦ୍ଧ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକ ମାନେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେବା ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।୨୦ରୁ ଅଧିକ ଗୁରୁତରଙ୍କୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଜଳେଶ୍ୱର ବ୍ଲକ ବର୍ତ୍ତନା ପଂଚାୟତର ଖରିଦା ଗ୍ରାମର ୪୫ ବର୍ଷିୟା ମଳୟ ମହାନ୍ତି ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଯିବା ବାଟରେ ରୁପ୍ସା ଠାରେ ମୃତ୍ୟୁବରଣ କରିଛନ୍ତି। ଅଧିକ ଗୁରୁତର ହୋଇ ଥିବା ୫ ଜଣଙ୍କୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ପଠା ଯାଇଛି। ଖବର ପାଇ ଜଳେଶ୍ୱର ପୌରପାଳିକାର ପୌରାଧକ୍ଷ ପ୍ରତୀପ ପ୍ରଧାନ, ବିଜେଡ଼ି ଦଳର ଯୁବ ନେତା ଗୌରବ ଦାସ, ଗୌତମ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆହତ ହୋଇ ଥିବା ଲୋକ ମାନଙ୍କୁ କିପରିବାଲେଶ୍ୱର ମୁଖ୍ୟ ଚିକିତ୍ସା ଦେନ୍ଦ୍ରକୁ ସ୍ଥାନାନ୍ତରିତ ହୋଇ ପାରିବ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ବାବଦରେ ସହଯୋଗ କରିଥିଲେ।

# ଉଦୟପୁର ବେଳାଭୂମିରେ ଅବକାରୀ ବିଭାଗର ଚଢ଼ଉ



ଭୋଗରାଇ/ଚନ୍ଦନେଶ୍ୱର,୧୩।୭ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ସୀମାନ୍ତ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଉଦୟପୁର ବେଳାଭୂମିରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଛି। ଏହା ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କର ଚିନ୍ତାର ବିଷୟ ପାଲଟିଥିବା ବେଳେ ଆଜି ରବିବାର ସକାଳେ ଅବକାରୀ ବିଭାଗ ଓ ତାଳସାରୀ ସାମୁଦ୍ରିକ ଥାନା ତରଫରୁ ମିଳିତ ଭାବେ ଉଦୟପୁର ବେଳାଭୂମିରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଥିଲା। ମାତ୍ର ବେଳାଭୂମିରେ ଚଢ଼ଉ ବେଳେ ଚୋରା ମଦ ବ୍ୟବସାୟୀ ମାନେ ଚମ୍ପଟ ମାରିଥିବା ଜଣାପଡ଼ିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଅବକାରୀ ବିଭାଗ ଏହି ବେଳାଭୂମିରୁ ୩୦ ଲିଟର ମଦ ଜବତ କରିଥିଲା ବେଳେ ଚୋରା ମଦବେପାରୀ ଖସି ଗଲେ ନା ପୂର୍ବରୁ ସୂଚନା ଦିଆଯାଇ ସେମାନଙ୍କୁ ଖସାଇ ଦିଆଗଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ

**ଖସିଗଲେ ବେପାରୀ**

ବେଳାଭୂମିକୁ ପ୍ରତ୍ୟେକ ଦିନ ଦେଶ ବିଦେଶର ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି । ସେମାନେ ବେଳାଭୂମିରେ ଥିବା ମାଛ ଓ କଙ୍କଡା ତରକାରି ଖାଇବା ସହିତ ଖୋଲାଖୋଲି ଭାବେ ମଦ ପିଇବା ସହିତ ବିଭିନ୍ନ ପ୍ରକାରର ସୁଗନ୍ଧିତ ହୁକା ଟାଣିଥାନ୍ତି । ଆଜି ବାଲେଶ୍ୱର, ଜଳେଶ୍ୱର, ଭୋଗରାଇର ଅବକାରୀ ସାଟେଲାଇଟ ଟିମ୍ ଓ ତାଳସାରୀ ସାମୁଦ୍ରିକ ଥାନା ତରଫରୁ ମିଳିତ ଭାବେ ଚଢଉ କରାଯାଇ ବିପୁଳ ପରିମାଣର ମଦ ସହିତ ସୁଗନ୍ଧିତ ହୁକା ଜବତ କରାଯାଇଥିଲା ବୋଲି ଜିଲ୍ଲା ଅବକାରୀ ଅଧିକାରୀ ହରିହର ସିଂହ ପ୍ରକାଶ କରିଛନ୍ତି । ଏହି ଟିମରେ ଜଳେଶ୍ୱର ଅବକାରୀ ଅଧିକାରୀ ଜୟପ୍ରକାଶ ବେହୁରିଆ, ଭୋଗରାଇ ଅବକାରୀ ଅଧିକାରୀ ଚନ୍ଦନ କୁମାର ନାୟକ, ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ,ଏଏସଆଇ ଦିଲ୍ଲୀପ କୁମାର ତ୍ରିପାଠୀ, ସ୍ୟାଟେଲାଇଟ ଟିମ ଅଧିକାରୀ ଲକ୍ଷ୍ୟସାଧନ ପ୍ରଧାନ,ଏଏସଆଇ ପିଥ ହେମ୍ବ୍ରମ, ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

● ଶ୍ରାବଣ ମାସ ପ୍ରଥମ ସୋମବାର

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ନୀଳଗିରି, ୧୩।୭ (ସମିସ): ଶ୍ରାବଣ ମାସର ପ୍ରଥମ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆମାନେ ବିଭିନ୍ନ ନଦୀରୁ ଜଳ ଧାରଣ କରି ମାନସିକ ପୂରଣ ପାଇଁ ଲମ୍ବାଧାଡି ଲଗାଇ ଯାଉଥିବା ବେଳେ ଉତ୍ତର ଓଡିଶା ନୀଳଗିରିର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ କଉଡ଼ିଆ ଆସୁଥିବାର ଦେଖିବାକୁ ମିଳିଛି। ବାଲେଶ୍ୱର ବାଲିଘାଟ, ଟାଙ୍ଗଣା ସୋନା ବୁଢାବଳଙ୍ଗ, ସାପୁଆ, ସାଳନ୍ଦୀ, କଲରା ନଦୀପ୍ରମୁଖ ନଈରୁ ଜଳ ଧାରଣକରି ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଶୈବ ପୀଠ ସ୍ଥଳୀରେ ସୋମବାର ଜଳାଭିଷେକ କରିବେ। କଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପଞ୍ଚଲିଙ୍ଗେଶ୍ୱର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି । ଏଥିରେ ଆଲୋକୀକରଣ, ଶୁଦ୍ଧ ପାନୀୟ ଜଳ, ଗାଡ଼ି ଷ୍ଟାଣ୍ଡ, କାଉଡ଼ିଆଙ୍କ ସେବା ଭଳି ପ୍ରମୁଖ ସୁବନ୍ଦୋବସ୍ତ କମିଟି ପକ୍ଷରୁ ହାତକୁ ନିଆଯାଇଛି । ଅପର ପକ୍ଷେ ନୀଳଗିରି ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ଫୋର୍ସ ମୁତୟନ କରାଯାଇଛି।

ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ନିୟମ କଡ଼ାକଡ଼ି ପାଳନ ପ୍ରସଙ୍ଗ

# ମାଧ୍ୟମିକ ଶିକ୍ଷା ପରିଷଦକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ନିର୍ଦ୍ଦେଶ



ବାରିପଦା, ୧୩।୭(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପ୍ରତି ହୋଇଥିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପ୍ରତି ହେଉଥିବା ଅମାନବିକତା ବ୍ୟବହାରକୁ ନେଇ ଦିବ୍ୟାଙ୍ଗ ମନୋରଞ୍ଜନ ବେହେରା ଦାୟର କରିଥିବା ମାମଲାର ଶୁଣାଣି କରିଛନ୍ତି। ଏସଏସଇପିଡି ବିଭାଗର ରିଜଲ୍ୟୁଶନକୁ ଅନୁପାଳନ କରିବା ସହିତ ଏସଓଟିଇଟି ୨୦୨୫ରେ ମଧ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗକାରୀ ମନୋରଞ୍ଜନ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ପରୀକ୍ଷାରେ ହଇରାଣ ହରକତ କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କ ପ୍ରତି ସରକାରୀ ବ୍ୟବସ୍ଥା ଓ ନିୟମ ଥିବା ସତ୍ୱେ ଏହାକୁ ଉଲଂଘନ କରାଯାଇଥିଲା। ଫଳରେ ଭିନ୍ନକ୍ଷମ ମନୋରଞ୍ଜନ ପରୀକ୍ଷା ହଲରେ ବସିବା ପୂର୍ବରୁ ସଂଶୋଧିତ ଜୋତା ଖୋଲିବା, ଦ୍ୱିତୀୟ ମହଲାରେ ବସାଇବା, ଘଣ୍ଟା ପ୍ରତି ୨୦ମିନିଟ ଅଧିକ ସମୟ ନଦେବା, ଦୁର୍ବ୍ୟବହାର କରିବା ଆଦି ଘଟଣାକୁ ନେଇ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ପ୍ରତି ଏଭଳି ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏହାକୁ ସଠିକ ଭାବେ କାର୍ଯ୍ୟ କରାନଯାଇ ଧମକଚମକ ଦିଆଯାଇଥିଲା। ଏହାକୁ ବିଚାର କରି ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇଥିବା ନେଇ କୋର୍ଟ ମାମଲାର ଶୁଣାଣି କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସରକାରଙ୍କ ଆଦେଶକୁ ସମ୍ପୂର୍ଣ୍ଣ ଭାବେ ଅନୁପାଳନ କରୁନଥିବା ଆୟୁକ୍ତ ପ୍ରକାଶ କରିବା ସହ ସମସ୍ତ ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଠାରୁ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା ସମସ୍ତ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ପରୀକ୍ଷାରେ ସେମାନଙ୍କର ଅଧିକାର ପାଇପାରିବେ ବୋଲି ମନୋରଞ୍ଜନ ପ୍ରକାଶ କରିଛନ୍ତି।

# ଜେନେରେଟର ଅଚଳ; ମହମବତି ଆଲୁଅରେ ପରୀକ୍ଷା ଦେଲେ ଇଗ୍ନୋ ପରୀକ୍ଷାର୍ଥୀ



ବାରିପଦା, ୧୩।୭(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ) ପରୀକ୍ଷା ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା। ଏହି ସମୟରେ ଜେନେରେଟର ମଧ୍ୟ ଅଚଳ ହେବାରୁ ପରୀକ୍ଷା ହଲ୍‌ରେ ଅନ୍ଧାର ଘଟିଥିଲା। ତେବେ କିଛି ସମୟ ମଧ୍ୟରେ ମହାବିଦ୍ୟାଳୟ ପକ୍ଷରୁ ପରୀକ୍ଷାର୍ଥୀମାନଙ୍କୁ ମହମବତୀ ଯୋଗାଇ ଦେବାରୁ ତା' ଆଲୋକରେ ପରୀକ୍ଷା ଦେଇଥିଲେ। ଯାହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଶନିବାର ଦୁଇଟି ସିଟିଂରେ ମହାବିଦ୍ୟାଳୟର ୫୨ ଓ ୫୩ନଂ ହଲରେ ଇଗ୍ନୋର ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୧୦ଟାରେ ଆରମ୍ଭ ହୋଇ ୧ଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ଦ୍ୱିତୀୟ ସିଟିଂଟି ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ହେଉଥିଲା। ଏହି ପରୀକ୍ଷା ସମୟରେ ବାରିପଦାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଦୀର୍ଘ ସମୟ ଧରି ନିରବଚ୍ଛିନ୍ନ ହେବାରୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା। ମହାବିଦ୍ୟାଳୟରେ ଥିବା ଜେନେରେଟରଟି କାର୍ଯ୍ୟକ୍ଷମ ନହେବାରୁ ଅନ୍ଧାର ମଧ୍ୟରେ ପରୀକ୍ଷାର୍ଥୀ ବସି ରହିଥିଲେ। ନିରୁପାୟ ହୋଇ ପରୀକ୍ଷା ପରିଚାଳନା ପାଇଁ ମହମବତୀ ଲଗାଇ ପରୀକ୍ଷାର୍ଥୀମାନଙ୍କ ବ୍ୟବସ୍ଥା କରାଯାଇଥିଲା। ଏଭଳି ପରିସ୍ଥିତିକୁ ନେଇ ମହାବିଦ୍ୟାଳୟ ସଂଯୋଜକ ଦାୟିତ୍ୱରେ ଥିବା ପ୍ରଫେସର ଜ୍ଞାନେନ୍ଦ୍ର ନାଏକ କହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା। ଏଥିପାଇଁ ୧୦ମିନିଟ ଅଧିକ ସମୟ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଆଲବର୍ଟିନା ତିର୍କୀ କହନ୍ତି, ପୁରୁଣା କୋଠାରୁ ବର୍ଷା ପାଣି ନିର୍ଗତ ହେଉଥିବା ବେଳେ ଏହାର ମରାମତି ପାଇଁ ପୂର୍ତ୍ତ ବିଭାଗ ନିର୍ବାହ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି। ତେବେ ବିଦ୍ୟୁତ୍ ସରବରାହକୁ ନେଇ ହୋଇଥିବା ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ କରାଯାଇଛି।

# ଗର୍ଭବତୀଙ୍କୁ ଚେକ୍‌ଅପ୍ ପାଇଁ ଚଲାଇକରି ଡାକ୍ତରଖାନା ନିଆଯାଉଥିବା ଅଭିଯୋଗ



ମହୁଲଡିହା, ୧୩।୭(ସମିସ): ଠାକୁରମୁଣ୍ଡା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ରୁଗୁଡ଼ିବେଡାସ୍ଥିତ ମାଆ ଗୃହର ଦୂରତା ପ୍ରାୟ ୧ କିମିରୁ ଅଧିକ ହେବ। ଏହି ବ୍ଲକ ପାଇଁ ରୁଗୁଡ଼ିବେଡା ଗ୍ରାମରେ ରହିଛି ମାଆ ଗୃହ। ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ବଣପାହାଡ଼ଘେରା ଅପାତତଃ ଅପହଞ୍ଚ ଗାଁମାନଙ୍କରୁ ଆସନ୍ନ ପ୍ରସବା ମହିଳାଙ୍କୁ ପ୍ରସବ ତାରିଖର ୭ଦିନ ପୂର୍ବରୁ ଆଣି ମାଆ ଗୃହରେ ରଖାଯାଉଛି। ସେମାନଙ୍କୁ ଆବଶ୍ୟକୀୟ ସେବା, ସୁଷମ ଖାଦ୍ୟ ଏବଂ ଉପଯୁକ୍ତ ସମୟରେ ଡାକ୍ତରଖାନା ଆଣି ନିରାପଦ ପ୍ରସବରେ ସହାୟତା କରିବା ମୁଖ୍ୟ ଉଦ୍ଦେଶ୍ୟ। ମାତ୍ର ଏଠି ପରିଚାଳନା ବିଭ୍ରାଟ ନେଇ ଅଭିଯୋଗ ଉଠିଛି। ଠିକ୍ ଭାବରେ ଖାଦ୍ୟ ମିଳୁନଥିବା ନେଇ ଅଭିଯୋଗ କରିଛନ୍ତି ଗର୍ଭବତୀ ମାଆ। ସେମାନଙ୍କୁ ଦୈନିକ ଚଲାଇ ଚଲାଇ ପାଖାପାଖି ୨ କିମି. ଦୂର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚେକ୍‌ଅପ ପାଇଁ ନିଆଯାଉଛି। ମାଆ ଗୃହକୁ ବାଇକ ଓ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଆମ୍ବୁଲାନ୍ସରେ ଗ୍ରାମାଞ୍ଚଳରୁ ଆଣିବା ପରେ ଉପଯୁକ୍ତ ସେବା ଯୋଗାଇ ଦିଆଯାଉନଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ଅମାନବୀୟ ବୋଲି ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ଚାଲି ଚାଲି ଯିବା କେତେଦୂର ଠିକ ଏବଂ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି। ଏଥିସହ ସେ ଏନେଇ ଜିଲ୍ଲାପାଳ ଏବଂ ସିଡିଏମଓ ବାରିପଦାଙ୍କୁ ମଧ୍ୟ ଅବଗତ କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

ବାରିପଦା, ୧୩।୭(ସମିସ): ପାଲବଣି ନିକଟରେ ଜାତୀୟ ରାଜପଥରେ ଦ୍ରୁତଗାମୀ ଟ୍ରକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଠାଣି ନୂଆଁଗାଁ ଅଞ୍ଚଳର ସତ୍ୟଜିତ ପୃଷ୍ଟି। ସେ ବାରିପଦାରେ ଏକ ଠିକାଦାରଙ୍କ ପାଖରେ କାମ କରୁଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ପରିସ୍ରା କରିବାକୁ ଅଟକିଥିଲେ। ଏହି ସମୟରେ ଏକ ଟ୍ରକ ଦ୍ରୁତଗତିରେ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ତାଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି।

# ବାହାହେବାକୁ ନେଇ ଅଧାବାଟରେ ଛାଡ଼ି ଚାଲିଗଲା ପ୍ରେମିକ

ବାଙ୍ଗିରିପୋଷି, ୧୩।୭(ସମିସ): ବାହାହେବାକୁ ନେଇ ଅଧାବାଟରେ ଛାଡ଼ି ଚାଲିଗଲା ପ୍ରେମିକ। ବାଙ୍ଗିରିପୋଷି ଥାନା ଅଧୀନ ପଥୁରୀ ପଞ୍ଚାୟତ ଭାଲିଆଡହର ଗ୍ରାମର ସାନଶ୍ୟାମ ସୋରେନଙ୍କ ପୁଅ ସୁଶାନ୍ତ ସୋରେନ ଦୀର୍ଘ ୫ବର୍ଷରୁ ଅଧିକ ହେବ ଝାରପୋଖରୀଆ ଥାନାଞ୍ଚଳର ଜଣେ ଯୁବତୀଙ୍କୁ ଭଲପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ଓ ପରେ ଅନୁଗୋଳକୁ ଡାକିନେଇ ସେଠାରେ କିଛିଦିନ ରହିଥିଲେ। ସୁଖରେ ସଂସାର ଗଢ଼ିତୋଳିବା ପାଇଁ ସମାଜର ପରମ୍ପରା ଅନୁସାରେ ବିବାହ ପାଇଁ ଗତ ୧୧ ତାରିଖ ଶୁକ୍ରବାର ଦୁହେଁ ଘରକୁ ଆସୁଥିଲେ। କିନ୍ତୁ କୁଳିଅଣା ନିକଟ ବାଲିମୁଣ୍ଡୁଳି ଛକରେ ଅପେକ୍ଷାରେ ଥିବା ପୁଅର ପରିବାର ଲୋକେ ଝିଅକୁ ଅଟକାଇଥିଲେ। ସେଠାରୁ ସୁଖର ସଂସାର ଗଢ଼ିବାର ସ୍ୱପ୍ନ ଭାଙ୍ଗିଦେଇ ପୁଅ ଫେରାର ହୋଇଯାଇଥିଲା। ପୁଅର ପରିବାର ଲୋକେ ସେହି ଝିଅକୁ ତାଙ୍କ ଘରକୁ ନେଇଯାଇ ମାରପିଟ୍ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଝିଅ ଜଣଙ୍କ ସେଠାରୁ ଖସିଆସି ଏନେଇ ଶନିବାର ନ୍ୟାୟପାଇଁ ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ତତ୍ପରତା ଦେଖାଇ ଫେରାର ପ୍ରେମିକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

**ନ୍ୟାୟ ପାଇଁ ଥାନାରେ ପ୍ରେମିକା**

# ଗୁଳିମାଡ଼ ଘଟଣାରେ ଥାନାରେ ମାମଲା




ରାଇରଙ୍ଗପୁର, ୧୩।୭(ସମିସ): ଲୌହଖଣି କମ୍ପାନୀ ଗାଡ଼ି ଚାଳକଙ୍କ ଉପରେ ଗୁଳିମାଡ଼ ଘଟଣାରେ ଥାନାରେ ମାମଲା ରୁଜୁହୋଇଛି। ଶନିବାର ପୂର୍ବାହ୍ନ ୧୧ଟା ୩୦ ବେଳେ ରାଇରଙ୍ଗପୁର-ଯଶିପୁର ଜାତୀୟ ରାଜପଥର ନାଉଯୋଡ଼ା ପୋଲ ଏବଂ ହାଟବାଦଡା ରାସ୍ତା ବଳଭଦାରଣପୁର ପାଖରେ ବାଦାମପାହାଡ଼ ଲୌହଖଣି କମ୍ପାନୀ ଜିଏମ୍ ଆଣ୍ଡ ସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀର କର୍ମଚାରୀ ବିନା ସିକ୍ୟୁରିଟି ଗାର୍ଡରେ ବଲେରୋରେ ୭ଲକ୍ଷ ଟଙ୍କା ଧରି ଯାଉଥିଲେ। ଏହି ସମୟରେ ଦୁଇଟି ନମ୍ବରବିହୀନ ବାଇକ୍‌ରେ ୪ ଅଜଣା ଦୁର୍ବୃର୍ତ୍ତ ପିଛାକରି ଗୁଳିମାଡ଼ କରିଥିଲେ। ଗୁଳି କିନ୍ତୁ ବାଜି ନ ଥିଲା ଏବଂ ଭୟରେ ଚାଳକ ମହାଦେବ ମାରାଣ୍ଡି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ରଖିଥିଲେ। ପରେ ହାଟବାଦଡା ଫାଣ୍ଡିରେ ପହଞ୍ଚି ପୁଲିସକୁ ଘଟଣା ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା ଏସଡିପିଓ ଗୋକୁଳାନନ୍ଦ ସାହୁ, ରାଇରଙ୍ଗପୁର ଆ ଇ ଆ ଇ ସି ଜ୍ୟୋତିପ୍ରକାଶ ସ୍ୱାଇଁ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ପହଞ୍ଚି ଛାନଭିନ କରିଥିଲେ। ଘଟଣାକୁ ନେଇ ମ୍ୟାନେଜର ବିଶ୍ୱଜିତ ବରାଳ ରାତି ୧୦ଟାରେ ଥାନାରେ ଅଭିଯୋଗ କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବିନା ସିକ୍ୟୁରିଟି ଗାର୍ଡରେ ଏତେ ଟଙ୍କା କାହିଁକି ଗାଡ଼ିରେ ନେଉଥିଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ କମ୍ପାନୀର ଗାଡିରେ ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାରେ ଟଙ୍କା ନେଇଯାଉଥିବା ବେଳେ ସାନପାଖଣା ଫାଟକ ନିକଟରେ ଦୁର୍ବୃର୍ତ୍ତମାନେ ବନ୍ଧୁକ ଦେଖାଇ ଗାଡ଼ି ଅଟକାଇ ଟଙ୍କା ଛଡ଼େଇ ନେଇଥିଲେ।

**୨୮ ବର୍ଷ ପରମ୍ପରାରେ କଳଙ୍କ**

# ବନ୍ଦହେଲା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ





ବାରିପଦା, ୧୩।୭ (ସମିସ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ ବର୍ଷର ପରମ୍ପରାରେ ଆଜି କଳାଦାଗ ବା କଳଙ୍କ ଲାଗିଯାଇଛି। ଦୀର୍ଘଦିନ ଧରି ଚାଲିଥିବା 'ମେରୀ ରାୟ' ନୀତି ଶେଷରେ ବିସ୍ଫୋରକ ରୂପ ଧାରଣ କରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ' ଉକ୍ତ ବିଶ୍ୱବିଦ୍ୟାଳୟର ରବିବାର ୨୮ ତମ ପ୍ରତିଷ୍ଠା ଦିବସ ହୋଇଥିବା ବେଳେ ମୟୂରଭଞ୍ଜ ମହାରାଜାଙ୍କୁ ନିମନ୍ତ୍ରଣ କରାନଯିବା ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ନିମନ୍ତ୍ରଣ କରାନଯିବାକୁ ନେଇ ଉପୁଜିଥିବା ସ୍ଥିତି ପାଇଁ ଅପ୍ରତ୍ୟାଶିତ ସଙ୍କଟ ଦର୍ଶାଇ ପ୍ରତିଷ୍ଠା ଦିବସ ପାଳନକୁ ବନ୍ଦ ରଖାଯିବା ଏବଂ ସୂଚନାଦେଇ କାମ ତୁଟାଇ ଦେଇଛନ୍ତି କୂଳସଚିବ ସୁମିତା ସିଂ।

କୂଳସଚିବ ଓ କିଛି କର୍ମଚାରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଦିଂବଗତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଦେଇ କାମ ତୁଟାଇଛନ୍ତି। ଏହା ଜଣାପଡ଼ିବା ପରେ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନା ଥାଉ କି, ୧୯୯୮ ମସିହା ଜୁଲାଇ ୧୩ ତାରିଖରେ 'ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ' ନାମରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ୧୯୯୯ରୁ ବାରିପଦାରେ ଏହାର ଗୌରବଯାତ୍ରା ଆରମ୍ଭ ହୋଇଥିଲା। ତେବେ ୨୩ଡିସେମ୍ବର ୨୦୨୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳର ପ୍ରଜାବତ୍ସଳ ଓ ବିଦ୍ୟାନୁରାଗୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ସମ୍ମାନ ଜଣାଇ ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରି 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ' ନାମରେ ନାମିତ କରିଥିଲେ।

ଓଡ଼ିଶାର ଜ୍ଞାନ ପରମ୍ପରା ଓ ଶିକ୍ଷାପଦ୍ଧତିର ଉତ୍କର୍ଷତାର ଅନ୍ୟତମ ସାକ୍ଷୀଭାବରେ ଏହି ବିଶ୍ୱବିଦ୍ୟାଳୟ ଆଜି ଭାରତବର୍ଷରେ ସୁପରିଚିତ। ୟୁଜିସି ତରଫରୁ ୨୦୨୩ ମସିହାରେ ବିଶ୍ୱବିଦ୍ୟାଳୟକୁ ମୋଟ ୪.୦୦ରୁ ୩.୧ ସିଜିପିଏ ମାର୍କ ସହ ନାକ୍ 'ଏ' ଗ୍ରେଡ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ପରନ୍ତୁ ବିଶ୍ୱବିଦ୍ୟାଳୟରେ ନାନା ସମାସ୍ୟାକୁ ନେଇ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି। ୩ବର୍ଷ ଧରି ବିବାଦୀୟ ଭାବେ ଏଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ ଭାରପ୍ରାପ୍ତ କୂଳପତି ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ମନମୁଖୀ କାର୍ଯ୍ୟ ଓ ବ୍ୟବହାରରେ ଅତିଷ୍ଠ ହେଉଛନ୍ତି ଛାତ୍ରଛାତ୍ରୀ।

**ଫାଟକରେ ତାଲା, ମାଲ୍ୟାର୍ପଣ ଦେଇ କାମ ସାରିଦେଲେ**
**ମୟୂରଭଞ୍ଜ ମହାରାଜାଙ୍କ ସହିତ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା**

ବାରମ୍ବାର ସ୍ଥାୟୀ କୁଳପତି ଓ ପ୍ରଫେସର ପଦବୀ ପୂରଣ ସହ ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିର ଦୁରୁପଯୋଗ ସହିତ ଅନେକ ସମସ୍ୟା ସମାଧାନ ପାଇଁ ଦାବି ହୋଇ ଆସୁଥିବା ବେଳେ ସରକାର ଏଥିପ୍ରତି ଧ୍ୟାନଦେବାକୁ ପ୍ରାକ୍ତନ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି।

ତେବେ ଆଜି ପ୍ରତିଷ୍ଠା ଦିବସରେ ଛାତ୍ରଛାତ୍ରୀ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ମାନ ଜଣାଇଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଠାତ୍ ପ୍ରତିଷ୍ଠା ଦିବସକୁ ସ୍ଥଗିତ ରଖିବା ସହଜରେ ଗ୍ରହଣ କରିପାରୁନାହାନ୍ତି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ। ଏହାର ତଦନ୍ତ ଦାବି କରାଯାଇଛି। ଛାତ୍ର ସାଇରଞ୍ଜନ ଲେଙ୍କା, ପ୍ରବୀଣ ପ୍ରଧାନମନ୍ତ୍ରୀ ଓ ପୁରାତନ ଛାତ୍ର ନେତା ଶଙ୍କର୍ଷଣ ପଣ୍ଡାଙ୍କ କହିବାନୁଯାୟୀ, ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସକୁ ଏପରି ପାଳନ କରାଯିବା ଦୁର୍ଭାଗ୍ୟ ଜନକ। ଜିଲ୍ଲାରେ ୨ଜଣ ମନ୍ତ୍ରୀ, ୨ଜଣ ସାଂସଦ, ୭ଜଣ ବିଧାୟକଙ୍କୁ ନିମନ୍ତ୍ରଣ ଦୂରରେ ଥାଉ ମୟୂରଭଞ୍ଜର ମହାରାଜା କିମ୍ବା ତାଙ୍କ ପରିବାରର କାହାକୁ ବି ସୌଜନ୍ୟମୂଳକ ନିମନ୍ତ୍ରଣ ପତ୍ରଟିଏ ଦେଇନାହାନ୍ତି। ଏହାକୁ ନେଇ ଆମେ ଆଜି ତାଲା ପକାଇଥିଲୁ ଏବଂ ନାର୍ଯ୍ୟ ଦାବି ପୂରଣ କରିବାକୁ କୁଳପତିଙ୍କ ନିକଟରେ ଦାବି ରଖିଥିଲୁ। ଏନେଇ ନଗରଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଦିନକୁ ଦନ ଏହି ବିଶ୍ୱବିଦ୍ୟାଳୟରେ ଅରାଜକତା ବୃଦ୍ଧି ପାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମହାରାଜାଙ୍କ ଦାୟଦ ସ୍ଥାନୀୟ ମହାରାଜାଙ୍କୁ ଡକରା ହେବନି ତାହା ଅପମାନ ବୋଲି ମୁଁ ମନେ କରୁଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି। ତେବେ ଏନେଇ କୂଳସଚିବ ଓ କୂଳପତି ଗଣମାଧ୍ୟମଙ୍କୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

## ସାପ କାମୁଡ଼ାରେ ଛାତ୍ର ମୃତ



ବାଳିକନ୍ଧ,୧୩।୭(ସମିସ): ଝୁମ୍ପୁରା ବ୍ଲକ ନଉଡା ପଞ୍ଚାୟତର କାଳିଆପାଳ ଡ୍ୟାମ ସାହିରେ ଘଟିଛି ଅଘଟଣ। ଶନିବାର ରାତି ଘରେ ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁକ୍ତ ଦୁଇ ଛାତ୍ର ଶରତ ନାଏକଙ୍କ ପୁଅ ଚନ୍ଦନ (୧୮)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ସକାଳେ ପ୍ରଥମ ଝୁମ୍ପୁରା ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ପଠାଯାଇଥିଲା। ହେଲେ କଟକ ଯିବା ପାଇଁ ପ୍ରସ୍ତୁତି କରୁଥିବା ସମୟରେ ଛାତ୍ରର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନ ଥାନା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ପୂର୍ବକ ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଲ୍ୟବିବାହ ରୋକିଲା ପୁଲିସ୍

ହାଟଡ଼ିହି,୧୩।୭(ସମିସ): ନନ୍ଦିପଦା ଥାନା ଅଧୀନରେ ଏକ ବାଲ୍ୟବିବାହ ହେବାକୁ ଯୋଜନା ଚାଲିଥିବା ବେଳେ ଏହାକୁ ରୋକିବାରେ ନନ୍ଦିପଦା ପୁଲିସ ସଫଳ ହୋଇଛି। ମରିଗାଁରେ ଜଣେ ୧୬ବର୍ଷୀୟା ନାବାଳିକାର ବିବାହ ପାଇଁ ରବିବାରକୁ ଧାର୍ଯ୍ୟ ହୋଇଥିଲା। ଏନେଇ ସିଡବ୍ଲୁସି ଓ ଲିଗାଲଏଡ ପାଖରେ ଅଭିଯୋଗ ହେଲା ପରେ ଶନିବାର ରାତି ପ୍ରାୟ ୯ଟା ବେଳେ ନନ୍ଦିପଦା ପୁଲିସ ସେହି ବ୍ୟକ୍ତିଙ୍କ ଘରେ ପହଞ୍ଚି ନାବାଳିକାର ପିତା ମାତାଙ୍କୁ ବୁଝାସୁଝା କରିବା ସହ ବିବାହ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ବାଳିକାର ପିତାମାତା ମଧ୍ୟ ବାହାଘର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ନନ୍ଦିପଦା ପୁଲିସ କହିଛି।

## ଦୁର୍ଘଟଣାରେ ମହିଳା ଗୁରୁତର

ଆନନ୍ଦପୁର, ୧୩।୭(ସମିସ): ନନ୍ଦିପଦା ଥାନା ଓରାଳୀ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ରେ ବିଦ୍ୟୁଲତା ପଲେଇ (୪୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଘସିପୁରା ବ୍ଲକ ଖଲଣା ଗ୍ରାମର ବିଦ୍ୟୁଲତା ନିଜ ସମ୍ପର୍କୀୟଙ୍କ ସହିତ ବାଇକରେ ଶଶୁର ଘର ମଧୁରଗଡିଆ ଗ୍ରାମକୁ ଯାଉଥିଲେ। ଓରାଳୀ ନିକଟରେ ଏକ ପରିବା ଭାରୁଆ ସହିତ ବାଇକ ଧକ୍କା ହେବାରୁ ମହିଳା ବାଇକରୁ ତଳକୁ ଖସି ପଡ଼ିଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ୨୨୦ ନମ୍ବର ଜାତୀୟ ରାଜପଥର ରଥପଦା ନିକଟରେ ଅଜଣା ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧ ହେଲେ କେଶିଆପାଳି ଗ୍ରାମର ଲକ୍ଷ୍ମୀଧର ନାଏକ। ରବିବାର ସନ୍ଧ୍ୟାରେ ସେ ମଲ୍ଲିପସିରୁ ସାଇକଲ ଯୋଗେ ଡିମାନାଳି ଗ୍ରାମକୁ ଫେରୁଥିବା ସମୟରେ ପାଟଣା ପଟୁ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛି।

## ନିଶା କାରବାରରେ ପୁଲିସ ଚଢ଼ଉ

ଯୋଡ଼ା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବନେଇକଳାର ଏକ ଚାରିଚକିଆ ଯାନ ଗ୍ୟାରେଜରେ ପୁଲିସ ଚଢ଼ଉ କରିଛି। ଗାଡ଼ି କାମ କରିବା ବାହାନାରେ ନିଶା କାରବାର ଚାଲିଆସୁଥିଲା। ପଲରେ ଅଚାନକ ପୁଲିସ ଦଳ ପହଞ୍ଚି ସଂପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲେ। ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ନିଶା ବେପାରୀମାନେ ନିଷିଦ୍ଧ ସିରପ କୋରେକ୍ସ ଆଣି ବେପାର କରନ୍ତି। କୋରେକ୍ସ ସିରପ ବୁହା ହେଉଥିବା ୩ଟି ଚାରିଚକିଆ ଗାଡ଼ିକୁ ପୁଲିସ ଜବତ କରିଛି। ପୁଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖିବା ସହ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ମହୁଲଡିହା,୧୩।୭(ସମିସ): ଠାକୁରମୁଣ୍ଡା ଥାନା ଅଧୀନ ଠାକୁରମୁଣ୍ଡା-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥ କେନ୍ଦୁଜିଆଣୀ ଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ କେନ୍ଦୁଜିଆଣୀ ହାଟସାହିର ସ୍ୱର୍ଗତ ଶ୍ରୀଧର ପାତ୍ରଙ୍କ ସ୍ତ୍ରୀ ପାର୍ବତୀ ପାତ୍ର(୬୫) ଭୋରୁ ଘରଠାରୁ ଅଳ୍ପ ଦୂରରେ ପ୍ରାତଃଭ୍ରମଣରେ ଯାଇଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ମୃତକଙ୍କ ଝିଅ ମିଲି ପାତ୍ର ଖବର ପାଇ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିବା ପରେ ଏଏସଆଇ ରତ୍ନାକର ବାରିକ ଅପମୃତ୍ୟୁ ମାମଲ ଦାଏର ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

## ବନ୍ୟାପାଣିରେ ବାଇକ୍ ଭାସିଗଲା

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ପୁରୁଣାପାଣି ରେଙ୍ଗାଲବେଡା ରାସ୍ତାର ପୁରୁଣାପାଣି ବିରଳ ନଦୀ ପୋଲ ଉପରେ ଯାଉଥିବା ସମୟରେ ବଢି ପାଣି ଆସିଯିବାରୁ ନୂଆବନ୍ଧ ଗ୍ରାମର ରଜତ ନାଏକ ବାଇକ ସହ ବନ୍ୟାପାଣିରେ ଭାସିଯାଇଥିଲେ। ରବିବାର ଅପରାହ୍ନ ୩ଟା ସମୟରେ ବିରଳ ନଦୀ ପୋଲ ଦେଇ ଘରକୁ ବାଇକ୍‌ରେ ଫେରିବା ସମୟରେ ଏହି ଅଘଟଣ ଘଟିଛି। ପରେ ଯୁବକ ଜଣକ ନିଜେ ପହଁରି ପହଁରି ଉଦ୍ଧାର ପାଇଥିବା ବେଳେ ବାଇକ୍‌ଟି ଭାସିଯାଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ହେଁ ଯୁବକ ଜଣଙ୍କ ନିଜେ ପହଁରି ପହଁରି ଉଦ୍ଧାର ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

## ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ତେଲକୋଇ, ୧୩।୭(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟରେ ଜନ ଔଷଧି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ତେଲକୋଇ ବ୍ଲକ ମୁଖ୍ୟାଳୟର ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଏହି ଜନ ଔଷଧି କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ସମସ୍ତ ଔଷଧ ୫୦%ରୁ ୯୦% କମ ମୂଲ୍ୟରେ ଉପଲବ୍ଧ ହେବାର ବ୍ୟବସ୍ଥା ରହିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପି ସତ୍ୟମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଓ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁଙ୍କ କରକମଳରେ ଏହି ଜନ ଔଷଧି କେନ୍ଦ୍ର ଉଦଘାଟନ କରାଯାଇଛି। ପରିଚାଳିକା ଭାବେ ସ୍ମୃତିରେଖା ମହାନ୍ତ ଦାୟିତ୍ୱ ନେଇଛନ୍ତି।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନିୟମିତତାର ତଦନ୍ତ ଦାବି

କେନ୍ଦୁଝର, ୧୩।୭(ସମିସ)




ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଶହୀଦ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ମହାବିଦ୍ୟାଳୟର ସ୍ୱାତନ୍ତ୍ର ବଜାୟ ରଖିବା ଓ ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ଭାବେ ସୁଲେଇଖମାକୁ ସ୍ଥାନାନ୍ତରିତ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ଏହା ନ ହେଲେ ନାଗରିକ ସମାଜ ଓ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ସହଯୋଗରେ ସୁରକ୍ଷା ମଞ୍ଚ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ହେଉଥିବାରୁ ତାକୁ ନ ବଢ଼ାଇବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ମଞ୍ଚ ବିଭିନ୍ନ ଅଭିଯୋଗ ଆଣି ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛି। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି, କେନ୍ଦୁଝର ଜିଲ୍ଲାର ଅତିଥି ଅଧ୍ୟାପକଙ୍କୁ ବହିଷ୍କାର କରି କଟକର ଏକ ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟର୍ ଅଧ୍ୟାପକଙ୍କୁ ବିପୁଳ ଅର୍ଥ କାରବାର କରି ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା, ପୂର୍ବରୁ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଦକ୍ଷ ଓଏସ ଅଫିସରଙ୍କ ସ୍ଥାନରେ ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେବା, ମର୍ଯ୍ୟାଦାଜନକ ସିଣ୍ଡିକେଟରେ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାବିତ୍‌ଙ୍କୁ ଅଣଦେଖା କରି ଜିଲ୍ଲା ଓ ରାଜ୍ୟ ବାହାରର ଶିଳ୍ପପତିଙ୍କୁ ମନୋନୀତ କରିବା, ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଭାବେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସ୍ଥାପିତ ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଆଦି ଅଭିଯୋଗର ତଦନ୍ତ କରାଯିବାକୁ ମଞ୍ଚ ସରକାରଙ୍କ ନିକଟରେ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଭରତଚନ୍ଦ୍ର ପାତ୍ର, ଆବାହକ ତଥା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ, କଲେଜର ପ୍ରଥମ ବ୍ୟାଚର ଛାତ୍ର ତଥା କେନ୍ଦୁଝର ସିଟିଜେନ ଫୋରମ୍ ଉପଦେଷ୍ଟା ଇଂଜିନିୟର ଲାଲମୋହନ ରାଉତ, ଅବସରପ୍ରାପ୍ତ କଲେଜ୍ ପ୍ରିନ୍ସପାଲ ଶିକ୍ଷାବିତ୍ ଡ. ବିପିନ ବିହାରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଶୋକ ଦାସ, କଲେଜ ୟୁନିୟନର ପୂର୍ବତନ ସଭାପତି ଦିଲ୍ଲୀପ ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ସତ୍ୟଜିତ ସାମନ୍ତରାୟ, ଶିକ୍ଷାବିତ ଡ. କ୍ଷୀରୋଦ ମିଶ୍ର, ସୁପରିଚିତ ଯୁବନେତା ଇଂଜିନିୟର ପ୍ରଶାନ୍ତ ଦଳେଇ, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ



କେନ୍ଦୁଝର, ୧୩।୭(ସମିସ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍, ହାଇଦ୍ରାବାଦର ମିଳିତ ଉଦ୍ୟମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ ''ଓଡିଶାର ଢିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' ପ୍ରକଳ୍ପ ଅଧୀନରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ଜଗମୋହନପୁର ଗ୍ରାମରେ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ, କେନ୍ଦ୍ର କୃଷି ବିଜ୍ଞାନ କେନ୍ଦ୍ର ଓ ବେସରକାରୀ ସଂସ୍ଥା ସେବକର ସହଯୋଗରେ ଏକ ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକୁ ପାରମ୍ପରିକ ପଦ୍ଧତିରେ ବଳଦ ଟଣା ଲଙ୍ଗଳ ସାହାଯ୍ୟରେ ଧାଡ଼ି ବୁଣା କରିବା ପାଇଁ ଏକରକୁ ୪ ହଳ ବଳଦ ଓ ହାରାହାରି ୧୦ ଜଣ ଲୋକ ଲାଗିବା ସହିତ ମଞ୍ଜି ସଠିକ ବ୍ୟବଧାନ ଓ ସଠିକ ପରିମାଣରେ ପଡ଼ି ନଥାଏ କିନ୍ତୁ ଏହି ଯନ୍ତ୍ର ସାହାଯ୍ୟରେ ଧାଡ଼ିକୁ ଧାଡ଼ି ୨୦-୨୨ ସେମି ଏବଂ ମଞ୍ଜିକୁ ମଞ୍ଜି ୧-୨ ସେମି ବ୍ୟବଧାନରେ ୧ ଘଣ୍ଟାରେ ୧ ଏକର ଜମିରେ ଏକରକୁ ୪ କେଜି ମଞ୍ଜି ହିସାବରେ ସଠିକ ଭାବରେ ବୁଣା ଯାଇ ପାରିବ। କାର୍ଯ୍ୟକ୍ରମରେ ଓୟୁଏଟିର ପୂର୍ବତନ ଗବେଷଣା ମୁଖ୍ୟ ତଥା ଇକ୍ରିସାଟ୍ କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡା. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗ ଦେଇଥିଲେ। କୃଷି ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ଼ା ସୁଚରିତା ପ୍ରଧାନ, ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ବୈଜ୍ଞାନିକ ଡା. ପ୍ରଶାନ୍ତ ମାଝୀ, ବିଶ୍ୱବିଦ୍ୟାଳୟର ଗବେଷଣା ସହାୟକ ଇଂ ଋଷିକେଶ ସାହୁ, ଏ.ଓ. ଲତାପ୍ରିୟା ଆଚାର୍ଯ୍ୟ, ଏପିସି ଏସ୍‌ଏମ୍‌ଏସ୍ ଶୁଭାଶିଷ ପାଣ୍ଡେ, ଭିଏଡବ୍ଲୁ ସିପୁନ ନାଏକ, ବେସରକାରୀ ସଂସ୍ଥା ସେବକ ସିଇଓ ସମିର ମିଞ୍ଜ, ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ।

## ଦୁଇ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡ଼ିହୀ,୧୩।୭(ସମିସ): ହାଟଡ଼ିହୀ ବ୍ଲକ ଢ଼େଙ୍କା ପଞ୍ଚାୟତ ମଟରାଗଡିଆସ୍ଥିତ ଉତ୍ତରେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ମଣ୍ଡଳ ଓ ସହକାରୀ ଶିକ୍ଷକ ପ୍ରସାନ୍ତ ମହାନ୍ତିଙ୍କୁ ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ସହକାରୀ ବ୍ଲକ ଶିକ୍ଷାଧିକାରୀ ଚତୁର୍ଭୁଜ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଛାତ୍ର ତଥା ଓଏଏସ ଅଫିସର ଡ ହରିହର ମହାପାତ୍ର, ମୁଖ୍ୟବକ୍ତା ଭାବେ ହାଟଡ଼ିହୀ ବ୍ଲକ ଏବିଇଓ ତଥା ବିଆରସିସି ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭାବେ ଢେଙ୍କା ପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀ, ଶିକ୍ଷକ ସଂଘର କର୍ମକର୍ତ୍ତା କାହ୍ନୁଚରଣ ମିଶ୍ର, ମହେନ୍ଦ୍ର ଶାସିନୀ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିବାଳା ଚକ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉଭୟ ଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ନିକଟକୁ ପାଛୋଟି ଅଣାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଳତା ଧନ୍ୟବାଦ ଅର୍ପଣ କରିଥିଲେ। ଅଭୟ ନାୟକ, ରବୀନ୍ଦ୍ର ନାୟକ, ହିମାଂଶୁ ନାୟକ, ସୁଧାଂଶୁ ନାୟକ, ମାନସ ନାୟକ, ଆକାଶ ନାୟକ, ରାମଚନ୍ଦ୍ର ସେଠୀ, ଅଲେଖ ସେଠୀ, ରତ୍ନାକର ପ୍ରଧାନ, ନାରାୟଣ ନାୟକ, ପ୍ରଦୀପ ସେଠୀ, ଅନାମ ନାୟକ, ମନୋଜ ନାୟକ, ରାଜେଶ କୁମାର ନାୟକ, ସତ୍ୟବ୍ରତ ସେଠୀ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିଲେ ସ୍ୱାଭିମାନୀ ମୟୂରଭଞ୍ଜିଆ

ବାରିପଦା,୧୩।୭(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ବନ୍ଦକୁ ନେଇ ମୟୂରଭଞ୍ଜବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ମେରୀ ମର୍ଜୀ ନୀତିକୁ ସବୁଠି ସମାଲୋଚନା କରାଯାଇଛି। ୨୮ ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ସବୁ ପ୍ରସ୍ତୁତି ସରିଥିବା ବେଳେ ଶେଷ ମୁହୂର୍ତ୍ତରେ ସ୍ଥଗିତ କରାଯାଇଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ନେତାଙ୍କ ଠାରୁ ସାଧାରଣ ଜନତା ବର୍ଷିଛନ୍ତି। ଅନିବାର୍ଯ୍ୟ କାରଣ ଦର୍ଶାଇ ଏହି ଉତ୍ସବକୁ ସ୍ଥଗିତ ରଖାଯାଇଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆମନ୍ତ୍ରିତ ଅତିଥି ଓ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ହଠାତ ଏଭଳି ସୂଚନା ପରେ ସାରା ଜିଲ୍ଲାରେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନିକୁ ମୟୂରଭଞ୍ଜବାସୀ ସମ୍ମିଳିତ ସ୍ୱରରେ ତୀବ୍ର ନିନ୍ଦା କରିଛନ୍ତି।



ଯେମିତି ସ୍ୱାଧୀନତା ଦିବସ ବା ସାଧାରଣତନ୍ତ୍ର ଦିବସକୁ ସ୍ଥଗିତ ରଖି ଅନ୍ୟ ଦିନରେ କରାଯାଇପାରିବ ନାହିଁ ଠିକ୍ ସେହିପରି ପ୍ରତିଷ୍ଠା ଦିବସ ଭଳି ସ୍ମରଣୀୟ ଦିନରେ ସମାରୋହକୁ ହଠାତ୍ ବନ୍ଦ କରାଯାଇଥିବାରୁ ମୟୂରଭଞ୍ଜବାସୀ ମର୍ମାହତ ହୋଇଛନ୍ତି। ଉଭୟ ଛାତ୍ର ସମାଜ ଓ ବୁଦ୍ଧିଜୀବୀ ନିଜର ଅସନ୍ତୋଷ ଝାଡିଛନ୍ତି। ତେବେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଭଳି ଗରୀମାମୟ ଦିବସକୁ ପ୍ରଥମ ଥର ପାଇଁ ପ୍ରତୀକାତ୍ମକ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇ ସ୍ୱାଭିମାନୀ ମୟୂରଭଞ୍ଜ ତରଫରୁ ବୁଦ୍ଧିଜୀବୀ ଓ ଛାତ୍ରନେତାମାନେ ସମ୍ମିଳିତ ହୋଇ ବିଶ୍ୱବିଦ୍ୟାଳୟ ପରିସରରେ ୨୮ ତମ ପ୍ରତିଷ୍ଠା ଦିବସକୁ ସାଙ୍କେତିକ ଭାବେ ପାଳନ କରିଛନ୍ତି। ଏହି ଅବସରରେ ସମସ୍ତ ବୁଦ୍ଧଜୀବୀ ଓ ଛାତ୍ର ସମାଜ ଫାଟକ ସମ୍ମୁଖରୁ ଶୋଭାଯାତ୍ରାରେ ଯାଇ ବିଶ୍ୱବିଦ୍ୟାଳୟ ବଞ୍ଚାଅ ସ୍ଲୋଗାନ ଦେବା ସହ କ୍ୟାମ୍ପସ ପରିସରରେ ଥିବା ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ୍ ଅର୍ପଣ କରିଥିଲେ। ବିଶିଷ୍ଟ ସମାଜ ସେବୀ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ବନଜା ମହାନ୍ତି ଯୋଗଦେଇଥିଲେ। ଯିଏକି ଭୂମି ଗୌରବ ଭାବେ ସମ୍ମାନିତ ହୋଇଥାନ୍ତେ। ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ପୂର୍ବତନ ଅଧ୍ୟକ୍ଷ ଡଃ କୁଞ୍ଜବନ ପୃଷ୍ଟି, ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ସୁନୀଲ କୁମାର ଜେନା, ଡଃ ଅକ୍ଷୟ କୁମାର ମହାନ୍ତି, ଡଃ ନିରୋଜ କୁମାର ପୋଥାଳ, ଆଇନଜୀବୀ ସୁଜାତା ମିଶ୍ର, ରଘୁନାଥ ପଣ୍ଡା, ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୋମନାଥ ସିଂହ, ସମାଜସେବୀ ବିକ୍ରମ କେଶରୀ ଜେନା, ସମାଜସେବୀ ସରୋଜ ସାହୁ, ସାଇ ପ୍ରକାଶ ମହାନ୍ତି, ସୁବୋଧ ପଲେଇ, ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଆର୍କିଟେକ୍ଟ ମନୋଜ କୁଅଁର, ରେଣୁବାଳା ରଥ, ସତ୍ୟାନନ୍ଦ ସେଜପଡ଼ା, ହିମାଂଶୁ ପ୍ରହରାଜ, ବିଶ୍ୱବିଜୟୀ ପଣ୍ଡା, କ୍ଷୀରୋଦ ପଣ୍ଡା, ପଙ୍କଜ ସି, କୌଶିକ ନାୟକ, ସତ୍ୟପ୍ରକାଶ ମହାନ୍ତ, ଚିତ୍ତରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ନାୟକ, ଅଭିଷେକ ଯାଦବ, ତାପସ ବେହେରା, ଲକ୍ଷ୍ମୀଧର ବାସ୍କେ, ସାମ୍ବାଦିକ ସଞ୍ଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀମାନେ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ପ୍ରତିଷ୍ଠା ଦିବସ ପାଳନ ପରମ୍ପରାରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବାରୁ ତୀବ୍ର ନିନ୍ଦା କରିଥିଲେ।

## ହୋ' ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କୁ 'ହୋ ଜ୍ଞାନବତୀ ସମ୍ମାନ'

ରାଇରଙ୍ଗପୁର,୧୩।୭(ସମିସ): ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ହୋ' ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କୁ 'ହୋ ଜ୍ଞାନବତୀ ସମ୍ମାନ'ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ପରିବର୍ତ୍ତନ ଏବଂ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ସମ୍ବର୍ଦ୍ଧିତ କରିଛନ୍ତି।



ଏହି ସମ୍ବର୍ଦ୍ଧନା ସଭାରେ ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡର ସର୍ବାଧିକ ନମ୍ବର ରଖି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରରେ ମୋଟ ୨୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମର ପୁରଧା ସାଜିଥିଲେ ହୋ' ଜ୍ଞାନବାଗାନ କର୍ମକର୍ତ୍ତା। ପରିଚାଳନାରେ ପୁନମ ପୂର୍ତ୍ତି, ବାବଲୁ ପୂର୍ତ୍ତି, ସୁନିଲ ସୁଣ୍ଡି, ଦୀପକ କୁମାର ସିଦୁ ଓ ମୁକେଶ ବାରଦା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗଦାନ କରିଥିଲେ। ଅତିଥିମାନେ ହୋ' ସମାଜର ମେଧାବୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମନ୍ତ୍ରୀଙ୍କ ଅଭିଭାଷଣରେ ମନ୍ତ୍ରମୁଗ୍ଧ ହୋଇଥିଲେ।

## 'ମିଳନୀ'ରେ ଭକ୍ତି ସାହିତ୍ୟ ଆସର

କେନ୍ଦୁଝର, ୧୩।୭(ସମିସ): ରବିବାର ଅପରାହ୍ନରେ ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦରେ ଭକ୍ତି ସାହିତ୍ୟ ଆସର ମିଳନୀର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଡ. ଚିତ୍ତରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। କଥାକାର ଶାନ୍ତନୁ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। କବି ଶ୍ରୀ ଚକ୍ରବର୍ତ୍ତୀ ଭକ୍ତିକୁ ସାହିତ୍ୟର ପ୍ରାଣାଧାର ଭାବରେ ଅଭିହିତ କରିଥିଲେ। କବୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କ ସଂଯୋଜନାରେ ମମତାରାଣୀ ଦାସ, ଇନ୍ଦୁମତୀ ପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଆର୍ଯ୍ୟବାଳା ମହାପାତ୍ର, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ଡ. ସୁମନ୍ତ୍ର ନାଏକ, ବିରଞ୍ଚି ସାମନ୍ତରାୟ, ରଙ୍ଗାଧର ବେହେରା, ଦେବଦର୍ଶନ ଦାଶ, ସରୋଜିନୀ ମିଶ୍ର, ଡା. ଭାରତୀ ବେହେରା, ବୀଣାପାଣି ଜେନା, ଜ୍ୟୋତ୍ସ୍ନା ପାଢ଼ୀ, ଲିପିକା ପଟ୍ଟନାୟକ, ଭାବିପ୍ରିୟା ସାହୁ, ରତ୍ନମଞ୍ଜରୀ ରାଉତ, ଧୃବାନନ୍ଦ ରାଉତ, ଦେବଦତ୍ତ ଦେହୁରୀ, ଚମ୍ପକେଶ୍ୱର ଜିତ୍, ପ୍ରତାପ କର୍ମକାର ପ୍ରମୁଖ ବହୁ ଭକ୍ତି କବିତା ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଡୁମୀ ସେନାର ସମ୍ବର୍ଦ୍ଧନା ସଭା

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭଉଁରପୁରଠାରେ ଓଡିଶା କୁଡୁମୀ ସେନା ତରଫରୁ ନବନିର୍ବାଚିତ ଓଷ୍ଟା କେନ୍ଦୁଝର ଜିଲ୍ଲା ଶିକ୍ଷକ ସଂଘ ସଭାପତି ମନ୍ମଥନାଥ ମହାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ଉପଦେଷ୍ଟା ବିରେନ୍ଦ୍ର ମହାନ୍ତ, ରତ୍ନାକର ମହାନ୍ତ, ବିନୋଦ ବିହାରୀ ମହାନ୍ତ, ରଘୁ ମହାନ୍ତ, ହୃଷୀକେଶ ମହାନ୍ତ, ସୁରେଶ ମହାନ୍ତ, ତ୍ରିନାଥ ମହାନ୍ତ, ଭରବ ମହାନ୍ତ, ବିପିନ ମହାନ୍ତ, ସଦର ବ୍ଲକ ସଭାପତି ରଘୁନାଥ ମହାନ୍ତ, ସାହରପଡ଼ା ସଭାପତି ଭୋଲାନଥ ମହାନ୍ତ, ଗୋପାଳ ମହାନ୍ତ, ଅଭିମନ୍ୟୁ ମହାନ୍ତ, ତୁଷାର ମହାନ୍ତ, ଟୁଟୁ ମହାନ୍ତ ଏବଂ ବଡ଼ପାହାଡ ସଂଗଠନର ସମ୍ପାଦକ ନକୁଳ ମହାନ୍ତ, ସମାଜସେବୀ ଦଶରଥ ମହାନ୍ତ, ନବକିଶୋର ମହାନ୍ତ, ସମାଜସେବୀ ରାଧାକାନ୍ତ ମହାନ୍ତି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହଦେବ ମହାନ୍ତ ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ ବିଶ୍ୱଜିତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଦଙ୍କ ଗାଁକୁ ନାହିଁ ରାସ୍ତା
# କଚ୍ଚା ରାସ୍ତାରେ କରୁଛନ୍ତି ଗମନାଗମନ





ରାଇରଙ୍ଗପୁର,୧୩।୭(ସମିସ): ରାଇରଙ୍ଗପୁର ବ୍ଲକ୍ ପ୍ରଶାସନର ଅଣଦେଖା ପାଇଁ ସହିଦ ନୁହୁରାମ ସୋରେନଙ୍କ ଗାଁକୁ ପକ୍କା ରାସ୍ତା ନଥିବା ବେଳେ ଦୁଇ କିଲୋମିଟର କଚ୍ଚାରାସ୍ତା ମରଣଯନ୍ତା ପାଲଟିଛି। କାଦୁଅ ପଚପଚ ରାସ୍ତା ପାଇଁ ଚମ୍ପାଉଦା ଗାଁ ଲୋକ ଗମନାଗମନ ବେଳେ ସମସ୍ୟା ଭୋଗୁଛନ୍ତି। ଉକ୍ତ ଗ୍ରାମରେ ୭୦୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପାଖାପାଖି ୩୦୦୦ରୁ ଅଧିକ ଲୋକ ବସବାସ କରନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ୨କିମି କାଦୁଅ ପଚପଚ ନାଳିମାଟିର ରାସ୍ତା ପାଲଟିଛି ଗ୍ରାମବାସୀଙ୍କ ଲାଇଫ୍ ଲାଇନ। ଏହି ରାସ୍ତା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପାଖ ରେଳଲାଇନ ଗଳାପୋଲରୁ ଗ୍ରାମ ପର୍ଯ୍ୟନ୍ତ କାଦୁଅ ପଚପଚ ରହିଛି। ଯାହାଫଳରେ ଗ୍ରାମବାସୀଙ୍କ ରାଇରଙ୍ଗପୁର ସହରକୁ ଯିବାକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ମଧ ଯାଇପାରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ମନୋରଞ୍ଜନ ହାଁସଦାଃ। ପ୍ରଶାସନକୁ ବାରମ୍ବାର ଅଭିଯୋଗ ପରେ ବି ଆମ କଥା କେହି ଶୁଣୁ ନାହାଁନ୍ତି। ତଥାପି ସରକାରଙ୍କ ରାହାକୁ ଅନେଇ ବସିଛୁ ବୋଲି ସେ କହିଛନ୍ତି। ଏହି ରାସ୍ତା ମାତ୍ର ଦୁଇ କିଲୋମିଟର ଏବଂ ବେଶି ଖରାପ ରହିଛି। ସରକାର ଯଦି ପକ୍କାରାସ୍ତା କରିଦିଅନ୍ତି ତେବେ ଲୋକେ ଉପକୃତ ହୁଅନ୍ତେ ବୋଲି ଲଳିତ କୁମାର ମହାନ୍ତ ଓ ପାଣ୍ଡବ ମାହାଳି କହିଛନ୍ତି। ରାସ୍ତାର ଦୂରାବସ୍ଥା ନେଇ ବାରମ୍ବାର ବ୍ଲକରୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସହିଦଙ୍କୁ ସମ୍ମାନ ଜଣାଇ ତଥା ଏହି ଗାଁକୁ ଯଥାଶୀଘ୍ର ପକ୍କାରାସ୍ତା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଓ ଯଜ୍ଞ ମହୋତ୍ସବ

ବିଶୋଇ,୧୩।୭(ସମିସ): ଲୁହାକାନି ହନୁମତ ବଜ୍ରଙ୍ଗୱାଲି ସେବା ସଂଗଠନ ଆନୁକୂଲ୍ୟରେ ବିଶୋଇ ବ୍ଲକ ଲୁହାକାନି ଗ୍ରାମରେ ଅବସ୍ଥିତ ଥିବା ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ ସହିତ ଶନିବାର ଉଭୟ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ସାମିଲ ହୋଇ ୧୦୮ ଗୋଟି କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ପୂଜାବିଧି ଅନୁସାରେ ଗୁରୁପୂଜା, ସୂର୍ଯ୍ୟପୂଜା, ଘଟପୂଜା ସହିତ ଯଜ୍ଞ ମଣ୍ଡପରେ ଯଜ୍ଞାରମ୍ଭ କରାଯାଇଥିଲା। ସେହିପରି ରବିବାର ସକାଳ ସମୟରୁ ଅପରାହ୍ନ ଯାଏଁ ହନୁମାନଙ୍କ ସିନ୍ଦୁରାଭିଷେକ, ଯଜ୍ଞ ଓ ସପ୍ତଶତିଚଣ୍ଡୀ ପାଠ ସହିତ ଧ୍ୱଜାରୋପଣ ହୋଇ ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତିରେ ପ୍ରାକ୍ତନ ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ସମେତ ନିକଟସ୍ଥ ଗ୍ରାମ ତଥା ବିଶୋଇ ଅଞ୍ଚଳର କୋଣ ଅନୁକୋଣରୁ ଶତାଧିକ ଶ୍ରଦ୍ଧାଳୁ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ କୃପାଲାଭ କରିଥିଲେ। ଯାଜପୁରରୁ ଆଗତ ମୁଖ୍ୟପୂଜକ ଶରତ ଚନ୍ଦ୍ର ଦାଶ, ସହଯୋଗୀ ଚନ୍ଦ୍ରକାନ୍ତ ଆଚାର୍ଯ୍ୟ ସମସ୍ତ ଯଜ୍ଞମଣ୍ଡପରେ ପୂଜାବିଧି କରିଥିବା ବେଳେ ପୀଠର ସ୍ଥାୟୀ ପୂଜକ ରବି ଦାସ ଓ ସହଯୋଗୀ ଦିଲୁ ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିରର ମୁଖ୍ୟ ଉଦ୍ୟକ୍ତା ସତ୍ୟନାଥ ବେହେରା, ତ୍ରୈଲକ୍ୟନାଥ ବେହେରା ଓ ଦିଲ୍ଲୀପ ନନ୍ଦଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ ତଥା ଲୁହାକାନି ଗ୍ରାମବାସୀଙ୍କ ସହଯୋଗରେ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

## ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ

କେନ୍ଦୁଝର, ୧୩।୭(ସମିସ): କେନ୍ଦୁଝର ସଦରମହକୁମାସ୍ଥ ହୋଟେଲ ଶ୍ରୀକ୍ରିଷ୍ଣା କନଫରେନ୍ସ ହଲରେ ଅଲ ଓଡ଼ିଶା ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ସଂଘରର କାର୍ଯ୍ୟକାରିଣୀ ବୈଠକ ସଚ୍ଚିଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାନ୍ତର କାର୍ଯ୍ୟନିର୍ବାହୀ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ସମୟରେ ବ୍ୟାଙ୍କ କର୍ମଚାରୀ ମାନଙ୍କ ଦାବି ସବୁକୁ କିପରି କର୍ତ୍ତୃପକ୍ଷ ପୂରଣ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ପାଦକ ପ୍ରବୀର ଘୋଷ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଜୟପ୍ରକାଶ ସିଂହ, ଉପ ସାଧାରଣ ସମ୍ପାଦକ ଅକ୍ଷୟ ପଟ୍ଟନାୟକ, କୋଷାଧକ୍ଷ ସଞ୍ଜୟ ସାହୁ ପ୍ରମୁଖ ବୈଠକ ସଞ୍ଚାଳନ କରିଥିଲେ,। ସର୍ବସମ୍ମତି ଭାବେ ବ୍ୟାଙ୍କ ସୁପରିଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ସହିତ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା।




ସକାଳ
THE SAKALA
www.sakalaepaper.com

# ଆଇପିଏସ୍ ସୋନାଲି ମିଶ୍ରା ଆର୍‌ପିଏଫ୍‌ର ପ୍ରଥମ ମହିଳା ଡିଜି

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ବରିଷ୍ଠ ଆଇପିଏସ୍ ଅଫିସର ସୋନାଲି ମିଶ୍ରା ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ପ୍ରଥମ ମହିଳା ମହା ନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩୧ରୁ ସେ ମନୋଜ ଯାଦବଙ୍କଠାରୁ ଏହି ଗୁରୁଦାୟିତ୍ୱ ବହନ କରିବେ। ଏହାକୁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ ଅନୁମୋଦନ ଦେଇଛି। ସୋନାଲି ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର। ଭାରତର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ବହନ କରିବେ। ସେ ଏବେ ମଧ୍ୟପ୍ରଦେଶ ପୁଲିସରେ ଆଡିସନାଲ ଡାଇରେକ୍ଟର ଜେନେରାଲ (ସିଲେକସନ) ଭାବେ କାର୍ଯ୍ୟରତ ଅଛନ୍ତି। ସୋନାଲି ପୂର୍ବରୁ ୨୦୨୧ ଜୁଲାଇରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍)ର ପ୍ରଥମ ମହିଳା କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପଞ୍ଜାବର ଭାରତ- ପାକିସ୍ତାନୀ ସୀମାରେ ନିୟୋଜିତ ଥିଲେ। କଶ୍ମୀର ଉପତ୍ୟକାରେ ମଧ୍ୟ ସେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ବିଏସ୍‌ଏଫ୍ ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ପିପିଏମ୍‌ଡିଏସ୍ (ପ୍ରେସିଡେଣ୍ଟ ପୁଲିସ ମେଡାଲ ଫର ଡିଷ୍ଟିଙ୍ଗୁଇସ୍ ସର୍ଭିସ) ଓ ପିଏମ୍‌ଏମ୍‌ଏସ୍ (ପୁଲିସ ମେଡାଲ ଫର୍ ମେରିଟୋରିୟସ ସର୍ଭିସ) ପୁରସ୍କାର ହାସଲ କରିଛନ୍ତି।



# ଆମେରିକାରେ ଗିରଫ ହେଲେ ୮ ଖଲିସ୍ତାନୀ ଆତଙ୍କବାଦୀ




**ଜଳନ୍ଧର,୧୩।୭(ଏଜେନ୍ସି):** ଭାରତରୁ ଫେରାର ହୋଇ ଆମେରିକା ଯାଇଥିବା କେତେଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦେଶର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇ ଗିରଫ କରିଛି। ଏଫ୍‌ବିଆଇ ଓ କେତେକ ସ୍ଥାନୀୟ ଏଜେନ୍ସି ଜୁଲାଇ ୧୧ରେ କାଲିଫର୍ଣ୍ଣିଆର ସେନ୍ ଜୋକ୍ୱିନ କାଉଣ୍ଟିରେ ବଡ଼ ଧରଣର ଚଢ଼ାଉ କରି ୮ ଜଣ ଖଲିସ୍ତାନୀ ଆତଙ୍କୀଙ୍କୁ ଗିରଫ କରିଛି। ଏହି ଆତଙ୍କୀମାନେ ହେଲେ ଦିଲପ୍ରୀତ ସିଂହ, ଅର୍ଶପ୍ରୀତ ସିଂହ, ଅମୃତପାଲ ସିଂହ, ବିଶାଳ, ପବିତ୍ର ସିଂହ ଓର୍ଫ ପବିତ୍ର ବାଟ୍‌ଲା, ଗୁରତାଜ ସିଂହ, ମନପ୍ରୀତ ରାନ୍ଧୱା ଓ ସରବଜିତ ସିଂହ। ଏମାନଙ୍କ ବିରୋଧରେ ଭିନ୍ନ ଭିନ୍ନ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଲିସ୍ତାନ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ୍ କରାଯିବା ପରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏମାନଙ୍କ ବିରୋଧରେ ଅପହରଣ, ନିର୍ଯାତନା, ଅପରାଧିକ ଷଡ଼ଯନ୍ତ୍ର, ସାକ୍ଷୀଙ୍କୁ ଭୟଭିତ କରାଇବା ଓ ଅନ୍ୟ ମାମଲା ରୁଜୁ କରାଯାଇଛି। ପବିତ୍ର ବାଟଲାକୁ ଗିରଫ କରାଯିବା ସବୁଠାରୁ ବଡ଼ ଘଟଣା ବୋଲି କୁହାଯାଇଛି। ସେ ବାବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡିତ ରହିଛି। ଏମାନେ ସବୁ ଅବୈଧ ଉପାୟରେ ଭାରତରୁ ଯାଇ ଆମେରିକାରେ ପ୍ରବେଶ କରିଥିଲେ ବୋଲି ଭାରତୀୟ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି।

■ ଇଣ୍ଡୋନେସିଆରେ ଅବୈଧ ଡ୍ରଗ୍ସ ଚାଲାଣ

# ୩ ଭାରତୀୟଙ୍କ ମୃତ୍ୟୁଦଣ୍ଡ ହାଇକୋର୍ଟରେ କାଏମ

**ଜାକର୍ତ୍ତା,୧୩।୭(ଏଜେନ୍ସି):** ଡ୍ରଗ୍ ତଥା ନିଶାଦ୍ରବ୍ୟ ଅବୈଧ ଚାଲାଣ ଅଭିଯୋଗରେ ୩ ଜଣ ଭାରତୀୟଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ ଇଣ୍ଡୋନେସିଆ ହାଇକୋର୍ଟ ବଜାୟ ରଖିଛନ୍ତି। ଏହି ୩ ଜଣ ଭାରତୀୟ ହେଲେ ରାଜୁ ମୁଥୁକୁମାରନ, ସେଲବଦୁରାଇ ଦିନାକରନ ଓ ଗୋବିନ୍ଦସ୍ୱାମୀ ବିମଲକନ୍ଦନ। ପୂର୍ବରୁ ଏହି ୩ ଜଣଙ୍କୁ ଗତ ଜୁନ୍ ୨୦ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୪ ଜୁଲାଇ ୪ରେ ଏହି ୩ ଜଣଙ୍କୁ ଇଣ୍ଡୋନେସିଆର ରିୟାଉ ଦୀପରେ ଗିରଫ୍ କରାଯାଇଥିଲା। ତାଞ୍ଜୁଂ ବାଲାଇ କରିମୁନ ଡିଷ୍ଟ୍ରିକ୍ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲା। ଏବେ ଏହାକୁ ହାଇକୋର୍ଟ ବଜାୟ ରଖିଛନ୍ତି। ଅବଶ୍ୟ ଭାରତ ଏହି ମାମଲାରେ ଆପତ୍ତି ଉଠାଇଛି। ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦୀପ ଚକ୍ରବର୍ତ୍ତୀ ଏ ନେଇ ନିଜର ମତ ରଖିଛନ୍ତି। ଇଣ୍ଡୋନେସିଆର ନ୍ୟାୟ ବ୍ୟବସ୍ଥା ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। କିନ୍ତୁ ଏହି ମାମଲାରେ ପ୍ରମାଣଗୁଡିକୁ ଭଲ ଭାବେ ଯାଞ୍ଚ କରାଯାଇନାହିଁ। ରେୟାର ଅଫ୍ ଦି ରେୟାରେଷ୍ଟ କେସ୍‌ରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ତେଣୁ ଏ ନେଇ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅମରନାଥ ଯାତ୍ରାରେ ଅଘଟଣ

# ପରସ୍ପରକୁ ଧକ୍କାଦେଲେ ୩ ବସ୍; ୧୦ ଆହତ

**ପହଲଗାମ,୧୩।୭(ଏଜେନ୍ସି):** ଅମରନାଥ ଯାତ୍ରା ୧୦ମ ଦିବସରେ ପହଞ୍ଚିଛି। ଯାତ୍ରା ବେଳେ ୩ଟି ବସ୍ ପରସ୍ପରକୁ ଧକ୍କା ଦେବା ଫଳରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବାଲଟାଲକୁ ଯାଉଥିବା ଥିବା ବେଳେ ୩ଟି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ତାଚଲୁ କ୍ରସିଂ ନିକଟ୍‌ରେ ଦୁର୍ଘଟଣା ହୋଇଥିଲା। ରବିବାର ଦଶମ ଦିବସରେ ମୋଟ୍ ୧୯,୦୨୦ ଶ୍ରଦ୍ଧାଳୁ ଅମରନାଥର ପବିତ୍ର ଗୁମ୍ଫାରେ ହିମ ଶିବଲିଙ୍ଗ ଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ଏକ ଲକ୍ଷ ୮୩ ହଜାର ଭକ୍ତ ଅମରନାଥ ଦର୍ଶନ କରିସାରିଛନ୍ତି। ଏହି ପବିତ୍ର ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଥିଲା ଓ ଏହା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ୭,୦୪୯ ଯାତ୍ରୀଙ୍କୁ ନେଇ ଦ୍ୱାଦଶ ପର୍ଯ୍ୟାୟର ଯାତ୍ରା ଭଗବତୀ ନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ ଦିନ



ଗୁରୁବାରରେ ୧୨୩୪୮, ଶୁକ୍ରବାର ୧୪୫୧୫, ଶନିବାର ୨୧୧୦୯, ରବିବାର ୨୧୫୧୨, ସୋମବାର ୨୩୮୫୭ ଭକ୍ତ ଦର୍ଶନ ପାଇଁ ଅମରନାଥ ପହଞ୍ଚିଥିଲେ।

କୋଟାରେ ଟ୍ରକ୍‌କୁ ପିଟିଲା ଟ୍ରାଭେଲର

# ଗୋଟିଏ ପରିବାରର ୪ ମୃତ, ୧୦ ଆହତ

**କୋଟା,୧୩।୭(ଏଜେନ୍ସି):** ରବିବାର ସକାଳେ ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଠିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ ମିନିବସ ତଥା ଟ୍ରାଭେଲର ଧକ୍କା ଦେଇଥିଲା। ଗ୍ରାମୀଣ କୋଟାର ବୁଦ୍ଧାଦିତ ଅଞ୍ଚଳରେ ଭୋର ୫ଟାରେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ଥିତି ଅତି ଗମ୍ଭୀର ବୋଲି କୁହାଯାଇଛି। ଚମ୍ବଲ ବ୍ରିଜ୍ ଉପରେ ଏହି ଟ୍ରକ୍ ଠିଆ ହୋଇଥିଲା। ଆହତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହ ଗୁଡିକୁ ମଧ୍ୟ ଏହି ହସ୍ପିଟାଲରେ ରଖାଯାଇଛି। ମଧ୍ୟପ୍ରଦେଶରୁ ଇନ୍ଦୋରୁ ବସ୍‌ରେ ଏହି ପରିବାର ରାଜସ୍ଥାନର କାରୁଲି



ଯାଉଥିଲେ। ଏକ ନିର୍ବନ୍ଧ ସମାରୋହରେ ଅଂଶଗ୍ରହଣ କରି ଏମାନେ ଘରକୁ ଫେରୁଥିଲେ। ରାତି ୯ଟାରେ ଏହି ବସ୍ ଇନ୍ଦୋରରୁ ବାହାରି ଥିଲା।

## ପାଟନାରେ ସ୍ୱଷ୍ଟ ଦିବାଲୋକରେ ଓକିଲଙ୍କୁ ଗୁଳି

# ୨୪ ଘଣ୍ଟାରେ ୪ ହତ୍ୟା

**ପଟନା,୧୩।୭(ଏଜେନ୍ସି):** ଅପରାଧୀଙ୍କ ଚରାଭୂଇଁ କୁହାଯାଉଥିବା ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଜଣଙ୍କୁ ହତ୍ୟା କରାଯାଇଛି। ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକିଥିବା ବେଳେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟୟକୁ ନେଇ ପ୍ରଶ୍ନ ଉଠିଛି ଓ ସାଧରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସ୍ୱଷ୍ଟ ଦିବାଲୋକରେ ଜିତେନ୍ଦ୍ର କୁମାର ମାହତୋ ନାମକ ଜଣେ ଓକିଲଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଛନ୍ତି। ପାଟନା ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ହୋଇଛି। ୫୮ ବର୍ଷୀୟ ଜିତେନ୍ଦ୍ର ଚା' ପିଇ ଫେରୁଥିବା ବେଳେ ତାଙ୍କୁ ଗୁଳି ହୋଇଥିଲା। ସଙ୍ଗେସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିଦିନ ସେହି ସ୍ଥାନକୁ ଚା ପିଇବାକୁ ଯାଉଥିବା ଜିତେନ୍ଦ୍ରଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଜଣାପଡ଼ିନାହିଁ। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୁଲତାନପୁର ପୁଲିସ ଏହି ଘଟଣା

**ଦୁର୍ବୃତ୍ତଙ୍କ ଶୀକାର ହେଲେ ପଶୁ ଡାକ୍ତର, ବ୍ୟବସାୟୀ**

ତଦନ୍ତ ଭାର ହାତକୁ ନେଇଛି। ତଦନ୍ତ ପାଇଁ ଫୋରେନସିକ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

ଏହାପୂର୍ବରୁ ଶନିବାର ସୀତାମାରି ଜିଲ୍ଲାର ବ୍ୟସ୍ତବହୁଳ ମେହସାଉଲ ଛକରେ ବ୍ୟବସାୟୀ ପୁଟୁ ଖାନ୍‌ଙ୍କୁ ଅତି ନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରାଯାଇଛି।

ସେହିପରି ପାଟନା ଜିଲ୍ଲାର ଶେଖପୁରା ଗାଁରେ ପଶୁ ଡାକ୍ତର ସୁରେନ୍ଦ୍ର କୁମାରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚାଷ ଜମିରେ ପାଣି ଦେବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ।

ଅନ୍ୟଏକ ଘଟଣାରେ ପାଟନାର ବିକ୍ରମ ଝା ନାମକ ଜଣେ ତେଜରାତି ଦୋକାନୀଙ୍କୁ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ରାମକୃଷ୍ଣ ନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ୨୪ ଘଣ୍ଟାରେ ଏଭଳି ୪ଟି ହତ୍ୟାକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ୪ ଜଣ ସଦସ୍ୟଙ୍କୁ ପଠାଇବାକୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ସରକାରୀ ଓକିଲ ତଥା ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ଉଜ୍ଜ୍ୱଳ ନିକମ୍ ସାମିଲ ରହିଛନ୍ତି। ନିକମ୍ ମୁମ୍ବଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମେତ ଏକାଧିକ ମାମଲାରେ ପବ୍ଲିକ ପ୍ରସିକ୍ୟୁଟର ଥିଲେ। ସେହିପରି କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ସି. ଚିଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ମୁମ୍ବଇର ହର୍ଷବର୍ଦ୍ଧନ ଶୃଙ୍ଗଲା ଏବଂ ଦିଲ୍ଲୀର ଇତିହାସକାର ତଥା ଶିକ୍ଷାବିତ୍ ମିନାକ୍ଷୀ ଜୈନ୍ ମଧ୍ୟ ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ରାଜ୍ୟସଭା ଯିବା ନିଶ୍ଚିତ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୮୦ (୩) ଅନୁସାରେ ରାଷ୍ଟ୍ରପତି ୧୨ଜଣଙ୍କୁ ରାଜ୍ୟସଭା ସଦସ୍ୟ ମନୋନୀତ କରିବାର ବ୍ୟବସ୍ଥା ରହିଛି।

# ଲଣ୍ଡନରେ ବିମାନ ଦୁର୍ଘଟଣା



**ଲଣ୍ଡନ,୧୩।୭(ଏଜେନ୍ସି):** ଲଣ୍ଡନର ଏସେକ୍ସସ୍ଥିତ ସାଉଥ୍‌ଏଣ୍ଡ ବିମାନ ବନ୍ଦରରେ ରବିବାର ଏକ ପ୍ୟାସେଞ୍ଜର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବିମାନଟି ବିଚ୍ ବି-୨୦୦ ମଡେଲର ଥିଲା ଓ ଏହା ନେଦରଲାଣ୍ଡସର ଲେଲିଷ୍ଟାଡକୁ ଯାତ୍ରା କରୁଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟି ଆକାଶରେ ଏକ ନିଆଁଗୋଳା ଭଳି ଦେଖାଯାଉଥିଲା। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁର୍ଘଟଣାର କାରଣ ନେଇ କିଛି ସୂଚନା ମିଳିନାହିଁ। ସ୍ଥାନୀୟ ସମୟ ଅପରାହ୍ଣ ୪ ଟା ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

ତୈଳବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

# ଜଳିଗଲା ୧୮ ବଗି

**ଚେନ୍ନଇ,୧୩।୭(ଏଜେନ୍ସି):** ତାମିଲନାଡୁର ଥିରୁଭାଲୁର ରେଲ ଷ୍ଟେସନ ନିକଟ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ମନାଲୀରୁ ଜୋଲାରକେଟ ବାଟ ଦେଇ କର୍ଣ୍ଣାଟକ ଯାଉଥିଲା। ଡିଜେଲକୁ ନେଇ ଯାଉଥିବା ଏହି ମାଲଗାଡି ଲାଇନଚ୍ୟୁତ ହେବା ଫଳରେ ୧୮ଟି ବଗି ଜଳିଯାଇଛି। ୫୨ଟି ବଗିରେ ଡିଜେଲ ଥିଲା। ସେଥିମଧ୍ୟରୁ ୪୦ଟି ଅଲଗା କରାଯାଇଛି। ଷ୍ଟେଶନ ଓ ଆଖପାଖ ଅଞ୍ଚଳକୁ ଖାଲି କରାଯାଇଛି ଓ ଏଲ୍‌ପିଜି ସିଲିଣ୍ଡରଗୁଡିକୁ ଦୂରକୁ ନିଆଯାଇଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି।ରବିବାର ସକାଳ ୫.୩୦ରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବା ନେଇ କାରଣ ସମ୍ପର୍କରେ ଏବେ କିଛି ସୂଚନା ମିଳିନାହିଁ। ଦମକଳର ଏକାଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା



ଅନୁଯାୟୀ ୧୦ଟି ଦମକଳ ଗାଡି ସହାୟତାରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ରେଳବାଇ ଓ ପୁଲିସ ରେଳ ଲାଇନ୍‌ରେ ଥିବା ଫାଟ ନେଇ ଯାଞ୍ଚ କରୁଛି।

ଅପରେସନ କାଳନେମୀ

# ୨୫୯ ନକଲି ବାବା ଗିରଫ

**ଡେରାଡୁନ,୧୩।୭(ଏଜେନ୍ସି):** ଅପରେସନ କାଳନେମୀ ଦ୍ୱାର ଉତ୍ତରାଖଣ୍ଡ ପୁଲିସ୍ ରାଜ୍ୟରେ ୨୫୯ ଜଣ ନକଲି ବାବାଙ୍କୁ ଗିରଫ କରିଛି। ଧର୍ମନାମରେ ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସ ସହ ଖେଳିବା ଅଭିଯୋଗରେ ଏମାନଙ୍କୁ ଗିରଫ



କରାଯାଇଛି ବୋଲି ପୁଲିସ କହିଛି। ଉତ୍ତରାଖଣ୍ଡକୁ ଦେବଭୂମି ବୋଲି ଅଭିହିତ କରାଯାଇଥାଏ। ଏବେ ଶ୍ରାବଣ ମାସ ଚାଲିଥିବା ବେଳେ କାଉଡିଆଙ୍କୁ ଭ୍ରମିତ କରିବାକୁ ଏହି ବାବାମାନେ ପ୍ରୟାସ କରୁଥିଲେ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସାରା ରାଜ୍ୟରେ ଲୋକଙ୍କୁ ଠକୁଥିବା ଏହି ନକଲି ସାଧୁବାବାମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅପରେସନ କାଳନେମୀ ବୋଲି କୁହାଯାଉଛି। ଗିରଫ ହୋଇଥିବା ବାବାମାନଙ୍କ ମଧ୍ୟରୁ ଏକାଧିକ ରାଜ୍ୟ ବାହରର ଓ ଜଣେ ବାଂଲାଦେଶର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କାଳନେମୀ ହେଉଛି ହିନ୍ଦୁ ପୁରାଣର ଏକ ଅସୁର ତଥା ରାକ୍ଷସର ନାମ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ସେ ବିଭିନ୍ନ ରୂପରେ ଦେଖା ଦେଇଛି। ରାମାୟଣରେ ସେ ମାରିଚର ପୁଅ ଓ ରାବଣର ମାମୁଁ ଥିଲା। ହନୁମାନଙ୍କୁ ରୋକିବା ପାଇ ତାକୁ ପଠାଯାଇଥିଲା। ମହାଭାରତରେ ସେ ଜଣେ ଶକ୍ତଶାଳୀ ଅସୁର ଥିଲା ଓ ତାକୁ ଭଗବାନ ବିଷ୍ଣୁ ତାରକାମୟ ଯୁଦ୍ଧରେ ବଧ କରିଥିଲେ। ପରେ ସେ କଂସ ରୂପରେ ଜନ୍ମ ନେଇଥିଲା ଓ କୃଷ୍ଣ ତାକୁ ମାରିଥିଲେ।

■ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ୨୦୨୪

# ସୁପର୍ ଲିଗ୍‌ରେ ୧୫ ସହର

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୪ର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଶ୍ରେଷ୍ଠ ୧୫ଟି ସ୍ୱଚ୍ଛ ସହରକୁ 'ସ୍ୱଚ୍ଛତା ସୁପର ଲିଗ୍'ରେ ସାମଲ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର, ସୁରତ, ନବୀ ମୁମ୍ବଇ ସମେତ ୧୫ଟି ସହରକୁ ସୁପର ଲିଗ୍‌ରେ ସାମିଲ କରାଯାଇଛି। ଜୁଲାଇ ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛତା ସର୍ଭେ ପୁରସ୍କାର ପ୍ରଦାନ କରିବେ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହି ଲିଗ୍‌ରେ ସାମିଲ ହୋଇଥିବା ସହରଗୁଡିକର ର୍‍ୟାଙ୍କିଙ୍ଗ୍ ତଥା ମାନ୍ୟତା ପ୍ରଦାନ କରାଯାଇନଥାଏ। କିନ୍ତୁ ସହରଗୁଡିକୁ ୧୨,୫୦୦ ଅଙ୍କର ସ୍କିମ୍ ବାବଦରେ ଅଙ୍କ ମିଳିବ। ସ୍ୱଚ୍ଛତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ଗୁଜରାଟର ଅହମଦାବାଦ୍ ପ୍ରଥମ ଓ ଲକ୍ଷ୍ନୌ ଦ୍ୱିତୀୟ ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସର୍ଭେ କମିଟିରେ ସ୍ଥାନ ପାଇଥିବା ଅଧିକାରୀ କହିଛନ୍ତି। ତେବେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ରାଷ୍ଟ୍ରପତି ପୁରସ୍କାର ଦେବା ଅବସରରେ ହିଁ ତାଲିକା ଘୋଷଣା କରାଯିବ ବୋଲି କୁହାଯାଇଛି।

# ସାମରିକ ମେଣ୍ଟ ନ କରିବାକୁ ଆମେରିକା, ଦ. କୋରିଆ ଓ ଜାପାନକୁ ରୁଷ୍‌ର ଚେତାବନୀ

**ପୋଙ୍ଗୟାଙ୍ଗ୍,୧୩।୭(ଏଜେନ୍ସି):** ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ ଶନିବାର ଆମେରିକା, ଦକ୍ଷିଣ କୋରିଆ ଓ ଜାପାନକୁ କଡ଼ା ଚେତାବନୀ ଦେଇଛନ୍ତି। ଉତ୍ତର କୋରିଆ ବିରୋଧରେ କୌଣସି ସାମରିକ ମେଣ୍ଟ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ଲାଭରୋଭ ଉତ୍ତର କୋରିଆ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି କିମ୍ ଜଙ୍ଗଙ୍କୁ ସାକ୍ଷାତ କରି ତାଙ୍କୁ ଭ୍ଲାଡିମୀର ପୁଟିନଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ଗତ କେତେବର୍ଷ ମଧ୍ୟରେ ରୁଷିଆ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ବେଶ୍ ଦୃଢ଼ ହୋଇଛି। ୟୁକ୍ରେନ ବିରୋଧରେ ଯୁଦ୍ଧ ଚାଲିଥିବା ବେଳେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବଦଳରେ ରୁଷିଆ ମଧ୍ୟ ଉତ୍ତର କୋରିଆକୁ ଅର୍ଥନୈତିକ ଓ ସାମରିକ ସହାୟତା ଯୋଗାଇ ଦେଉଛି। ଲାଭରୋଭ ଉତ୍ତର କୋରିଆ ବୈଦେଶିକ ମନ୍ତ୍ରୀ ଚୋଇ ସୋନଙ୍କୁ ମଧ୍ୟ ଭେଟିଛନ୍ତି। ଉତ୍ତର କୋରିଆର ଚାରିପଟେ ଜାପାନ, ଆମେରିକା ଓ ଦକ୍ଷିଣ କୋରିଆ ସେନା ଉପସ୍ଥିତିକୁ ଜୋରଦାର କରିଛି ଓ ସୈନ୍ୟ ସଂଖ୍ୟା ବଢ଼ାଇବାରେ ଲାଗିଛି ବୋଲି ସେ କହିଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସେ ଏହି ୩ଟି ଦେଶକୁ ସତର୍କ କରାଇଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ବିପକ୍ଷରେ ଚାଲିଥିବା ଯୁଦ୍ଧରେ ରୁଷିଆର ସମର୍ଥନ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ରୁଷ ଓ ଉତ୍ତର କୋରିଆ ମଧ୍ୟରେ ଗତବର୍ଷ ଏକ ସାମରିକ ଚୁକ୍ତି ହୋଇଥିଲା।

# ଯମୁନା ନଦୀରୁ ନିଖୋଜ ତ୍ରିପୁରା ଛାତ୍ରୀଙ୍କ ମୃତଦେହ ଉଦ୍ଧାର



**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ତ୍ରିପୁରାର ଜଣେ ୧୯ ବର୍ଷୀୟ ଝିଅ ଦିଲ୍ଲୀରେ ନିଖୋଜ ହେବା ୬ ଦିନପରେ ତାଙ୍କ ମୃତଦେହ ଯମୁନା ନଦୀରେ ମିଳିଛି। ଏହି ଝିଅ ହେଉଛନ୍ତି ଦକ୍ଷିଣ ତ୍ରିପୁରା ଜିଲ୍ଲାର ୧୯ ବର୍ଷୀୟା ସ୍ନେହା ଦେବନାଥ। ଉତ୍ତର ଦିଲ୍ଲୀର ଗୀତା କଲୋନ ଫ୍ଲାଏ ଓଭର ନିକଟରେ ଯମୁନା ନଦୀରୁ ତାଙ୍କୁ ମୃତହେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ସେ ଦକ୍ଷିଣ ଦିଲ୍ଲୀର ପର୍ଯ୍ୟାବରଣ କମ୍ପ୍ଲେକ୍ସରେ ରହୁଥିଲେ। ସ୍ନେହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆତ୍ମାରାମ୍ ସନାତନ ଧର୍ମ କଲେଜରେ ପଢୁଥିଲେ ଓ ଜୁଲାଇ ୭ରେ ଶେଷଥର ପାଇଁ ନିଜ ପରିବାର ସହ ଫୋନ୍‌ରେ କଥା ହୋଇଥିଲେ। ସେ ପିତୁଆନ ନାମକ ଜଣେ ବନ୍ଧୁ ସହ ସରାଇ ରୋହିଲା ରେଳ ଷ୍ଟେସନକୁ ଯାଉଛନ୍ତି ବୋଲି ଭୋର ୫.୫୬ରେ ମାଙ୍କୁ ଫୋନ କରି ଜଣାଇଥିଲେ। କିନ୍ତୁ ୮.୪୫ରେ ସ୍ନେହାଙ୍କ ମୋବାଇଲ ସ୍ୱିଚ୍‌ଅଫ୍ ହୋଇଥିଲା। କିନ୍ତୁ ସେ ପିତୁଆନାଙ୍କୁ ଦେଖା କରି ନଥିବା ପରେ ଜଣା ପଡିଥିଲା। ତେବେ ଜଣେ କ୍ୟାବ ଡ୍ରାଇଭର ସ୍ନେହାଙ୍କୁ ଦିଲ୍ଲୀର ସିଗ୍‌ନେଚର ବ୍ରିଜ୍‌ଠାରେ ଛାଡିଦେଇଥିବା କଥା ତାଙ୍କ ପରିବାର ଦାବି କରିଛନ୍ତି। କିନ୍ତୁ ଏହାପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ଘଟଣାର ତଦନ୍ତ ଚାଲୁରହିଛି।

# ପ୍ରେମିକ ସହ ବାରମ୍ବାର ପଳାଉଥିଲେ ପତ୍ନୀ

**ବିବାହ ବିଚ୍ଛେଦ ପରେ ଖୁସିରେ ୪ ବାଲ୍ଟି କ୍ଷୀରରେ ଗାଧୋଇଲେ ଯୁବକ**

**ଗୌହାଟୀ,୧୩।୭(ଏଜେନ୍ସି):** ଉତ୍ତରପୂର୍ବ ରାଜ୍ୟ ଆସାମରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିବାହ ବିଚ୍ଛେଦ ପରେ ଜଣେ ଯୁବକ ଖୁସିରେ ଆତ୍ମହରା ହୋଇ ୪ ବାଲ୍ଟି କ୍ଷୀରରେ ସ୍ନାନ କରିବା ସହ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ଓ ବହୁତ ଆନନ୍ଦିତ ଅଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ କ୍ୟାମେରାରେ ରେକର୍ଡିଂ କରିଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ତାଙ୍କ ପତ୍ନୀ ବାରମ୍ବାର ତା'ର ପ୍ରେମିକ ସହ ପଳାଇ ଯାଇଥିଲେ। କିନ୍ତୁ ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ଚୁପ୍ ରହୁଥିଲେ ବୋଲି ସେ କହିଛନ୍ତି। ଏହି ଯୁବକଙ୍କ ନାମ ହେଉଛି ମାନିକ ଅଲି। ତାଙ୍କ ପତ୍ନୀ ପୂର୍ବରୁ ମଧ୍ୟ ଦୁଇଥର ଘରଛାଡି ଚାଲିଯାଇଥିଲେ ବୋଲି ସ୍ଥାନୀୟ



ଲୋକେ କୁହନ୍ତି। ଶେଷରେ ଆପୋସ ବୁଝାମଣାରେ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଗତକାଲି ମୋ ଓକିଲ ଛାଡ଼ପତ୍ର ଫାଇନାଲ ହୋଇଛି ବୋଲି କହିଥିଲେ। ତେଣୁ ଆଜି କ୍ଷୀରରେ ସ୍ନାନ କରି ଖୁସି ମନାଉଛି ବୋଲି ମାନିକ କହିଛନ୍ତି। ଭାଇରାଲ ଭିଡିଓରେ ମାନିକ ନିଜ ଘର ବାହାରେ ଏକ ପ୍ଲାଷ୍ଟିକ୍ ସିଟ୍ ଉପରେ ଠିଆ ହୋଇଥିବାର ଦେଖାଯାଇଛି। ତାଙ୍କ ପାଖରେ ୪ ବାଲ୍ଟି କ୍ଷୀର ରଖାଯାଇଛି। ସେ ଗୋଟିଏ ପରେ ଗୋଟିଏ ବାଲ୍ଟିରୁ କ୍ଷୀର ଆଣି ଭିଡିଓରେ ସ୍ନାନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହାକୁ 'ସ୍ୱତନ୍ତ୍ରତା ଅର୍ଥାତ ସ୍ୱାଧୀନତା ଘୋଷଣା' କହୁଥିବା ବେଳେ ଆଉ କେତେକ ଏହାକୁ ନାଟକ ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜ୍ୟ ଓ ଦେଶରେ ଚର୍ଚ୍ଚା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ଧାର୍ମିକ ଯାତ୍ରା ଯୋଗ ଅଛି। କର୍ମ ଅନୁସାରେ ଫଳ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ବହୁ ଦିନର ଆଶା ପୂରଣ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬-କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।

## ରାଜ୍‌ଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ସାମନ୍ଥା



ସାଉଥ୍ ସିନେମା ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ। ସେ ଏବେ ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ପୁଣି ଥରେ ଚର୍ଚ୍ଚାରେ। ନିକଟରେ ସେ ଆମେରିକାରେ ଛୁଟି କାଟୁଥିବାର ଫଟୋ ସେୟାର୍ କରିଥିଲେ। ଏହି ଫଟୋଗୁଡ଼ିକରେ ସେ ରାଜ୍ ଓ ଅନ୍ୟ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଫଟୋରେ ସାମନ୍ଥା ରାଜ୍ ନିଦିମୋରୁଙ୍କ ସହ ଆମେରିକାର ଏକ ରାସ୍ତାରେ ବୁଲୁଥିବାର ଦେଖାଯାଇଥିଲେ। ତେବେ ଏହି ଫଟୋ ମାଧ୍ୟମରେ ସାମନ୍ଥା ରାଜ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଲୁଚାଇବାକୁ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ସାମନ୍ଥା କି ରାଜ୍ ଏଯାଏଁ କିଛି କହି ନାହାନ୍ତି। ସାମନ୍ଥାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ସିଟାଡେଲ: ହନିବନି'ରେ ଦେଖାଯାଇଥିଲେ।

## ଜନସଂଖ୍ୟା ପ୍ରତି ବିପଦ ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଚାକିରି ପ୍ରତି ବିପଦ ସୃଷ୍ଟି କରିବା ସମସ୍ତେ ଜାଣନ୍ତି। ତେବେ ଆଗାମୀ ଦିନରେ ଏଆଇର ପ୍ରଭାବ ମଣିଷ ଅସ୍ତିତ୍ୱ ଉପରେ ପଡ଼ିପାରେ ବୋଲି କୁହାଯାଉଛି। ଓକଲାହୋମା ଷ୍ଟେଟ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସୁଭାଷ କାକଙ୍କ ମତରେ, ଯଦି କୃତ୍ରିମ ବୁଦ୍ଧିମତ୍ତାର ଅଭିବୃଦ୍ଧି ଏହି ଗତିରେ ଜାରି ରହିବ, ତେବେ ୨୩୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦ କୋଟିକୁ ହ୍ରାସ ପାଇପାରେ। ସେହିପରି ଏହି ଧାରା ଯଦି ବଳବତ୍ତର ରହିବ, ଆଗାମୀ ଦିନରେ ଦୁନିଆର ବଡ଼ ବଡ଼ ସହର ନିଶ୍ଚିହ୍ନ ବା ଜନଶୂନ୍ୟ ହୋଇପାରେ। କାକ ଏହାକୁ ଅତ୍ୟନ୍ତ ଭୟାନକ ବୋଲି କହିଛନ୍ତି। ଏହାବାଦ୍ ଲୋକ ଏକଥା ବି ଜାଣିପାରୁ ନାହାନ୍ତି, ଏଆଇ କିଭଳି ଭାବେ ପ୍ରଭାବ ପକାଇବାକୁ ଯାଉଛି। ଏଆଇ ଆସିବା ଦ୍ୱାରା



କାମଧନ୍ଦା ସ୍ୱୟଂଚାଳିତ ହୋଇଯିବ। ଫଳରେ ଲୋକଙ୍କ ଆବଶ୍ୟକତା କମିବ। ଚାକିରି ସଂଖ୍ୟା ହ୍ରାସ ପାଇବ ଏବଂ ଲୋକେ ପରିବାରକୁ ଆଗକୁ ବଢ଼ାଇବାକୁ ପଛଘୁଞ୍ଚା ଦେବେ। ଯେତେବେଳେ ଏଆଇ ଲୋକଙ୍କ ସ୍ଥାନରେ କାମ କରିବା ଆରମ୍ଭ କରିବ, ସେତେବେଳେ ମଣିଷର ଆବଶ୍ୟକତା କେତେ ରହିବ ବୋଲି କାକ କହିଛନ୍ତି। ସେହିପରି ବିଶ୍ୱର କେତେକ ସ୍ଥାନରେ ଜନ୍ମସଂଖ୍ୟା ପୂର୍ବତୁଳନାରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜାପାନ, ଚୀନ୍, ୟୁରୋପ ଏବଂ ଦକ୍ଷିଣ କୋରିଆରେ ଜନସଂଖ୍ୟା ହ୍ରାସ ପାଇ ଚାଲିଛି। ଯଦି ସାରା ବିଶ୍ୱର ଜନସଂଖ୍ୟା ୧୦ କୋଟି ହୋଇଯିବ, ତେବେ ଲଣ୍ଡନ, ନ୍ୟୁୟର୍କ ଭଳି ସହର ଖାଲି ହୋଇଯିବ ଏବଂ ଧାତୁ ଓ ଯନ୍ତ୍ରପାତିରେ ପରିପୂର୍ଣ୍ଣ ହୋଇଯିବ। ଅନ୍ୟପଟେ କାକଙ୍କ କହିବାର ଅର୍ଥ ହେଉଛି, ଏଆଇର ପ୍ରଭାବ କେବଳ କାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ସମାଜ, ପରିବାର, ମାନବ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଆଇର ପ୍ରଭାବ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ଆମେ କିନ୍ତୁ ଏହାକୁ ଧ୍ୟାନ ଦେଉ ନାହାନ୍ତି।

## ୩୦ କୋଟି ଟଙ୍କା ଚାକିରି ପାଇଁ ମିଳୁନାହାନ୍ତି କର୍ମଚାରୀ

ସାଧାରଣତଃ ଅଧିକାଂଶ ଲୋକ ଏମିତି ଚାକିରି ଚାହାନ୍ତି, ଯେଉଁଥିରେ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡୁଥିବ ଏବଂ ଅଧିକ ଦରମା ମିଳୁଥିବ। ଏହି କ୍ରମରେ ଏମିତି ବି ଏକ ଚାକିରି ଅଛି, ଯେଉଁଥିରେ ଲୋକଙ୍କୁ ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ହେଲେ ବିଡମ୍ବନାର ବିଷୟ ହେଉଛି, ଚାକିରି ପାଇଁ ଲୋକ ମିଳୁ ନାହାନ୍ତି। ଅବଶ୍ୟ ଏହା ଏମିତି ଏକ ଚାକିରି ଯେଉଁଥିରେ କର୍ମଚାରୀଙ୍କୁ ବେଶୀ କିଛି କରିବାକୁ ପଡ଼ିବ ନାହିଁ। ଏହା ସତ୍ତ୍ୱେ ବି ଏହାକୁ ବିଶ୍ୱର ସବୁଠୁ କଷ୍ଟକର କାମ ବୋଲି କୁହାଯାଉଛି। ଏହି ଚାକିରିଟି ଇଜିପ୍ଟର ଫାରୋସ୍



ଦ୍ୱୀପରେ ଥିବା ଆଲେକଜାଣ୍ଡ୍ରିଆ ଲାଇଟ୍ ହାଉସ୍‌ରେ ଅଛି। ଏଠାରେ ବତିଘରର କିପର୍ ଭାବେ କାମ କରିବାକୁ ହେବ। ଏହି ଚାକିରି ଲାଗି ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ଚାକିରିର ବିଶେଷତ୍ୱ ହେଉଛି, ଏଠାରେ ନିଯୁକ୍ତ କର୍ମଚାରୀ ଜଣକ ନିଜ ଇଚ୍ଛା ଅନୁସାରେ ଶୋଇପାରିବେ। କିନ୍ତୁ ଗୋଟିଏ କଥା ଉପରେ ଦୃଷ୍ଟି ଦେବାକୁ ହେବ ଯେ, ଲାଇଟ୍ ହାଉସ୍‌ର ଲାଇଟ୍ ଯେମିତି ଜଳୁଥିବ। ସେହିପରି ବତିଘରେ କାମ କରୁଥିବା କର୍ମଚାରୀଙ୍କୁ ଏଠାରେ ଏକୁଟିଆ ହିଁ ରହିବାକୁ ପଡ଼ିବ। କାରଣ ଏହି ବତିଘର ସମୁଦ୍ର ମଝିରେ ରହିଛି। ତେଣୁ ଏଠାରେ ଦୂର ଦୂରାନ୍ତରୁ କୌଣସି ଲୋକ ନଜର ଆସନ୍ତି ନାହିଁ। ଏହାବାଦ୍ ଏଠାରେ ବଡ଼ ଧରଣର ଝଡ଼ ତୋଫାନ ଆସିଲେ କିପର୍‌ଙ୍କ ଜୀବନକୁ ବିପଦ ମଧ୍ୟ ରହିଛି। ଏହି ଚାକିରି ଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିଲେ ହେଁ, ଯାନ୍ତ୍ରିକ ଜ୍ଞାନ କୌଶଳ ଜାଣିଥିବା ଦରକାର। ଅନ୍ୟପକ୍ଷରେ ବଡ଼ ବଡ଼ ଜାହାଜକୁ ବାଟ ଦେଖାଇବା ପାଇଁ ଏହି ବତିଘରକୁ ନିର୍ମାଣ କରାଯାଇଥିଲା।

## ଶ୍ରାବଣରେ ଶିବ ଉପାସନା



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

**ଜଳବର୍ଷା:** ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

**ପ୍ରସନ୍ନ ମୁଦ୍ରାରେ ମହାଦେବ :** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ଆସ୍ଥା

## ରୁପା କଇଁଛ ମୁଦି ଧାରଣର ଲାଭ



**ବାସ୍ତୁ ଶାସ୍ତ୍ର ଏବଂ ଫେଙ୍ଗସୁଇରେ କଇଁଛକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଇଛି। କିଛି ଲୋକେ ଘରେ କଇଁଛ ମୂର୍ତ୍ତି ରଖୁଥିବା ବେଳେ ଆଉ କେହି କେହି କଇଁଛ ମୁଦି ହାତରେ ପିନ୍ଧୁଛନ୍ତି। ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, କଇଁଛ ମୁଦି ପିନ୍ଧୁଥିବା ଲୋକଙ୍କ ଉପରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ ରୁପା କଇଁଛ ମୁଦି ଧାରଣର କ'ଣ ରହିଛି ନିୟମ ଓ କେଉଁ ରାଶିଙ୍କ ପାଇଁ ଏହା ଶୁଭ, ସେ ସମ୍ପର୍କରେ ଜାଣିବା।**

### ଧାରଣର ନିୟମ

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସବୁବେଳେ ରୁପା କଇଁଛ ମୁଦି ଧାରଣ କରିବା ଉଚିତ।
- କଇଁଛ ପିଠିରେ 'ଶ୍ରୀ' ଚିହ୍ନ ଥିବା ଭଲ।
- ଧାରଣ ପୂର୍ବରୁ ଏହାକୁ ଗଙ୍ଗାଜଳ କିମ୍ବା ପଞ୍ଚାମୃତରେ ବିଶୁଦ୍ଧ କରନ୍ତୁ।
- ହାତର ମଝି ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦରକାର।
- କଇଁଛ ମୁଦିକୁ ସବୁବେଳେ ସଫା କରିବା ଉଚିତ।
- ଶୌଚାଳୟ ଯିବା ପୂର୍ବରୁ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- କୌଣସି ଅଶୁଦ୍ଧ ସ୍ଥାନକୁ ଏହାକୁ ପିନ୍ଧିକି ଯାଆନ୍ତୁ ନାହିଁ।

**କେଉଁ ରାଶି ପାଇଁ ଶୁଭ:** ରତ୍ନ ଶାସ୍ତ୍ର ଅନୁସାରେ, ବୃଷ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କଇଁଛ ମୁଦି ପିନ୍ଧିବା ଶୁଭ। ଏହାକୁ ଧାରଣ କରିବା ଦ୍ୱାରା ଅନେକ ଲାଭ ଏହି ରାଶି ଦ୍ୱୟକୁ ମିଳେ। ଧନ, ସୁଖ, ସମୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେଷ, ମୀନ, କନ୍ୟା ଏବଂ ବିଛା ରାଶି ଲୋକେ କଇଁଛ ମୁଦି ପିନ୍ଧିବା ଅନୁଚିତ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଏ।

## ଜାଣନ୍ତୁ



ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **'ଡାକୁଆ'**। ମନ୍ଦିରରେ ପାଳି ଖଟୁଥିବା ସେବକମାନଙ୍କୁ ଡାକି ସେମାନଙ୍କୁ ନିଜ କାର୍ଯ୍ୟରେ ହାଜର କରାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସେବକମାନଙ୍କୁ ଡାକି କାର୍ଯ୍ୟରେ ମୁତୟନ କରାଉଥିବା ବ୍ୟକ୍ତିଙ୍କୁ **ଡାକୁଆ** କୁହାଯାଏ।

## ବାସି ରୁଟି ଦାନ କରୁଥିଲେ...

**ଜ୍ୟୋତିଷ ଶାସ୍ତ୍ରରେ ଦାନର ଖୁବ୍ ମହତ୍ତ୍ୱ ଅଛି। ଏହି କ୍ରମରେ ଅନେକ ବାସି ଖାଦ୍ୟ ମଧ୍ୟ ଦାନ କରନ୍ତି। ତେବେ ବାସି ରୁଟି ଦାନ କରିବା ଠିକ୍ ନା ଭୁଲ, ସେ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।**

- ଖାଦ୍ୟ ଦାନ କରିବା ଶୁଭ କଥା। ହେଲେ କାହାକୁ ଅଇଁଠା କିମ୍ବା ବାସି ଖାଦ୍ୟ ଦାନ କରିବା ଅନୁଚିତ। ଏହାଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇ ନ ଥାଏ
- ବାସି ରୁଟି ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ନାଶ ହୁଏ।
- ବାସି ରୁଟି ଦାନ ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ। ଘରର ସଦସ୍ୟ ଅସୁସ୍ଥ ରହନ୍ତି।
- ଅଇଁଠା ବା ବାସି ଖାଦ୍ୟ ଦାନ କରନ୍ତୁ ନାହିଁ କି ଏହାକୁ ଫିଙ୍ଗନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଅନ୍ନ ପ୍ରତି ଅପମାନ ହୁଏ।
- ବାସି ରୁଟିରେ ଚିନି ମିଶାଇ ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ପିମ୍ପୁଡ଼ିକୁ ଖାଇବାକୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ।
- ବାସି ରୁଟିକୁ ଗାଈକୁ ଦିଅନ୍ତୁ। ଗୋ ସେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସେ। ବାସି ରୁଟିରେ ତେଲ ଲଗାଇ କୁକୁରକୁ ଖାଇବାକୁ ଦିଅନ୍ତୁ। ଶନି ଦୋଷ ଦୂର ହେବ।
- ବାସି ରୁଟି ଖଣ୍ଡକୁ ପକ୍ଷୀ ଦାନ କରିବା ବି ଶୁଭ।





# କ୍ରୀଡ଼ା



## ସିରିଜ ଜିତିଲା ଭାରତ




**ବର୍ମିଂହାମ, ୧୩।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚ୍‌କୁ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ଜିତିନେଇଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଟି-୨୦ ସିରିଜ ୩-୨ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୯୭ ରନ ଓ ୨୪ ରନ ଏବଂ ୪ର୍ଥ ମ୍ୟାଚକୁ ୬ ୱିକେଟ୍‌ରେ ଜିତିଥିଲା। ସେହିଭଳି ଇଂଲଣ୍ଡ ମଧ୍ୟ ୩ୟ ଟି-୨୦କୁ ୫ ରନରେ ଜିତିଥିଲା। ଶନିବାର ରାତିରେ ଖେଳାଯାଇଥିବା ୫ମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର୍ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୬୭ ରନ କରିଥିଲା। ଶେଫାଳି ୪୧ ବଲରେ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ୍ କୌର ୧୫, ରାଧା ଯାଦବ ୧୪, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଇଂଲଣ୍ଡର ଚାର୍ଲି ଡିନ ୩ ଓ ସୋଫି ଇକଲେଷ୍ଟୋନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର୍ ସୋଫି ଡଙ୍କଲେ (୪୬), ଡାନିଏଲ୍ ୱେଟ୍ (୫୬) ଓ ଅଧିନାୟିକା ଟାମି ବିଉମଣ୍ଟ (୩୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫ ୱିକେଟ୍ ହରାଇ ୨୦ ଓଭରର ଶେଷ ବଲରେ ବିଜୟୀ ହୋଇଥିଲା। ଶେଷ ଓଭରରେ ଜିତିବାକୁ ୬ ରନ ଆବଶ୍ୟକ ହେଉଥିବାବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ୱିକେଟ୍ ନେଇ ମ୍ୟାଚରେ ରୋମାଞ୍ଚ ଆଣିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

**୫ମ ଟି-୨୦ରେ ଇଂଲଣ୍ଡର ରୋମାଞ୍ଚକ ବିଜୟ**

### ତୃତୀୟ ଟେଷ୍ଟରେ ସୁନ୍ଦରଙ୍କ 'ସୁନ୍ଦର' ବୋଲିଂ

## ଭାରତ ଆଗରେ ୧୯୩ ରନ୍‌ର ଟାର୍ଗେଟ୍

**ଲର୍ଡ୍ସ,୧୩।୭ (ଏଜେନ୍ସି):** ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର (୪/୨୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ ରନ୍‌ରେ ଶେଷ ହୋଇଛି। ପୂର୍ବରୁ ଉଭୟ ଦଳ ପ୍ରଥମ ଇନିଂସରେ ସମାନ ୩୮୭ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ତୃତୀୟ ଟେଷ୍ଟ ଜିତିବାକୁ ଭାରତ ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶେଷ ଖବର ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୧ ୱିକେଟ୍‌ରେ ୯ ରନ୍ କରିନେଇଛି। ପୂର୍ବରୁ ଇଂଲଣ୍ଡ ଇନିଂସରେ ସୁନ୍ଦର ୪ଟି, ସିରାଜ ଓ ବୁମ୍‌ରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦଳପକ୍ଷରୁ କେହି ବଡ଼ ସ୍କୋର କରିପାରି ନ ଥିଲାବେଳେ ଜୋ ରୁଟ୍ ସର୍ବାଧିକ ୪୦, ଅଧିନାୟକ ବେନ୍ ଷ୍ଟୋକ୍ସ ୩୩, ହ୍ୟାରୀ ବ୍ରୁକ୍ ୨୩ ଓ ଜ୍ୟାକ୍ କ୍ରାଲୀ ୨୨ ରନ୍ କରିଥିଲେ। ଏହି ସିରିଜ୍‌ର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଓ ଏଜବାଷ୍ଟନରେ ଭାରତ ବିଜୟ ହାସଲ କରିଥିଲା। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।




**■ ରୁଟ୍-ଷ୍ଟୋକ୍ସଙ୍କ ଲଢୁଆ ପାର୍ଟନରସିପ୍**

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଦ୍ୱିତୀୟ ଇନିଂସ ଅତି ସତର୍କତାର ସହ ଖେଳିଥିଲା। ଭାରତର ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପ୍ରତିପକ୍ଷ ବ୍ୟାଟରଙ୍କୁ ଏକାଧିକଥର ବିଟ କରିଥିଲେ ମଧ୍ୟ ଭାଗ୍ୟ ସେମାନଙ୍କୁ ସାଥ୍ ଦେଇ ନ ଥିଲା। କିନ୍ତୁ ଷଷ୍ଠ ଓଭରରେ ସିରାଜ ଏକ୍ସପ୍ରେସ୍ ଓପନର ବେନ୍ ଡକେଟଙ୍କ ବୁମ୍‌ରା ହାତରେ କ୍ୟାଚ୍ କରାଇ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହି ସମୟରେ ଦଳୀୟ ସ୍କୋର ଥିଲା ୨୨ ଓ ଏହା ମଧ୍ୟରୁ ଡକେଟଙ୍କ ଯୋଗଦାନ ଥିଲା ୧୨। ଡକେଟଙ୍କ ଆଉଟ ପରେ ଇଂଲଣ୍ଡଙ୍କ ଜଣଙ୍କ ପରେ ଜଣେ ବ୍ୟାଟର ପାଭିଲିୟନ ଫେରିଥିଲେ। ଓଲି ପୋପଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ସିରାଜ ଦ୍ୱିତୀୟ ପୁରସ୍କାର ପାଇଥିଲେ। ୫୦ ରନ୍‌ରେ ଜ୍ୟାକ୍ କ୍ରାଲୀ ଓ ୮୭ ରନ୍‌ରେ ହ୍ୟାରୀ ବ୍ରୁକ୍ ଆଉଟ ହେବା ପରେ ଇଂଲଣ୍ଡ ବିପଦରେ ପଡ଼ିଥିଲା। ଏହି ସମୟରେ ଦଳର ଦୁଇ ବରିଷ୍ଠ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ ଲଢୁଆ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ବିପଦରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୪୦ ରନ୍ କରିଥିବା ରୁଟ୍‌ଙ୍କୁ ବୋଲ୍ଡ କରି ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏମାନେ ୬୭ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ପିଚ୍‌ରୁ ସହାୟତା ପାଇ ସୁନ୍ଦର ଆତଙ୍କ ଖେଳାଇଦେଇଥିଲେ। ଟି' ପୂର୍ବରୁ ସେ ବିପଜ୍ଜନକ ଜେମି ସ୍ମିଥ୍ (୮) ଓ ପରେ ଅଧିନାୟକ ଷ୍ଟୋକ୍ସ (୩୩)ଙ୍କୁ ଆଉଟ କରି ଏହି ଟେଷ୍ଟକୁ ଭାରତ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଏହି ୩ଜଣ ଅଭିଜ୍ଞ ବ୍ୟାଟରଙ୍କୁ ସୁନ୍ଦର ବୋଲ୍ଡ ଆଉଟ କରିଥିଲେ। ଶେଷରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୩ ରନ୍ ମଧ୍ୟରେ ବ୍ରାଇଡନ କାର୍ସ ଓ କ୍ରିସ ଓକ୍ସଙ୍କୁ ପାଭିଲିୟନ ଫେରାଇଦେଇଥିଲେ। ଶେଷରେ ସୋଏବ ବସିରଙ୍କୁ ବୋଲ୍ଡ କରି ସୁନ୍ଦର ଇଂଲଣ୍ଡ ଦ୍ୱିତୀୟ ଇନିଂସକୁ ଶେଷ କରିଦେଇଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ବୋଲ୍ଡ ହୋଇଥିଲେ। ଜଣେ ଖେଳାଳି ଏଲ୍‌ବିଡବ୍ଲ୍ୟୁ ଓ ଆଉ ଜଣେ କ୍ୟାଚ୍ ଆଉଟ ହୋଇଥିଲେ। ଭାରତ ଅତିରିକ୍ତରୁ ୩୨ ରନ୍ ବ୍ୟୟ କରିଥିଲା। ଏହା ମଧ୍ୟରେ ବାଇରୁ ୨୫ ରନ୍ ଦେଇଥିଲା। ନିୟମିତ ୱିକେଟ ରକ୍ଷକ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୨ଟି କ୍ୟାଚ୍ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର**
(ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର**
(ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର**
(ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରାଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

**୧୮ ବର୍ଷରୁ କମ୍ ଜାତୀୟ ରଗବୀ**

## ଓଡ଼ିଶା ବାଳକ ରନର୍ସ ଅପ୍



**ଭୁବନେଶ୍ୱର,୧୩।୭ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ବାଳକ ଦଳ ଉତ୍ତରାଖଣ୍ଡରେ ଆଜି ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିହାର ୧୭-୧୫ରେ ଓଡ଼ିଶାକୁ ପରାସ୍ତ କରି ଜାତୀୟ ରଗ୍‌ବୀରେ ପ୍ରାଧାନ୍ୟ ବିସ୍ତାର ଆରମ୍ଭ କରିଛି। ବାଳିକା ବିଭାଗରେ ମଧ୍ୟ ଓଡ଼ିଶା ରନର୍ସ ଅପ୍ ହୋଇଥିଲାବେଳେ ବିହାର ଚାମ୍ପିଅନ ହୋଇଥିଲା। କ୍ରମାଗତ ଭାବେ ବିହାର ଦଳ ରଗ୍‌ବୀରେ ଉନ୍ନତି କରି ଚାଲିଛି। ପୂର୍ବରୁ ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶାଠାରୁ ୨୨-୦ ଗୋଲରେ ଦିଲ୍ଲୀ ଓ ସେମିଫାଇନାଲରେ ୫୯-୦ ପଏଣ୍ଟରେ ତେଲଙ୍ଗାନା ପରାସ୍ତ ହୋଇଥିଲା। ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭଲ ଖେଳିଥିଲେ ମଧ୍ୟ ଟାଣୁଆ ଦଳକୁ ହରାଇବାରେ ଓଡ଼ିଶା ବିଫଳ ହୋଇଥିଲା। ରନର୍ସ ଅପ୍ ଓଡ଼ିଶା ଦଳରେ ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୁରଜ କୁମାର ଦୋରା, ଇଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ୍, ଭରତ କିସାନ, ଆତ୍ମା ମୁର୍ମୁ, ସୁଭାଷ ହାଁସ୍‌ଦା ଓ ଶୁଭପତି ନାଏକ ସାମିଲ ଥିଲେ। ଧୀରେନ ରାଉତ ଏହି ଟିମ୍‌ର ମ୍ୟାନେଜର ଓ ମୁନା ମୁର୍ମୁ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ସଭାପତି ପ୍ରିୟଦର୍ଶୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ୟୁଥ୍ ଟେଷ୍ଟରେ ଭାରତର ବିଶାଳ ସ୍କୋର

**ବେକେନହାମ୍, ୧୩।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଛି। ପ୍ରଥମ ଦିନରେ ୭ ୱିକେଟ୍‌ରେ ୪୪୨ ରନ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସରେ ଆଉ ୯୮ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ଅଧିନାୟକ ଆୟୁଷ ମହାତ୍ରେ ସର୍ବାଧିକ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ ଆମ୍ବ୍ରିସ ୭୦, ଅଭିଜ୍ଞ କୁଣ୍ଡୁ ୯୦, ରାହୁଲ କୁମାର ୮୫, ହେନିଲ ପଟେଲ ୩୮ ରନ କରିଥିଲେ। ବୋଲିଂରେ ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ରାଲଫି ଆଲବର୍ଟ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୪୦ ଓଭରରେ ୨ ୱିକେଟ୍ ହରାଇ ୧୭୮ ରନ କରିଛି। ଏହି ସମୟରେ ହମ୍‌ଜା ଶେଖ ୮୧ ଓ ରକି ଫ୍ଲିଣ୍ଟଫ ୫୯ ରନ କରି ଖେଳୁଛନ୍ତି। ହମ୍‌ଜା ୧୨୫ ବଲ୍‌ରୁ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ଭାରତକୁ ଲଢୁଆ ଜବାବ ଦେବାରେ ସମର୍ଥ ହୋଇଛନ୍ତି। ହେନିଲ ପଟେଲଙ୍କୁ ୨ଟି ଯାକ ୱିକେଟ୍ ମିଳିଛି।

**■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ**

## କ୍ୱାର୍ଟରରେ ରଘୁ ଓ ମାନସୀ



**ଭୁବନେଶ୍ୱର,୧୩।୭ (ସମିସ):** ପୁରୁଷ ବିଭାଗ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ୍ ଓ ମହିଳା ବିଭାଗରେ ଉତ୍ତରପ୍ରଦେଶର ଟପ୍ ସିଡ୍ ମାନସୀ ସିଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ସହ ଅନ୍ୟ ସିଡେଡ୍ ଖେଳାଳି ମଧ୍ୟ ଶେଷ-୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗ ଏକକରେ ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର, ହରିୟାଣାର ମନରାଜ ସିଂ, ପଞ୍ଜାବର ଅଭିନବ ଠାକୁର, ମଣିପୁରର ଅଣସିଡେଡ ଖେଳାଳି ମଇସ୍‌ନାମ ମେଇରବା, ୯ମ ସିଡ୍ ହରିୟାଣାର ରବି, ଦିଲ୍ଲୀର ଏସ୍ ଜିନପଲ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗର ଦ୍ୱିତୀୟ ସିଡ୍ ହରିୟାଣାର ଗୌତମ ଅରୋରା, ୫ମ ସିଡ୍ କର୍ଣ୍ଣାଟକର ତୁଷାର ସଭୀର ପ୍ରି-କ୍ୱାର୍ଟରରେ ପରାଜିତ ହୋଇଛନ୍ତି। ମହିଳା ଏକକରେ ଟପ୍ ସିଡ୍ ମାନସୀ ସିଂଙ୍କ ସହ ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ୫ମ ସିଡ୍ ଆନ୍ଧ୍ରର ସୁର୍ଯ୍ୟା ଚାରିସ୍ମା ତାମିରି, ଗୁଜରାଟର ଆୟେଷା ଗାନ୍ଧି, ମହାରାଷ୍ଟ୍ରର ଦିଲ୍ଲୀର ଦିଆଙ୍କା ୱାଲଦିଆ, ରାଜସ୍ଥାନର ସାକ୍ଷୀ ଫୋଗତ, କର୍ଣ୍ଣାଟକର ଇଲିଶା ପଲ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ବିଭାଗର ସେମିଫାଇନାଲ ଓ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

## ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଆଙ୍କ ଚମକ





**ଭୁବନେଶ୍ୱର, ୧୩।୭ (ସମିସ):** ପୁନେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକଦିବସୀୟ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସ୍-ଏ'ରେ ଭେଟେରାନ ଅମୀୟ ମଲ୍ଲିକ ୧୦.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ରେସ୍-ବି'ରେ ଅବିନାଶ ସାହୁ ୧୦.୭୭ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଲକ୍ଷ୍ମୀପ୍ରିୟା କିଶାନ ବାଜିମାତ୍ କରିନେଇଛନ୍ତି। ସେ ୨ ମିନିଟ୍ ୧୩.୭୧ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପରେ ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ମନୀଷା ମେରେଲ ଓ ଅନନ୍ୟା ସିଂ। ମନୀଷା ୫.୭୨ ମିଟର ଡେଇଁ ପ୍ରଥମ ଓ ଅନନ୍ୟା ୫.୧୨ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ (୨.୧୦ ମିଟର) ଓ ଲଙ୍ଗ ଜମ୍ପରେ ସରୂନ ପଦ୍ମସିଂହ (୭.୬୮ ମିଟର) ମଧ୍ୟ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି।

## ସ୍କୁଲ ଓପନ ଚେସ୍: ବିନୀତ ଚାମ୍ପିଅନ



**ଭୁବନେଶ୍ୱର,୧୩।୭ (ସମିସ):** ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଜେଇଏମ୍ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ ରାଉଣ୍ଡ ବିଶିଷ୍ଟ ଖେଳରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ତୃତୀୟ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟା ଅଦ୍ୱୈତ ଦାସ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରିନ୍ସିପାଲ ସନ୍ଧ୍ୟାରାଣୀ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଏପ୍‌ସିଲନ୍ ଫାଉଣ୍ଡେସନ ପକ୍ଷରୁ କୋର୍ଟ ଓ ପିଚ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୩।୭ (ସମିସ):** ଏପସିଲନ କାର୍ବନ ପ୍ରାଇଭେଟ୍ ଲିମିଟେଡର ସିଏସ୍‌ଆର୍ ଶାଖା, ଏପ୍‌ସିଲନ ଫାଉଣ୍ଡେସନ ଝାରସୁଗୁଡ଼ାର ବେରୁଣପଦି ଅଞ୍ଚଳରେ ନବନିର୍ମିତ ସ୍ପୋର୍ଟ୍ସ କୋର୍ଟ ଓ କ୍ରିକେଟ୍ ପିଚ୍ ଉଦ୍‌ଘାଟନ କରିଛି। ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ୍, ହକି ତୀରନ୍ଦାଜ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଏହି ଉଦ୍‌ଘାଟନ ଅବସରରେ ଏପସିଲନ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।


## ମେର୍ଟେନ୍ସ-କୁଦେରମେଟୋଭା ମହିଳା ଯୁଗଳ ଚାମ୍ପିଅନ

**ଲଣ୍ଡନ,୧୩।୭ (ଏଜେନ୍ସି)**

୮ମ ସିଡ୍ ବେଲଜିୟମର ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦେରମେଟୋଭା ୱିମ୍ବଲଡନ ମହିଳା ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ଚତୁର୍ଥ ସିଡ୍ ଲାଟଭିଆର ସି ସୁ-ୱେଇ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାରେ ଓଷ୍ଟାପେଙ୍କୋ-ସୁ-ୱେଇ ପ୍ରଥମ ସେଟ୍‌କୁ ୬-୩ରେ ଜିତିନେଇଥିଲେ। କିନ୍ତୁ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୪ରେ ଜିତିବା ସହ ଟାଇଟଲ କବ୍‌ଜା କରିନେଇଥିଲେ।

ଆଜି ପୁରୁଷ ଏକକ ଫାଇନାଲ୍‌ରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ କଡ଼ା ମୁକାବିଲା ଚାଲିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଆଲକାରାଜ ଏଠାରେ ଗତ ଦୁଇଥର ଜିତିଥିବାରୁ ଏଠାରେ ଢ଼େର ଅଭିଜ୍ଞତା ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଉଭୟ ଖେଳାଳିଙ୍କ ମଧ୍ୟରେ ଏହି ଫାଇନାଲ ମୁକାବିଲାକୁ ଦେଖିବା ଲାଗି ଟେନିସ କୋର୍ଟରେ ପ୍ରବଳ ଭିଡ ହୋଇଥିଲା।

ପୂର୍ବରୁ ଗତକାଲି ରାତିରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏକତରଫା ଭାବେ ମାତ୍ର ୫୭ ମିନିଟ୍‌ରେ ମହିଳା ଏକକ ଟାଇଟଲ ଜିତିନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ।


କାର୍ଲୋସ ଆଲକାରାଜ


ଜାନିକ ସିନ୍ନର

**ୱିମ୍ବଲଡନ**

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS